
ଶ୍ରଦ୍ଧାଞ୍ଜଳି
ବି.ବି. କଲେଜ, ବାଇଗଣ ବାଡିଆ, ମୟୂରଭଞ୍ଜ

# ଶ୍ରଦ୍ଧାଞ୍ଜଳି

ଅସତୋମା ସଦ୍‌ଗମୟ

ତମସୋମା ଜ୍ୟୋତିର୍ଗମୟ

ମୃତ୍ୟୁର୍ମା ଅମୃତମ୍ ଗମୟ

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ

ବି.ବି. କଲେଜ

ବାଇଗଣବାଡ଼ିଆ, ମୟୂରଭଞ୍ଜ

୨୦୦୬-୦୭

୨୦୦୭-୦୮

**ପ୍ରକାଶକ**

ଶ୍ରୀ ପ୍ରଦୀପ କୁମାର ରାଉତ, ଅଧ୍ୟକ୍ଷ

**ସମ୍ପାଦନା**

ଅଧ୍ୟାପିକା  ମଂଜୁଲତା ଦାଶ, ମୁଖ୍ୟ, ସଂସ୍କୃତ ବିଭାଗ

ଅଧ୍ୟାପକ ଅଭିମନ୍ୟୁ ମହାନ୍ତି, ମୁଖ୍ୟ, ଇଂରାଜୀ ବିଭାଗ

ଅଧ୍ୟାପକ ପରେଶ ଚନ୍ଦ୍ର ସାହୁ, ଓଡିଆ ବିଭାଗ

**ପ୍ରଚ୍ଛଦ**

ଶ୍ୟାମ ପଟ୍ଟନାୟକ

ମୋ- ୯୪୩୭୩୨୧୬୯୯

**ଡ଼ି.ଟି.ପି. / ମୁଦ୍ରଣ**

ଶ୍ରୀକୃଷ୍ଣ ପ୍ରେସ୍ ଏବଂ ଅଫ୍‌ସେଟ୍

ମଧୁବନ, ବାରିପଦା-୭୫୭୦୦୧

# ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ଶ୍ରୀ କମଲକୃଷ୍ଣ ସାହୁ + ୨ ଦ୍ୱିତୀୟ ବର୍ଷ ବିଜ୍ଞାନ

ଜନ୍ମ ତାରିଖ : ୨୧/୦୩/୧୯୯୧, ତିରୋଧାମ ତାରିଖ : ୨୨/୧୧/୨୦୦୭



✓ଶ୍ରୀ ଅଚ୍ୟୁତ କୁମାର ଦ୍ୱାରୀ + ୨ ଦ୍ୱିତୀୟ ବର୍ଷ ବିଜ୍ଞାନ

ଜନ୍ମ ତାରିଖ : ୨୦/୦୫/୧୯୯୧, ତିରୋଧାମ ତାରିଖ : ୨୨/୧୧/୨୦୦୭

## ସଂପାଦକୀୟ......

ଧନୁରୁ ତୀର ବାହାରିବା ପରି ମନରୁ ବିଚାର ନିର୍ଗତ ହୁଏ । ଶୁଭ ବିଚାରର ପରିଣାମରେ ଆମର ମନ ଧୀରେ ଧୀରେ ଉନ୍ନତ ହେବାରେ ଲାଗେ । ଆମେ ଶୁଭ, ସକାରାତ୍ମକ ଓ ରଚନାତ୍ମକ ବିଚାର ପ୍ରେରିତ କରୁଥିଲେ ଏହା ସବୁ ବୈଚାରିକ ଜଗତଦେଇ ଉଦ୍ଦିଷ୍ଟ ଲୋକଙ୍କ ପାଖରେ ପହଞ୍ଚେ । ରଚନାତ୍ମକ ବିଚାରର ତୀର ଲୋକମାନଙ୍କର ଆଶୀର୍ବାଦ, ସଦ୍‌ଭାବନା ଓ ଶୁଭକାମନା ନେଇ ପୁଣି ଆମ ପାଖକୁ ଫେରିଆସେ ଏବଂ ଆମର ମନ ଅଧିକତର ପ୍ରେରିତ, ପ୍ରସନ୍ନ ଓ ଉତ୍ସାହିତ ହୋଇଯାଏ । ଆମର ମାନସିକ ଅବସ୍ଥା ଉପରେ ସ୍ନାୟୁ ମାନଙ୍କର କ୍ରିୟାଶୀଳତା ନିର୍ଭର କରେ । ଆମର ବିଚାର ଶୁଭ ହେଲେ ସ୍ନାୟୁ ଖୋଲିଯାଏ । ବିପରୀତ ପକ୍ଷେ, ମନରେ କୌଣସି କୁବିଚାର ସଂଯୋଜିତ ହେବା କ୍ଷଣି ମୁହଁରେ ବିକୃତି ଫୁଟିଉଠେ । ଏଣୁ ପବିତ୍ର ବିଚାର ଓ ପବିତ୍ର ଭାବନା ହିଁ ବ୍ୟକ୍ତି ଆଦର୍ଶର ମୂଳପିଣ୍ଡ । ସ୍ୱାଧୀନତା ଆନ୍ଦୋଳନରେ ଅନେକ ଯୁବକ ସ୍ୱାମୀ ବିବେକାନନ୍ଦଙ୍କୁ ନିଜ ଆଦର୍ଶ ମନେକରି ରାଷ୍ଟ୍ର ସେବା ନିମନ୍ତେ ଆଗେଇ ଆସିଥିଲେ । ସେଥିମଧ୍ୟରୁ ଅନେକ ତାଙ୍କ ବ୍ୟକ୍ତିତ୍ୱକୁ ହୃଦୟରେ ଧାରଣ କରି ଜୀବ-ସେବା ନିମନ୍ତେ ବାହାରି ପଡିଥିଲେ । ଏମାନଙ୍କ ପ୍ରଚେଷ୍ଟା ଦ୍ୱାରା ରାମକୃଷ୍ଣ ମିସନ ମୁଣ୍ଡ ଟେକିଲା । ଯେଉଁମାନେ ସ୍ୱାମୀ ବିବେକାନନ୍ଦଙ୍କୁ ନିଜ ଆଦର୍ଶ ରୂପେ ଗ୍ରହଣ କଲେ ସେମାନେ ତାଙ୍କ ପରି ଜୀବନ ମଧ୍ୟ ଅବିବାହିତ କରିବାକୁ ସଂକଳ୍ପବଦ୍ଧ ହେଲେ । ଆଦର୍ଶକୁ ସ୍ୱୀକାର କରିବାର ଅର୍ଥ ହେଉଛି ତଦନୁରୂପ ଚିନ୍ତନ ଏବଂ ଜୀବନମୂଲ୍ୟକୁ ସ୍ୱୀକାର କରି ଜୀବନଶୈଳୀରେ ପବିତ୍ରତାର ସମାବେଶ କରିବା ।

ମନୁଷ୍ୟକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଥରେ ବିଧାତା ଜଣେ ଦେବଦୂତଙ୍କୁ ପଠାଇ କହିଲେ- ଯାହାର ଯାହା କାମନା ଅଛି, ତାହା ପୂରଣ କର । ବିଧାତାଙ୍କ ନିର୍ଦ୍ଦେଶରେ ଦେବଦୂତ ଅତ୍ୟନ୍ତ ତତ୍ପରତାର ସହିତ ନିଜ କାମରେ ଲାଗି ପଡ଼ିଲେ । ଅଗଣିତ ବ୍ୟକ୍ତି ଅନୁଦାନ ପାଇଲେ । କିନ୍ତୁ ପରିଣାମରେ କାହାରି କାନ୍ଦିବା ଅବା ଅନୁଶୋଚନା ବନ୍ଦ ହେଲା ନାହିଁ । ସଂକଟରୁ କାହାକୁ ମୁକ୍ତି ମଧ୍ୟ ମିଳିଲା ନାହିଁ । ଏ ପ୍ରକାର ଅସଫଳତା ଯୋଗୁଁ ମନୁଷ୍ୟ, ଦେବଦୂତ ଓ ବିଧାତା ସମସ୍ତେ କ୍ଷୁବ୍ଧ ହେଲେ । ଏହାର କାରଣର ଅନୁସନ୍ଧାନରୁ ଜଣାଗଲା ଯେ ମନୁଷ୍ୟ ଦୁର୍ଗୁଣଗ୍ରସ୍ତ । ସେମାନେ ଯାହା ପାଉଛନ୍ତି ତାର ସୁବିନିଯୋଗ ନକରି ତାହାକୁ ଅନାଚାରରେ ନିୟୋଜିତ କରୁଛନ୍ତି । ଫଳରେ ଦାରିଦ୍ର୍ୟ ଦୂର ହେଉନାହିଁ, ସଂକଟ ଯାଉନାହିଁ ।

ବିଧାତା ଦେବଦୂତଙ୍କୁ ଫେରାଇ ନେଇ ନିଜ ନିର୍ଦ୍ଦେଶର ପରିବର୍ତ୍ତନ କଲେ । ତଦନୁସାରେ କେବଳ କର୍ମଠ ତଥା ଆଚରଣ ଦ୍ୱାରା ନିଜ ଜୀବନଚର୍ଯ୍ୟାକୁ ସୁବ୍ୟବସ୍ଥିତ କରୁଥିବା ଲୋକମାନଙ୍କ ସେବା କରାଯିବ । କେବଳ ସଜ୍ଜନଙ୍କୁ ହିଁ ଦେବତାଙ୍କ ସାହାଯ୍ୟ ମିଳିବ । ଦୁର୍ଜନ ମନୁଷ୍ୟଙ୍କ ଗୁହାରି ଅଶୁଣା ଓ ନିରର୍ଥକ ହେବ । ସେହି ସମୟ ଠାରୁ ଆଜି ପର୍ଯ୍ୟନ୍ତ ସେ କ୍ରମ ଚାଲିଆସୁଛି ।

ସାଧକର ସଂକଳ୍ପ ଶକ୍ତି ହିଁ ତାକୁ ସର୍ଜନରେ ପରିଣତ କରେ, ସୁସଂଗଠିତ କଳ୍ପନା ମାଧ୍ୟମରେ ଜୀବନରେ ଅନ୍ତର୍ଦୃଷ୍ଟି ବିକଶିତ କରିବାକୁ ହେବ । ଉତ୍ତମ କଳ୍ପନାରେ ରମଣ କରି ମନୁଷ୍ୟ ନିଜ ପାଇଁ ସ୍ୱର୍ଗ ଗଠନ କରିପାରିବ । ନିଜର ଅନ୍ତର୍ଚ୍ଚେତନାରେ ସକାରାତ୍ମକ କଳ୍ପନାର ତୂଳିକା ଦ୍ୱାରା ଉଜ୍ଜ୍ୱଳ ଭବିଷ୍ୟତର ଚିତ୍ର ଅଙ୍କନ କଲେ ଜୀବନର ସାର୍ଥକତା ନିଶ୍ଚୟ ଉପଲବ୍ଧ ହେବ ।

ସାର୍ଥକ ଯୌବନ ହିଁ ଏକ ସାର୍ଥକ ଜୀବନର ସାର୍ବଭୌମ ସନ୍ଦେଶ ଯାହାର ଦୁର୍ଲଭ ମନ୍ତ୍ର ଶୁଣାଇଥିଲେ ସ୍ୱାମୀ ବିବେକାନନ୍ଦ ପ୍ରତ୍ୟେକ ଯୁଗର ଯୁବପୀଢ଼ିଙ୍କ ନିମନ୍ତେ- "ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ ।" ଅର୍ଥାତ୍ ଉଠ ! ଜାଗ ଆଉ ଅଟକିଯାଅ ନାହିଁ, ଯେ ପର୍ଯ୍ୟନ୍ତ ଜୀବନର ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚି ନାହଁ । ଏହି ସେହି ଅମର ସଙ୍ଗୀତ, ଯାହାକୁ ଗୀତା ନାୟକ ଶ୍ରୀକୃଷ୍ଣ ବିଭ୍ରାନ୍ତ ଅର୍ଜ୍ଜୁନଙ୍କୁ ଶୁଣାଇ କହିଥିଲେ- କ୍ଲୈବ୍ୟଂ ମା ସ୍ମଗମଃ ପାର୍ଥ..... ଅର୍ଜ୍ଜୁନ ! ନିବାର୍ଯ୍ୟ ହୁଅ ନାହିଁ । ଏହା ହିଁ ହେଉଛି ସେହି ଭାବ ସଂଗୀତ, ଯାହାର ପ୍ରେରଣା ପ୍ରତ୍ୟେକ ଐତିହାସିକ ସଂକଟରେ ଯୁବଶକ୍ତିର ଶୌର୍ଯ୍ୟ ଜାଗ୍ରତ କରିଆସିଛି ।

ମଂଜୁଲତା ଦାଶ
ସଂପାଦିକା



***ଅଧ୍ୟକ୍ଷଙ୍କ କଲମରୁ .....***

ସାଂପ୍ରତିକ ଯୁବପିଢ଼ି କୌଣସି କ୍ଷେତ୍ରରେ ଅପାରଗ ନୁହେଁ । ମାତ୍ର ସେମାନେ ବିଭ୍ରାନ୍ତ । ତଥାପି ସେମାନଙ୍କ ଠାରେ ହିଁ ତ ରହିଛି ଲୋକମାନ୍ୟ ତିଳକ ଅବା ସୁବାଷ ଚ଼ନ୍ଦ୍ର ବୋଷ ହେବାର କ୍ଷମତା । ତାଙ୍କ ଠାରେ ମଧ୍ୟ ରହିଛି ଆହ୍ୱାନକୁ ସମ୍ମୁଖୀନ ହେବାର ଶୌର୍ଯ୍ୟ । ଅନ୍ୟର ବେଦନା ଓ ବ୍ୟଥାକୁ ବୁଝିବାର କ୍ଷମତା ତଥା ଅନ୍ୟର ପୀଡ଼ା ପତନ ଓ ପରାଭବକୁ ସାମ୍ନା କରି ନିଜ ଭାବନାକୁ ସଂଯୋଜିତ କରିବାର ଦୃଢ଼ ସଂକଳ୍ପ ରହିଛି ଯୁବଶକ୍ତିର । ତେବେ ନିଜ ଜୀବନକୁ ସଠିକ୍ ଭାବରେ ଦେଖିପାରିବାର ଦୃଷ୍ଟିର ବିକାଶରେ ହି ସୃଷ୍ଟି ହୋଇପାରିବ ସାଂପ୍ରତିକ ଯୁବଜୀବନର ସାର୍ଥକ ଆନନ୍ଦ ।

ସାର୍ଥକ ଯୌବନପାଇଁ ଆଧ୍ୟାତ୍ମିକ ଦୃଷ୍ଟିର ଏକାନ୍ତ ଆବଶ୍ୟକତା ରହିଛି । ଆଧ୍ୟାତ୍ମିକ ଦୃଷ୍ଟିକୋଣର ଅର୍ଥ ମନର ସୁଉଚ୍ଚ ସୋପାନରେ ପ୍ରବେଶ କରିବା । ନିଜର ଦୃଢ଼ ସଂକଳ୍ପ, ସୂଚ଼ନା ସ ମନୋବଳ ଦ୍ୱାରାହିଁ ଆତ୍ମିକ ବିକାଶ ସମ୍ଭବପର । ଜୀବନର ନୈତିକ ଦିଗ ଗୁଡିକୁ ଉପଯୁକ୍ତ ଭାବରେ ହୃଦୟଙ୍ଗମ କରି ନିଜର ଅନ୍ତଃବେଦନାକୁ ପରିଶୋଧନ କରିବା ଦ୍ୱାରା ଜୀବନ ଶୃଙ୍ଖଳିତ ହେବ । ଆଧ୍ୟାତ୍ମିକ ଦୃଷ୍ଟିକୋଣକୁ ପ୍ରକଟ କରୁଥିବା ଏକ ସଂକ୍ଷିପ୍ତ ସାଧନା ହେଉଛି ନିଜ ଆତ୍ମାର ବିକାଶ । ଆତ୍ମାର ଯଥା ସମ୍ଭବ ସଦୁପଯୋଗ କରିବା ପାଇଁ ତଥା ଅନନ୍ତ ଚେତନ ତତ୍ତ୍ୱର ଯଥାର୍ଥ ଅଭିବୃଦ୍ଧି ନିମନ୍ତେ ଆମ ଆତ୍ମାରେ ଭରିଦିଆଯାଇଛି ମହାନ୍ ଶକ୍ତି । ନୈତିକତା ହେଉଛି ଜୀବନଶକ୍ତିର ସଂରକ୍ଷଣ ଓ ତା'ର ସଦୁପଯୋଗର ନୀତି ।

ଆଜିର ପରିସ୍ଥିତିରେ ବିଦ୍ୟାର୍ଥୀ ଏବଂ ସେମାନଙ୍କର ଅଭିଭାବକ ଉଭୟଙ୍କୁ ଏକଥା ବୁଝିବା ନିତାନ୍ତ ଆବଶ୍ୟକ ଯେ ଜୀବନ ଗଣିତ, ବିଜ୍ଞାନ, କଳା ବା ବାଣିଜ୍ୟ ପରୀକ୍ଷାରେ ସଫଳତା ହାସଲ କରି ଉଚ୍ଚ ଶ୍ରେଣୀର ନମ୍ବର ରଖିବାରେ ସୀମିତ ନୁହେଁ, ବରଂ ଏହାର ସୀମା, ବ୍ୟକ୍ତିତ୍ୱର ସଂପୂର୍ଣ୍ଣ ବିଶାଳତା ଓ ବ୍ୟାପକତା ମଧ୍ୟରେ ବିସ୍ତୃତ । ତେଣୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନ କରୁଥିବା ଯୁବକ ଓ ଯୁବତୀ ମାନଙ୍କ ପକ୍ଷରେ ନୈତିକତାର ସତ୍ୟତାକୁ ବୁଝିବା ଏକାନ୍ତ ଆବଶ୍ୟକ । ଆଉ ଗୋଟିଏ କଥା କୁହାଯାଇପାରେ ଯେ, ଜୀବନର ସାମଗ୍ରିକ ବିକାଶ ପାଇଁ ଯୋଗର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୋଗଦ୍ୱାରା ମାନବୀୟ କ୍ଷମତାର ଅଭିବର୍ଦ୍ଧନ ହେବା ସଂଗେ ସଂଗେ ଆଧ୍ୟାତ୍ମିକ ଚେତନାର ଅବତରଣ ମଧ୍ୟ ସମ୍ଭବପର । ଏ କ୍ଷେତ୍ରରେ ସରକାରଙ୍କ ଦ୍ୱାରା କଲେଜରେ ଯୋଗ ଶିକ୍ଷାର ପ୍ରଚଳନ ନିଶ୍ଚିତ ଭାବେ ପ୍ରଶଂସନୀୟ ଓ ସ୍ୱାଗତ ଯୋଗ୍ୟ । ଆମ ମଧ୍ୟରେ ଥିବା ସୁପ୍ତ ପ୍ରତିଭାର ଜାଗ୍ରତ ନିମିତ୍ତ ଯୋଗହିଁ ଜୀବନକୁ ବିକଶିତ କରିବାର ପ୍ରଥମ ପାହାଚ ।

ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ଆଗ୍ରହର ଫଳାଫଳ ସ୍ୱରୂପ ଅନୁଷ୍ଠାନ ଏ କ୍ଷେତ୍ରରେ ନିଶ୍ଚିତ ଭାବେ ସ୍ୱାବଲମ୍ବନଶୀଳ ହେବାକୁ ଯାଉଛି ପୂର୍ଣ୍ଣାଙ୍ଗ ଶିକ୍ଷାର ।

ଅଧ୍ୟକ୍ଷ
ବି.ବି. କଲେଜ, ବାଇଗଣବାଡିଆ

## STUDENTS' UNION - 2006-07



**Binod Das**
President,Students'Union



**Sapan Ku. Mishra**
V.P,Students'Union



**Anjan Ku. Patra**
Gen.Secy.,Students'Union



**Dasarath Hembram**
+2 Cultural Secy.



**Mandal Hembram**
+2 Asst. Cul. Secy.



**Abinash Hembram**
+2 Asst. Dramatic Secy.



**Jagadish Palbabu**
Winner of the Best Volunteer award in Inter College N.S.S. Camp-2006-07 and 2007-08 Organised by NOU



**Miss Madhusmita Deb Goswami**
Participated in the NSS Meet 2006-07 at New Delhi

## STUDENTS' UNION - 2007-08



**Subash Ku. Giri**
V.P,Students'Union



**Bajun Hansdah**
Gen. Secy, Students' Union



**Parbati Soren**
Asst. Athletic Secy,Students'Union



**Rasmita Mishra**
Asst. Gen. Secy Students' Union



**Prasandeep Mohanty**
+2 Cultural Secy.



**Sanjay Hembram**
Asst. Cul. Secy.



**Tapan Mohakud**
Asst. Dramatic Secy.



**Meghnad Hansdah**
Asst. D.S.A. Secy.

## ବାର୍ଷିକ ବିବରଣୀ

# ବି.ବି. କଲେଜ ଛାତ୍ର ସଂସଦ

## ନିର୍ବାଚିତ ଛାତ୍ର ସଂସଦ : ୨୦୦୬-୨୦୦୭

| | |
|---|---|
| ସଭାପତି | - ଶ୍ରୀ ବିନୋଦ ଦାସ |
| ଉପ-ସଭାପତି | - ଶ୍ରୀ ସପନ କୁମାର ଦାସ |
| ସଂପାଦକ | - ଶ୍ରୀ ଅଞ୍ଜନ କୁମାର ପାତ୍ର |
| ସଂପାଦକ ସାଂସ୍କୃତିକ ସଂସଦ | - ଶ୍ରୀ ଦଶରଥ ହେମ୍ବ୍ରମ |
| ସହ-ସଂପାଦକ ସାଂସ୍କୃତିକ ସଂସଦ | - ଶ୍ରୀ ମଣ୍ଡଳ ହେମ୍ବ୍ରମ |

## ନିର୍ବାଚିତ ଛାତ୍ର ସଂସଦ : ୨୦୦୭-୨୦୦୮

| | |
|---|---|
| ଉପ-ସଭାପତି | - ଶ୍ରୀ ସୁବାଷ କୁମାର ଗିରି |
| ସଂପାଦକ | - ଶ୍ରୀ ବାଡୁନ ହାଁସଦାଃ |
| ସହ-ସଂପାଦକ | - କୁମାରୀ ରଶ୍ମିତା ମିଶ୍ର |
| ସଂପାଦକ କ୍ରୀଡା ସଂସଦ | - କୁମାରୀ ପାର୍ବତୀ ସୋରେନ |
| ସଂପାଦକ ସାଂସ୍କୃତିକ ସଂସଦ | - ଶ୍ରୀ ପ୍ରସନ୍ନଦୀପ ମହାନ୍ତି |
| ସହ-ସଂପାଦକ ସାଂସ୍କୃତିକ ସଂସଦ | - ଶ୍ରୀ ସଞ୍ଜୟ ହେମ୍ବ୍ରମ |
| ସହ-ସଂପାଦକ କ୍ରୀଡା ସଂସଦ | - ଶ୍ରୀ ତପନ ମହାକୁଡ |
| ସହ-ସଂପାଦକ ଡି.ଏସ୍.ଏ. | - ଶ୍ରୀ ମେଘନାଦ ହାଁସଦାଃ |

# NSS REPORT - 2007-08

B.B. College, Baiganbadia has got 3 different units functioning effectively in adopted villages. Solo motto of these units is to uplift the social structure through selfless service of the volunteers with a view to mitigating the socio-economic problems and needs of the adopted villages. The Programme officers are Mr. JNSD Sachan, Mr. Sidhartha Bose and Dr.(Mrs.) Annapurna Dhal.

On 1st May, an awareness camp was organised to eradicate child labour. One of the NSS volunteer named Miss Madhusmita Dev Goswami of +3 1st Yr. Arts attended the NI Camp at New Delhi from 4th May on the eve of 150th Year celebration of 1st war of Independence.

On 7th August one orientation camp was organised in the college campus. On 15th August, Independence Day was celebrated. Plantation and gardening in the NSS garden performec. Competitions were organised.

On 24th September, NSS day was celebrated. A special camp was organised by kale unit - I under the guidance of Programme Officer Mr. J SD Sachan. Blood Donation camp was organised on 13th November in Collaboration with Lion's Club about 50 student volunteers and staff donated blood on this auspicious occassion.

A really was organised on AIDS Day i.e. 1st December National Youth Day was celebrated in college on 12th January -08. Ten students volunteers participated in a Rally and Personality Development camp at Vivekananda Kendra, Baripada. On 23rd January-08. Netaji Jayanti was celebrated on 26th January-08. Republic Day was celebrated usual programme were held under the guidance of PET Mr. C.C. Dandapat- Principal Mr. P.K. Rout, Mr. JNSD Sachan, Mr. S. Bose also present on this occassion. Kitchen garden was made in the college campus. 6 student voluteers participated in a inter college camp at Chitrada college from 22nd January to 31 January-08. Mr. Jagadish Palbabu was declared as best volunteer for second consecutive time.

# -: ସୂଚୀପତ୍ର :-

## ପ୍ରବନ୍ଧ ଓ ଗଳ୍ପ ବିଭାଗ


| କ୍ର:ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ଏ ସୃଷ୍ଟି ଅମୃତମୟହେ | ଅଧ୍ୟାପିକା ସଂଘମିତ୍ରା ନାଏକ | ୧ |
| ୨. | ସେବାର ମହତ୍ତ୍ୱ | ଅଧ୍ୟାପକ ଜ୍ୟୋତିନ୍ଦ୍ରନାଥ ସଂଦେବ ସଢ଼ାନ୍ | ୨ |
| ୩. | ଗୁରୁ ମହିମା | ଅଧ୍ୟାପିକା ମଂଜୁଲତା ଦାଶ | ୪ |
| ୪. | ଏ ମନ ଖୋଜୁଥାଇ ଯାହା | ଅଧ୍ୟାପକ ପରେଶ ସାହୁ | ୬ |
| ୫. | ଉପଭୋଗ | ମାନସ କୁମାର ମହାପାତ୍ର | ୧୩ |
| ୬. | ରଥଯାତ୍ରା | | ୧୫ |
| ୭. | ନିର୍ମଳ ମନ ହିଁ ଭଗବତ୍ ପ୍ରାପ୍ତି | ସତ୍ୟରଞ୍ଜନ ଦାଶ୍ | ୧୬ |
| ୮. | ରାଜନୀତି | ଶ୍ରୀ ଚାମ୍ପାଇରାମ ସୋରେନ୍ | ୧୮ |
| ୯. | ବିଦ୍ୟାହିଁ ସମ୍ପଦ | ଗଣେଶ ବେହେରା | ୨୦ |
| ୧୦. | ସବୁ କିଛି ଇଶ୍ୱରଙ୍କ ଦାନ | ମମିତା ରଣା | ୨୧ |
| ୧୧. | ଅପେକ୍ଷା | ରଶ୍ମିତା ମିଶ୍ର | ୨୩ |
| ୧୨. | ପ୍ରେମ ହିଁ ସବୁ କିଛି | ସୁରୁକାନ୍ତ ଧୀର | ୨୪ |
| ୧୩. | ଯାଦୁ ଦିଆସିଲିର କାହାଣୀ | ଉତ୍ତମ କୁମାର ଦାଶ୍ | ୨୬ |
| ୧୪. | ସେଇ ମୁହୂର୍ତ୍ତ | ସନୁ କୁମାର ମାଣ୍ଡି | ୨୮ |
| ୧୫. | ଏଇ ବୋଧେ ପ୍ରେମ | ଜନାର୍ଦନ ମହାନ୍ତ | ୩୧ |


## କବିତା ବିଭାଗ


| | | | |
|---|---|---|---|
| ୧. | ମୋ ପ୍ରିୟ କମ୍ପୁଟର | ସ୍ୱାତୀ ସୁଚରୀତା ଦାସ | ୩୫ |
| ୨. | ଶେଷ ଚିଠି | ସମ୍ପୂ କାର୍ଜୀ | ୩୫ |
| ୩. | ସଂଜ୍ଞା | ଦେବଜାନୀ ଆଚାର୍ଯ୍ୟ | ୩୫ |
| ୪. | ହୋଇଥାନ୍ତି କି ମୁଁ | ଦେବଶ୍ରୀ ଛାଟିଆ | ୩୬ |
| ୫. | ଅବୁଝା ମନ | ଶତାବ୍ଦୀ ବେହେରା | ୩୬ |
| ୬. | ବିଦାୟ ବେଳା | ଆନନ୍ଦଚନ୍ଦ୍ର ଗିରି | ୩୬ |

| କ୍ର:ନଂ. | ବିଷୟ | ଲେଖକ/ ଲେଖିକା | ପୃଷ୍ଠା |
|---|---|---|---|
| ୭. | କେବଳ ତୁମେ | ଦୀପକ କୁମାର ବିଶ୍ୱାଳ | ୩୭ |
| ୮. | ତୁମେ ପଚାରିଲ | ବରୁଣ କୁମାର ଆଚାର୍ଯ୍ୟ | ୩୭ |
| ୯. | ପ୍ରେମ | ରାଜକୁମାର ପ୍ରଧାନ | ୩୭ |
| ୧୦. | ଆଉ ନୁହେଁ | ସୁରେଖା ନାଥ | ୩୭ |
| ୧୧. | ସ୍ମୃତି | ରଶ୍ମିରେଖା ଫନ୍ଦୁକାର | ୩୭ |
| ୧୨. | ପରହିତ | ଅନିନ୍ଦିତା ମହାନ୍ତି | ୩୮ |
| ୧୩. | ଖରାଛୁଟି | ଦିପକ କୁମାର ମହାନ୍ତ | ୩୮ |
| ୧୪. | ବାଡ଼ି ବଗିଚାରେ ଆମ ଡ଼ାକ୍ତର | ଗୀତାଞ୍ଜଳି ସେନ୍ | ୩୯ |
| ୧୫. | ନୂତନ ବର୍ଷର ଅଭିନନ୍ଦନ | ସୁଶାନ୍ତି ମୁର୍ମୁ | ୩୯ |
| ୧୬. | ଏକ ନଦୀ-ଦୁଇଧାର | ଗଣେଶ ବେହେରା | ୪୦ |
| ୧୭. | ମା' ପରି କିଏ ହେବ | ଦେବାଶିଷ ନାଥ | ୪୦ |
| ୧୮. | ତୁମକୁ | ରଶ୍ମିତା ମିଶ୍ର | ୪୧ |
| ୧୯. | ଭାବନା | ପିଲ୍‌ଟୁ ହାଁସଦାଃ | ୪୧ |
| ୨୦. | ତୁମେ | ସୁଦାମ ଚନ୍ଦ୍ର କର | ୪୨ |
| ୨୧. | ପରାଜୟ ମୋ ସ୍ୱପ୍ନର | ନନ୍ଦିନୀ ବେହେରା | ୪୨ |
| ୨୨. | ପଣତକାନି | ତପନ କୁମାର ସିଂ | ୪୨ |
| ୨୩. | ଶୀତ | ସୁଚିସ୍ମିତା ରାଉତ | ୪୩ |
| ୨୪. | ମା | ଲତିକା ନାଥ | ୪୩ |
| ୨୫. | ଏ ଦୁନିଆ | ଭାଗୀରଥି ଟୁଡୁ | ୪୩ |
| ୨୬. | କଲେଜ ଇଲେକସନ୍ | ମଣ୍ଡଳ ହେମ୍ବ୍ରମ | ୪୪ |
| ୨୭. | ଏକ୍ସାମିନେସନ୍ ଏ କ୍ରିକେଟ୍ ମ୍ୟାଚ୍ | ସାମସନ୍ ହାଁସଦାଃ | ୪୪ |
| ୨୭. | ଶ୍ରଦ୍ଧାଞ୍ଜଳି | ଉତ୍ତମ କୁମାର ଦାସ | ୪୫ |
| ୨୯. | ଭାଗ୍ୟ | ହରେକୃଷ୍ଣ ମହାନ୍ତ | ୪୬ |
| ୩୦. | ଯନ୍ତ୍ରଣା | ଲତିକା ମହାନ୍ତ | ୪୬ |
| ୩୧. | ଶେଷ ଇଚ୍ଛା | ସତ୍ୟଜିତ୍ ଦେଓ | ୪୬ |

# ENGLISH SECTION


| Sl. No. | Topic | Writer/Writrees | Page |
|---|---|---|---|
| 1. | E-Business | Sandeep Kr. Patnaik, Lect. in Commerce | 47 |
| 2. | Role of Industries in Economic development of India | Alaka Manjari Bhuyan | 50 |
| 3. | Concentration key to Success | Geetanjali Sen | 53 |
| 4. | Courage is Strength | Jaydeep Kr. Dandpat | 54 |
| 5. | My real friend | Nandini Behera | 55 |
| 6. | Don't Worry | Devjani Acharya | 56 |
| 7. | Life without Love | Durga Prasad Dalnayak | 56 |
| 8. | Love | Satabdi Behera | 56 |
| 9. | Time is Precious | Deepak Kumar Biswal | 57 |
| 10. | Winners Vs. Losers | Sasmita Behera | 57 |
| 11. | Just do it | Pilchu Hansdah | 58 |
| 12. | Life | Vandana Nath | 58 |


## ଅଲଚ଼ିକି ବିଭାଗ


| | | | |
|---|---|---|---|
| ୧. | ଦୁଲାଲ୍ ଦରେୟା | ଦାସମାତ୍ କିସ୍କୁ | ୫୯ |
| ୨. | ଜୀବନ ଜୁଗୀକତା | ଲୁହ୍ୟା ମୁର୍ମୁ | ୬୨ |
| ୩. | ଉଇହାର୍ ଗାହିଁର ତାମ | | ୬୩ |

# ଏ ସୃଷ୍ଟି ଅମୃତମୟ ହେ

ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି
ଏ ସୃଷ୍ଟି ମଧୁମୟ ହେ-

ଏସୃଷ୍ଟି ତ ମଧୁଭରା, ଅମୃତଭରା, ହେଲେ ସେ ମଧୁ ବା ସେ ଅମୃତକୁ ଚାଖିବାର ସୌଭାଗ୍ୟ କେତେଜଣଙ୍କର ଅଛି? ହୁଏତ ଅଛି- ମୁଁ ବା କେମିତି ଜାଣିବି । ମୁଁ କେବଳ ଏତିକି ଜାଣିଛି- ମୁଁ ଖୋଜୁଛି, ଆଉ ଅନ୍ୟ ମାନେବି ଖୋଜୁଛନ୍ତି ।

ଖୋଜିବା ହେଉଛି ଜୀବନର ପ୍ରଥମ ସୋପାନ । ପ୍ରଥମ ସୋପାନ ଉପରେ ପାଦଥାପି ଏଇ ମଣିଷ ଉପର ସୋପାନକୁ ମଥା ଟେକି ଦେଖେ । ଖୋଜିବା ଯଦି ଜୀବନର ସଫଳତା ତେବେ ମଣିଷ ଖୋଜି ଖୋଜି କ୍ଳାନ୍ତ ବୋଧ ଅନୁଭବ କରୁଛି କାହିଁକି ସଫଳତା ତ ତା ଜୀବନକୁ ମଧୁମୟ କରିପାରିବ । ତେବେ ଏତିକି ସତ ଯେ- ଖୋଜିବା ମଣିଷଟା ଖୋଜୁ ଖୋଜୁ ଅନେକ ବାଟ ଆଗେଇଚାଲେ, ତା' ହିସାବ ହୁଏତ ତା' ପାଖରେ ନଥାଏ ।

ପାଦତଳେ ମାଟି, ମଥା ଉପରେ ଆକାଶ । ରାତ୍ରିର ଅଂଧକାର ଭିତରେ ଆକାଶଟା କେତେ ସୁନ୍ଦର ଦିଶେ ସତେ! ମାଟି ଉପରେ ଛିଡାହେଲେ ଯାଇ ଆକାଶକୁ ସିନା ଦେଖିବ । ଛିଡା ହେବାର କ୍ଷମତା ଯଦି ଆମର ଦୁଇପାଦ ହରେଇ ଦେଇଛି ତେବେ ଚନ୍ଦ୍ରମାର ମଧୁକୁ ସ୍ପର୍ଶ କରିପାରିବା କେମିତି!

ତଥାପି ପଥ ଚାଲିବାକୁ ଭଲ ପାଏ ଏଇ ମଣିଷ । ଚାଲିବାର ଦୁଃଖକୁ ଆପଣାର କରି ପାଇବାର ସୁଖରେ ମତୁଆଲା ମଣିଷ ତାକୁ କେଉଁ ଭାବରେ ଗ୍ରହଣ କରାଯାଇପାରେ! ପାଇବାର ଆସକ୍ତି ହିଁ ତ ତାକୁ ଆଗେଇ ନିଏ ଦିନ ପରେ ଦିନ, ମାସ ପରେ ମାସ ଆଉ ବର୍ଷ ପରେ ବର୍ଷ । ଦୁଇଟା ଗୋଡ ଦୁଇଟା ହାତ ଆଉ ମଥାଟିଏକୁ ନିଜର ସର୍ବସ୍ୱ ଭାବି ମଣିଷ ତା'ର ଅମୂଲ୍ୟ ସମୟକୁ ଅତିବାହିତ କରିଚାଲିଛି । ଏପରିକି ଭଗବାନ ବୋଲି ମାନୁଥିବା ଏକ ଅଶରୀରୀର କଳ୍ପିତ ମାନବ ସତ୍ତାକୁ ହେୟ ମନେ କରି ସେ ଅନେକ ବଡ ହେବାର ସ୍ୱପ୍ନ ଦେଖିଚାଲିଛି । ସେ ହୋଇପାରିଛି ଈଶ୍ୱର ପରି ମହାନ ଆଉ ଦାନବ ପରି ଦୁର୍ଦ୍ଦମନୀୟ । ମହାକାଶର ଉଡାଣିଆ ମେଘପରି ଉଡିଯିବାର ସ୍ୱପ୍ନ ମଦିରାରେ ସେ ବିଭୋର ।

କାହାର ଇସାରାରେ ଏଇ ମଣିଷର ଆତ୍ମା ଆଜି ସ୍ୱପ୍ନାୟିତ! ଏମିତି ସ୍ୱପ୍ନ ଦେଖି ଦେଖି ସେ କଂଟା ଝଟା ଘେରା ବଣ ମୂଲକରେ ବାଟ ଖୋଜି ପାଇବତ! ସ୍ୱପ୍ନ ଯଦି ସତ ହୁଏ ତେବେ ବାଟ ପାଇବାର ସଫଳତା ମଧ୍ୟ ସେ ପାଇଯିବ । କିନ୍ତୁ ଆଗକୁ ମାଡି ଚାଲିଥିବା ମଣିଷଟା ଯଦି ବିକଳ ହୋଇ ଭୟରେ ଶିହରୀ ଉଠେ- ତେବେ କ'ଣ କରାଯାଇ ପାରିବ? ମିଛକୁ ସତ ଆଉ ସତକୁ ମିଛ କହିବାର ସହଜ ଉପାୟ ତ ସେ ପାଇଯିବ, ବାଟ ବି ମିଳିବ, ସୃଷ୍ଟିର ଅମୃତକୁ ଚାଖିବାର ଆନନ୍ଦ ବି ମିଳିଯିବ ।

ଆଜିର ମଣିଷ ବଂଚିବାର ଆନନ୍ଦକୁ ହାତଛଡା କରିବାକୁ ନ ଯାଇ ସତ-ମିଛ, ଠିକ୍-ଭୁଲର ଆବର୍ତ୍ତନ ଭିତରେ ସମୟର ପ୍ରବାହକୁ ମାନିନେବାକୁ ବାଧ୍ୟ ହୋଇଛି ବୋଧହୁଏ । ହେଲେ ଠିକ୍ ଆଉ ଭୁଲ୍‌ର ଦୋଛକିରେ ଅଟକି ଯିବନି ତ ସେ? ସତ-ମିଛର ଧୂସରତା ଭିତରେ ଠିକ୍ ରାସ୍ତାକୁ ଖୋଜି ପାଇବତ ସେ? ଏଇ ପ୍ରଶ୍ନ ହୁଏତ କେମିତି କେମିତି ଲାଗୁଛି ମନକୁ ।ଏକ ଭିନ୍ନ ରାସ୍ତାର ବାଟୋଇ ସେ । ସେଇ ରାସ୍ତାର ଦୁଇକଡରେ ଫୁଟିଥିବା ପେଛା ପେଛା ଫୁଲର ବାସ୍ନା ତାକୁ ଟାଣି ନେଇଛି ଆଗକୁ ଆଗକୁ । ଅଧାରାସ୍ତାରେ କେବେ କେମିତି ଅଟକି ଯାଇଥିବା ଦୁଃଖକୁ ସେ ମନେ ପକେଇବ କେମିତି?

ମହାଭାରତର କାହାଣୀ ବେଳେ ବେଳେ ହଠାତ ମନରେ ଉଙ୍କିମାରେ । ଅଂଧ ଧୃତରାଷ୍ଟ୍ର ଆଉ ଅଂଧତ୍ୱକୁ ବରଣ କରିନେଇଥିବା ଗାନ୍ଧାରୀ କାହାଣୀ । ଏହି କାହାଣୀରେ ସତେ କେତେ ସତ୍ୟତା ଭରି ରହିଛି! ଆଖିରେ କଳାପଟି ବାନ୍ଧିଥିବା ଗାନ୍ଧାରୀର ଅଭିଶାପ ଯାଦବ ଶ୍ରେଷ୍ଠ ବାସୁଦେବଙ୍କୁ ମଧ୍ୟ କର୍ମ ଫଳ ଭୋଗକରିବା ପାଇଁ ବାଧ୍ୟ କରିଛି । ନିଜର ଗୀତାବାଣୀରେ ସେ ନିଜେ ହିଁ ଆକ୍ରାନ୍ତ । ଅଂଧ ବିଚାରଧାରା କେବେ ଅଂଧକାର ଭିତରକୁ ଟାଣି ନେଇଥାଏ- ଏଇଟା ହିଁ

ସତ୍ୟ । ଏହାରି ଭିତରେ ବି ସୃଷ୍ଟିର ଅମୃତଧାରା ଲୁକ୍କାୟିତ । ଏହାକୁ ଠାବ କରିବାର ପ୍ରୟାସ ଏ ଅନ୍ଧ ମଣିଷର ନାହିଁ । କାରଣ ପଛକୁ ଫେରିବାର ଇଚ୍ଛାତାର ନାହିଁ ।

ସାମ୍ନାରେ କ'ଣ ଅଛି? କିଛି ସଫଳତା ନା କିଛି ପ୍ରଲୋଭନ? ଅମୃତ ନା ବିଷ? କର୍ମଫଳ- କିଛି କର୍ମଫଳ, କିଛୁ ଫଳଭୋଗ କରିବା ଏବଂ କଲାକର୍ମର ଫଳବୋଲି ମନେ କରିବା- ଏହାରି ଭିତରେ ଅନେକ ବ୍ୟବଧାନ । ସାରା ଜୀବନ ଖୋଜିଚାଲିଥିବା ମଣିଷ ଯାହା ପାଇଚାଲେ, ଏହି କର୍ମଫଳ କ'ଣ ତା' ଭିତରେ ନାହିଁ? ବୋଧହୁଏ ନାହିଁ । କାହିଁକିନା ଖୋଜିବାର ଅନ୍ତ ନାହିଁକି ପାଇବାର ମଧ୍ୟ ସମାପ୍ତି ନାହିଁ । ଅନ୍ଧ ଆଖିରେ କ'ଣ ବିଶ୍ୱର ମାଧୁରିମାକୁ ଉପଲବଧି କରିହୁଏ? ଏ ମଣିଷ ଦେଖୁଛି କ'ଣ? ବିଚାର କରୁଛି କ'ଣ? ସବୁ ଯେପରି ପ୍ରହେଳିକା । ପ୍ରତିମୂହୁର୍ତ୍ତରେ ଅଂଧକାରର ଘନଘଟା ଅଂଧାର ଭିତରେ ଭୂତପରି ଦିଶୁଥିବା ଛାଇ ଗୁଡାକୁ ଆପଣାର କରିବାର ଲୋକହସା ଉଦ୍ୟମ । ଖୋଜିବାର ଏକ ଦୁର୍ଦ୍ଦମନୀୟ ପରିଣତି ।

ସୃଷ୍ଟିର ଅମୃତ ଚାଖିବାରେ କି ଆନନ୍ଦ! ଖୋଜି ଖୋଜି ଏଇ ଅମୃତର ଅଧିକାରୀ ଏଇ ମଣିଷ, ସତରେ "ଏସୃଷ୍ଟି ଅମୃତମୟ ହେ"

***ସଂଘମିତ୍ରା ନାଏକ***
*ମୁଖ୍ୟ ଅଧ୍ୟାପିକା, ଓଡିଆ ବିଭାଗ*
*ବି.ବି. ମହାବିଦ୍ୟାଳୟ, ଚାଇଗଣବାଡ଼ିଆ*

## -ସେବାର ମହତ୍ତ୍ୱ-

୧୯୯୯ ମସିହା । ଗ୍ରୀଷ୍ମ ଆରମ୍ଭ ହୋଇଯାଇଥାଏ । ମ୍ୟାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ । ଭୁଆସୁଣୀ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଥାଏ । ପରୀକ୍ଷା ଦେବାକୁ ଚାଇଗଣବାଡିଆ ଓ ଆଖ ପାଖ କେତେକ ସ୍କୁଲର ଛାତ୍ର ଛାତ୍ରୀ ମାନେ ଆସିଥାନ୍ତି । ପରୀକ୍ଷା ଦେବାକୁ ଗୋଟିଏ ଦିନ ପୂର୍ବରୁ ପିଲାମାନେ ଆସିଲେ । କେତେକ ଅଭିଭାବକ ମଧ୍ୟ ପିଲାମାନଙ୍କ ସହିତ ଆସିଥିଲେ ।

ସେଦିନ ଥିଲା ଗୁରୁବାର । ଭୁଆସୁଣୀ ଗ୍ରାମର କୃଷ୍ଣ ମହାନ୍ତଙ୍କ ଘରକୁ ଜଣେ ଅତିଥି ଆସିଥାନ୍ତି । ବୟସ ପ୍ରାୟ ୫୦ ବର୍ଷ । ତାଙ୍କ ପରିବାର ପାଇଁ ସେ ଥିଲେ ଜଣେ ନବାଗତ । ନୂତନ ଅତିଥିଙ୍କୁ ପାଇ ତାଙ୍କ ପରିବାରରେ ଆନନ୍ଦର ଢେଉ ଖେଳିଗଲା । କୃଷ୍ଣ ବାବୁଙ୍କ ସୁକନ୍ୟା ମୁନି ହଳଦୀ ପାଣିରେ ତାଙ୍କର ପାଦ ପଖାଳିଲେ । ମୁନୀର ମା ତାଙ୍କୁ ନୂତନ ବସ୍ତ୍ରଟିଏ ଦେଇ ମୁଣ୍ଡିଆ ମାରିଲେ । ମଣି ମୁଣ୍ଡିଆ ସାନ୍ତାଳ ସଂପ୍ରଦାୟର ଆଦିବାସୀ ଜଣକ ଆଖିରୁ ଅଶ୍ରୁଝରି ପଡିଲା । ସେ ତ ଦେବତା ନୁହେଁ, କି କୁଳ ପୁରୋହିତ ନୁହେଁ,ହେଲେ ତା ପ୍ରତି ଏତେ ଭକ୍ତି ଓ ଆଦର କାହିଁକି?

୧୯୯୧ ମସିହା ଅକ୍ଟୋବର ମାସର କଥା । ସେଦିନ ଥିଲା ଶୁକ୍ରବାର । ଉପରବେଳା ଗାଁ ହାଟ । ସଉଦା କରିବାକୁ ଲୋକମାନେ ହାଟକୁ ଚାଲିଲେ । ହାଟ ବୁଲିବା ଏ ଅଂଚଳର ପିଲା ମାନଙ୍କର ଗୋଟିଏ ବଡ ସଉକ୍ । କୃଷ୍ଣ ବାବୁଙ୍କର ପୁତ୍ର ହାଡି ତାର ଛୋଟ ପୁତୁରା ସହିତ ହାଟକୁ ବାହାରିଲା । ହାଡିର ବୟସ ମାତ୍ର ୧୧ ବର୍ଷ । ଶ୍ୟାମଳବର୍ଣ୍ଣର ହେଲେ ମଧ୍ୟ ସୁନ୍ଦର ଚେହେରା । ଧାନ ବିଲ ଦେଇ ଅଧ କିଲୋ ମିଟର ଗଲେ ଗାଁ ହାଟ । ବାଟରେ ଗୋଟିଏ ପୋଖରୀ ପଡେ । ପୋଖରୀ ହିଡ ଦେଇ ଯାଉଥିବା ବେଳେ, ଏକ ଘାସ ଗଦା ଉପରେ ହାଡି ପାଦ ଦେଇଥିଲା । ହଠାତ୍ ଏକ ଛୋଟ, କୃଷ୍ଣ ବର୍ଣ୍ଣର ସର୍ପ ତାକୁ ଦଂଶନ କରିଥିଲା । ଦଂଶନ କରିବା ମାତ୍ରେ ସେ ଗୋଡକୁ ଏତେ ଜୋରରେ ଝାଡି ଦେଲା ଯେ ସାପଟି ପୋଖରୀ ପାଣିରେ ପଡିଲା । ସେ ଆଉ ହାଟକୁ ଯିବ କ'ଣ? ମନ ଦୁଃଖରେ

ଘରକୁ ଫେରିଲା ।

ଖବର ପାଇ ହାଡିର ବାପା ଘରକୁ ଫେରିଲେ । ସେ ନିଜେ ମଧ୍ୟ ଗୋଟିଏ ବଡ ଗୁଣିଆ । ମନ୍ତ୍ର ତନ୍ତ୍ର ପ୍ରୟୋଗ କରି ସାପର ବିଷ ଓହ୍ଲାଇ ଦେଇଥିଲେ । ତା ପରେ ହାଡି ପୁଣି ହାଟକୁ ଗଲା । ସେଠାରେ ଚକୋଲେଟ୍ ଖାଇଲା । ମାତ୍ର କିଛି ସମୟ ପରେ ତାକୁ ଆଉ ଭଲ ଲାଗିଲା ନାହିଁ । ପୁତୁରା ଫକିର ସହିତ ଘରକୁ ଫେରିଲା । ଏହାପରେ କୃଷ୍ଣ ବାବୁ ଗୁଣ ବିଦ୍ୟା ଉପରେ ଆଉ ଭରସା ନ କରି ଡାକ୍ତର ଖାନାକୁ ଯିବାକୁ ବାହାରିଲେ । ଜଣେ ମଟର ସାଇକେଲ୍ ବାଲାକୁ ଠିକ୍ କଲେ । ମାତ୍ର ହାତରେ ପଇସା ନାହିଁ । ହାଡିର ନୂଆ ଭାଉଜ ଟିଏ ରାଇରଂଗପୁରରୁ ଆସିଥାଏ । ତାଙ୍କ ଘର ପାଖରେ କୁମ୍ଭାର ଘର । ପଇସା ସଂଚୟ ପାଇଁ ସେ ଗୋଟିଏ ମାଟି ପାତ୍ର ରଖିଥାଏ । ଛୋଟ ପୁଅଟିଏ । ମା ପୁଅ ଉଭୟ ବାପାଙ୍କ ପକେଟରୁ ୨ଟଙ୍କିଆ, ୧ଟଙ୍କିଆ, ୫୦ପଇସି ଆଦି ସଂଚୟ କରି ରଖୁଥିଲେ । ହାଡାର ବାପା ଗାଁରେ ଏଭଳି ବିପଦରେ ମଧ୍ୟ ପଇସା କାହାରି ପାଖରୁ ପାଇଲେ ନାହିଁ । କାରଣ କୃଷ୍ଣ ବାବୁ ଲୋକଙ୍କ ପାଖରୁ ନେବା ଶିଖିଛନ୍ତି । କିନ୍ତୁ ଦେବା ଗୁଣ ନାହିଁ । ଦେବେ ବା କେଉଁଠୁ । ଜମି କେଇ ମାଣ । ଯାହା ମିଳେ ଟାଣି ଟୁଣି ବର୍ଷ ତକ ପୂରିଯାଏ । ହେଲେ ତାଙ୍କଠାରେ କେତେକ ଭଲ ଗୁଣ ରହିଥିଲା ।ପିଲାଙ୍କର ନଜର, ଦୃଷ୍ଟି, ଡାହାଣି ଛଡାଇବା, ଘରୁ ଭୂତ୍ପ୍ରେତ ଦୂର କରିବା, ଏପରିକି ସାପର ବିଷ ମଧ୍ୟ ଓହ୍ଲାଇ ପାରନ୍ତି । ଗୋରୁ ଛେଳି, ପଶୁ ମେଣ୍ଢା ଆଦିର ଚିକିତ୍ସା ମଧ୍ୟ କରନ୍ତି । ତେଣୁ ଭୁଆସୁଣି ଓ ତାର ଆଖପାଖ ଅଂଚଳରେ ସେ ବେଶ୍ ଜଣା ଶୁଣା ।

ପଇସା ପାଇଁ ପଡିଶାଙ୍କ ନିକଟରେ ମୁହଁ ଖୋଲିଥିଲେ । ମାତ୍ର ସମସ୍ତେ ନାହିଁ କଲେ । ଶେଷରେ ସେ ମା-ପୁଅର ପଇସା ମୁଣି ପାଇଗଲେ । କେତେ ପଇସା ଅଛି ଭଗବାନଙ୍କୁ ଜଣା, ତଥାପି ସେହି ମୁଣି ତାଙ୍କ ମନରେ ଅସୀମ ସାହସ ସଂଚାର କରିଥିଲା । ସେମାନେ ପ୍ରଥମେ କାଳିଆ ଗୋଳ ଓ ତାପରେ ବାଙ୍ଗିରିପୋଷି ଡାକ୍ତରଖାନାକୁ ଯାଇଥିଲେ ।ମାତ୍ର ଡାକ୍ତରମାନେ ରୋଗୀର ଅବସ୍ଥା ଦେଖି ବାରିପଦାକୁ ନେଇ ଯିବାକୁ କହିଲେ । ରୋଗୀର ପାଟିରୁ ଧୀରେ ଧୀରେ ଗରଳ ବହିବା ଆରମ୍ଭ କଲା । କିଛି ଉପାୟ ନ ପାଇ କୃଷ୍ଣବାବୁ ପିଲାଟିକୁ କୋଳରେ ଧରି ବସ୍ ଚଢିଲେ । ତାଙ୍କର ଅବସ୍ଥା ଦେଖି ଯାତ୍ରୀମାନେ ଅଧୀର ହୋଇ ଉଠିଲେ । ଡ୍ରାଇଭର ଜୋରରେ ବସ୍ ଚଳାଇଲା ।ବାରିପଦା ପହଞ୍ଚିବାପରେ ଜଣେ ଭଦ୍ର ମହିଳା ତାଙ୍କ ପାଇଁ ରିକ୍ସା ଟିଏ କରି ଦେଇ ଡାକ୍ତର ଖାନାକୁ ପଠାଇ ଦେଇଥିଲେ ।

ସଂଧ୍ୟା ୭ ଟା ବେଳେ କୃଷ୍ଣବାବୁ ମୁମୂର୍ଷୁ ପିଲାଟିକୁ ଧରି ଡାକ୍ତର ଖାନାକୁ ପହଞ୍ଚିଲେ । ବେଡି ୱାର୍ଡରେ ତାଙ୍କ ପିଲାଟିକୁ ଭର୍ତ୍ତି କରାଗଲା । ଡାକ୍ତର ଔଷଧ ଲେଖିଲେ । ମାତ୍ର ମୁଣିରେ ଆବଶ୍ୟକ ପରିମାଣର ପଇସା ନ ଥିଲା, ପୁଣି ଔଷଧ ବାଲେଶ୍ୱରରୁ ଆସିବ । ଭଗବାନଙ୍କ ଉପରେ ଭରସା ରଖି ପିତା ପୁତ୍ରକୁ ଚାହିଁ ବସିଥାଏ ।ପାଖ ଶଯ୍ୟାରେ ଥିବା ଅନ୍ୟଜଣେ ରୋଗଗ୍ରସ୍ତ ପିଲାର ପିତା ପିଲାଟିର ଅବସ୍ଥା ଦେଖି ସାହାଯ୍ୟ କରିବାକୁ ଆଗେଇ ଆସିଲେ । ମାତ୍ର ସେଜଣେ ଗରିବ ଆଦିବାସୀ, ମନ ଅଛି ଧନ ନାହିଁ । ସେ ଡାକ୍ତରଖାନାରେ ଥିବା ଅଭିଭାବକଙ୍କ ନିକଟରୁ ପଇସା ଯୋଗାଡ କଲେ । ପିଲାର ବାପାଙ୍କୁ ନେଇ ସୁଦର୍ଶନ ସିଂହ ନିକଟକୁ ଗଲା । ଡାକ୍ତର ସେବା ଆରମ୍ଭ କରିବାପରେ ରୋଗୀଟି ଚେତା ପାଇଲା ।ତାପରେ କଥା କହିଲା, ସମସ୍ତେ ଆଶ୍ୱସ୍ତି ଅନୁଭବ କଲେ । ତା ପରଦିନ ଗାଁରୁ ପଇସା ନେଇ ହାଡିର ଆତ୍ମୀୟ ମାନେ ପହଞ୍ଚିଲେ । ଲୋକେ ଦେଇଥିବା ପଇସା ତାକୁ ଫେରାଇ ଦିଆଗଲା । ଗୋଟିଏ ସପ୍ତାହ ପରେ ରୋଗୀଟି ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିଲା ।

ଯେଉଁ ଆଦିବାସୀ ବ୍ୟକ୍ତି ସେଦିନ ତାଙ୍କ ଅବସ୍ଥାରେ ବ୍ୟଥିତ ହୋଇଥିଲେ, ପଇସା ଯୋଗାଡ କରିବାରେ ଅନ୍ୟମାନଙ୍କ ପାଖରେ ହାତ ପୋତାଇ ଥିଲେ, ବିନା

ଚପଲରେ ପାଦରେ ଚାଲି ଚାଲି ସୁଦର୍ଶନ ସିଂହଙ୍କ ପାଖକୁ ଯାଇଥିଲେ, ଯାହାଙ୍କ ଉଦ୍ୟମରେ ପିଲାଟି ନୂତନ ଆଲୋକ ଦେଖିଥିଲା, ପୁଣି ଯିଏ ନିଜର ପୁତ୍ରକୁ ହରାଇଥିଲା, ସେହି ଦୁର୍ଗତ ମାନଙ୍କର ବନ୍ଧୁ ଥିଲେ, ସେଦିନ ତାଙ୍କର ନବାଗତ ଅତିଥି । ତାଙ୍କ ପରିବାର ପାଇଁ ସେ ଥିଲେ ଜଳନ୍ତି ଦେବତା । ସେ ନିଜର ହଜିଲା ପୁତ୍ରର ପ୍ରତିଛବି ଦେଖିଥିଲେ ହାଡି ମୁହଁରେ । ପିତା ପୁତ୍ରର ପୁନର୍ମିଳନ ସମସ୍ତଙ୍କ ହୃଦୟ ମଧ୍ୟରେ ଏକ ନୂତନ ସ୍ପନ୍ଦନ ସୃଷ୍ଟି କରିଥିଲା । ତାଙ୍କ ମାନସ ପଟରେ ଝଲସି ଉଠୁଥିଲା, ସେ ଦିନର ପ୍ରତିଟି ଦୃଶ୍ୟ ତାଙ୍କ ଆଖିରୁ ଝରି ପଡୁଥିଲା ଦୁଃଖ ଓ ସୁଖ ମିଶ୍ରିତ ଅଶ୍ରୁ ।

***ଜ୍ୟୋତିନ୍ଦ୍ର ନାଥ ସିଂ ଦେବ ସଚାନ୍***

*ମୁଖ୍ୟ ଅଧ୍ୟାପକ ଇତିହାସ ବିଭାଗ*

*ବି. ବି. ମହାବିଦ୍ୟାଳୟ, ବାଇଗଣବାଡିଆ*

# ଗୁରୁ ମହିମା

***ମଂଜୁଲତା ଦାସ***

ରାମଭକ୍ତ କବି ଗୋସ୍ୱାମୀ ତୁଳସୀଦାସ "ରାମଚରିତ ମାନସ" ମହାକାବ୍ୟର ପ୍ରାରମ୍ଭରେ ମଂଗଳାଚରଣ ପ୍ରସଙ୍ଗରେ ସର୍ବପ୍ରଥମେ ଗୁରୁଙ୍କର ବନ୍ଦନା କରିଛନ୍ତି ନିମ୍ନ ପ୍ରକାରରେ..

***ବନ୍ଦୌ ଗୁରୁପଦ ପଦୁମ ପରାଗା ।***
***ସୁରୁଚି ସୁବାସ ସରସ ଅନୁରାଗା ।***
***ଅମିଅ ମୁରିମୟ ଚୁରନୁ ଚାରୁ ।***
***ସମନ ସକଳ ଭବରୁଜ ପରିବାରୁ ।***

ଅର୍ଥାତ୍ ମୁଁ ମୋର ସେହି ଗୁରୁଦେବଙ୍କ କମଳତୁଲ୍ୟ ଚରଣରେ ପ୍ରଣାମ୍ କରୁଛି ଯେ କି କୃପାର ସାଗର ଅଟନ୍ତି । ସେ ମନୁଷ୍ୟ ରୂପରେ ସାକ୍ଷାତ୍ ଭଗବାନ ଅଟନ୍ତି । ସାଂସାରିକ ମୋହମାୟା-ରୂପୀ ଘୋର ଅନ୍ଧକାର ସମୂହ ପାଇଁ ଶ୍ରୀଗୁରୁଦେବଙ୍କ ଜ୍ଞାନପୂର୍ଣ୍ଣ ତଥା ପବିତ୍ର ବଚନ ସୂର୍ଯ୍ୟ କିରଣ ରାଜି ସଦୃଶ । ସୂର୍ଯ୍ୟଙ୍କ କିରଣ ଦ୍ୱାରା ଘନ ଅନ୍ଧକାର ଦୂର ହେଲାପରି ଗୁରୁଦେବଙ୍କ ମଧୁର ବଚନ ପ୍ରଭାବରେ ସାଂସାରିକ ମୋହ-ଆସକ୍ତି ରୂପୀ ଅନ୍ଧକାର ସମାପ୍ତି ହୋଇଥାଏ ।

ମୁଁ ଶ୍ରୀଗୁରୁଦେବଙ୍କର ଚରଣ-ରୂପୀ କମଳର ପରାଗ, ଅର୍ଥାତ୍ ତାଙ୍କ ଚରଣ ଧୂଳିକୁ ପ୍ରଣାମ କରୁଛି ଯାହା ସୁନ୍ଦର, ସୁବାସିତ, ରସମୟ ଏବଂ ପ୍ରେମର ସ୍ରୋତ ଅଟେ । ତାଙ୍କ ଚରଣ ଧୂଳିର ରେଣୁ ସମୂହ ଅମରତ୍ୱ ପ୍ରଦାନକାରୀ ସଂଜୀବନୀ ବଟିକାର ଚୂର୍ଣ୍ଣକଣା ତୁଲ୍ୟ । ଅର୍ଥାତ୍ ଯେପରି ଶାରୀରିକ ରୋଗକୁ ଦୂର କରିବାରେ ସମର୍ଥ ହୋଇଥାଏ ସଂଜବ।.1 ବଟିକା, ଠିକ୍ ସେହିପରି ଗୁରୁଙ୍କର ଚରଣ ଧୂଳିଦ୍ୱାରା ତଥା ତାଙ୍କର ସ୍ନେହମୟୀ କୃପାଦ୍ୱାରା ସମସ୍ତ ପ୍ରକାର ସାଂସାରିକ କଷ୍ଟ, ଦୁଃଖ, ଏବଂ ଚିନ୍ତାରୂପୀ ରୋଗର ବିନାଶ ହୋଇଥାଏ । ସମସ୍ତଙ୍କର ମଂଗଳ ତଥା ଶୁଭ କଲ୍ୟାଣ ପ୍ରଦାନକାରୀ ଭଗବାନ ଶିବ, ଗୁରୁ-ଚରଣର ଏହି ଧୂଳିକୁ ପବିତ୍ର ଭସ୍ମରୂପରେ ନିଜ ଶରୀରରେ ଅବଲେପନ କରୁଥିଲେ ।

ଶାସ୍ତ୍ର ବଚନ ଅନୁସାରେ ଅଜ୍ଞାନରୂପୀ ଅନ୍ଧକାର ଦ୍ୱାରା ଅନ୍ଧ ହୋଇଯାଇଥିବା ଆଖିକୁ ଜ୍ଞାନରୂପକ ଅଞ୍ଜନର ଶଳାକା ଦ୍ୱାରା, ଯିଏ ଖୋଲି ଦେଇପାରନ୍ତି ତାଙ୍କୁ "ଗୁରୁ" କୁହାଯାଏ ।

*ଗୁକାରସ୍ତ୍ୱନ୍ଧକାରସ୍ତୁ ରୁକାରସ୍ତନ୍ନିରୋଧକୃତ୍*
*ଅନ୍ଧକାର ବିନାଶିତ୍ୱାତ୍ ଗୁରୁରିତ୍ୟଭିଧିୟତେ ।*

*ଗୁରୁ ଗୀତା - ପ୍ରଥମ ଅଧ୍ୟାୟ ଶ୍ଳୋକ-୩୪)*

"ଗୁ" ଶବ୍ଦର ଅର୍ଥ ହେଲା ଅନ୍ଧକାର, "ରୁ" ଶବ୍ଦର ତାତ୍ପର୍ଯ୍ୟ ହେଲା ଏହାର ନିରୋଧକ । ଅନ୍ଧକାର ନିରୋଧ ବା ଅଜ୍ଞାନର ନାଶ କରିପାରିବା ତେଜଃ ସ୍ୱରୂପ ହେଉଛନ୍ତି ଗୁରୁ ।

ସପ୍ତସାଗର ପର୍ଯ୍ୟନ୍ତ ସମସ୍ତ ତୀର୍ଥରେ ସ୍ନାନ କରିବା ପରେ ଯେଉଁ ଫଳ ମିଳିଥାଏ ସେ ଫଳ ଗୁରୁଦେବଙ୍କ ଚରଣାମୃତର ଗୋଟିଏ ବିନ୍ଦୁର ଫଳରେ ହଜାର ଭାଗରୁ ଏକ ଭାଗ ସଙ୍ଗେ ସମାନ । ଏ ପ୍ରସଙ୍ଗରେ ଗୁରୁଗୀତା କହେ-

*ସପ୍ତ ସାଗର ପର୍ଯ୍ୟନ୍ତଂ ତୀର୍ଥ ସ୍ନାନ ଫଳଂ ତୁ ଯତ୍ ।*
*ଗୁରୁପାଦପୟୋବିନ୍ଦୋଃ ସହସ୍ରାଂଶେନ ତତ୍ଫଳମ୍ ॥*

ତୀର୍ଥରେ ସ୍ନାନ କରିବା ଦ୍ୱାରା ଗୋଟିଏ ଫଳ ମିଳିଥାଏ । କିନ୍ତୁ ଗୁରୁ ଚରଣାମୃତରେ ଚତୁର୍ବର୍ଗ ଫଳ ପ୍ରାପ୍ତି ହୋଇଥାଏ । ଦେବତାମାନେ ମଧ୍ୟ ଏହି ଅମୃତର ସ୍ୱାଦ ଚାଖି ପାରନ୍ତି ନାହିଁ, କେବଳ ଗୁରୁଭକ୍ତମାନେ ହିଁ ଏହି ସୁଯୋଗ ଲାଭ କରିଥାଆନ୍ତି । ଗୁରୁଭକ୍ତ ଗୁରୁଭକ୍ତିରୁ ଯାହା ପାଇପାରନ୍ତି ସେହି ଅମୃତପ୍ରାପ୍ତିରୁ ଯୋଗୀଜନମାନେ ମଧ୍ୟ ବଞ୍ଚିତ ହୁଅନ୍ତି । କର୍ମୀ ମଧ୍ୟ ଏହି ଅମୃତର ବହୁତ ଦୂରରେ ରହିଥାଏ । କର୍ମୀ କେବଳ କର୍ମକାଣ୍ଡର ଶୁଦ୍ଧିରେ ଲାଗିରହିଥାଏ । ମାତ୍ର ହୃଦୟର ଶୁଦ୍ଧି କେବଳ ପରମ ଭାବରୁ ହିଁ ପ୍ରାପ୍ତ ହୋଇଥାଏ । ଭାବ ବିନା ଏହା କଦାପି ସମ୍ଭବ ନୁହେଁ । ଗୁରୁଭକ୍ତଙ୍କ ସାନ୍ନିଧ୍ୟ ଲାଭ ହେଲେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରଭୃତି ଚତୁର୍ଦ୍ଦିଗ ଉନ୍ମୁକ୍ତ ହୋଇଯାଏ ହୃଦୟରୁ ନାସ୍ତିକତାର ମୂଳୋତ୍ପାଟନ ହୋଇ ଆସ୍ତିକତାର ଚେର ସୁଦୃଢ଼ ହୋଇଉଠେ, ଯଦି କୌଣସି ସଦ୍‌ଗୁରୁଙ୍କ ପ୍ରିୟ ଶିଷ୍ୟର ସ୍ପର୍ଶ ଆମକୁ ମିଳିଯାଏ ତେବେ ଆମେ ଜାଣିନେବା ଉଚିତ ଯେ ଆମର ଧର୍ମ, ଅର୍ଥ, କାମ ଓ ମୋକ୍ଷର ଦ୍ୱାର ଏବେ ଉନ୍ମୁକ୍ତ ହୋଇ ଯିବ । ଆଉ ଯେତେବେଳେ ସଦ୍‌ଶିଷ୍ୟ ସଦ୍‌ଗୁରୁ ହୋଇଯା'ନ୍ତି ସେତେବେଳେ ଅନନ୍ତ ଫଳ ପ୍ରଦାନ କରିବାର ସାମର୍ଥ୍ୟ ତାଙ୍କଠାରେ ଉତ୍ପନ୍ନ ହୋଇଥାଏ । ମହାରାଜ ଜ୍ଞାନେଶ୍ୱର ସଦ୍‌ଶିଷ୍ୟରୁ ସଦ୍‌ଗୁରୁ ହୋଇଥିଲେ । କବୀର ସଦ୍‌ଶିଷ୍ୟରୁ ସଦ୍‌ଗୁରୁ ହୋଇଥିଲେ । ସେହିପରି ନାନକଦେବ ତଥା ବିବେକାନନ୍ଦ ମଧ୍ୟ ସଦ୍‌ଶିଷ୍ୟରୁ ସଦ୍‌ଗୁରୁ ହୋଇଥିଲେ ।

ବାସ୍ତବରେ ମନୁଷ୍ୟ ଜୀବନର ପ୍ରକୃତ ମାର୍ଗକୁ ଯିଏ ନିର୍ଦ୍ଧାରିତ କରନ୍ତି, ସେହିଁ ତ ଗୁରୁ । ମାତା-ପିତା ତ କେବଳ ଶିଶୁଟିକୁ ଜନ୍ମ ଦିଅନ୍ତି । ତା'ର ଲାଳନ ପାଳନ କରନ୍ତି । ପରନ୍ତୁ ଏହି କଞ୍ଚା ମାଟିକୁ ସୁନ୍ଦର ଆକାର ଦେଇ ତାକୁ ମହାନ୍ କରି ଗଢ଼ି ତୋଳନ୍ତି କେବଳ ଗୁରୁ । ଗୁରୁ ହିଁ ପୀଢ଼ି ନିର୍ମାତା, ସେ'ହିଁ ସମାଜ ସଚେତକ । ବାସ୍ତବରେ ପ୍ରତ୍ୟେକ ବ୍ୟକ୍ତିର ମହାନତାର ଅସଲ ଚାବିକାଠି ହିଁ ହେଉଛନ୍ତି ତାଙ୍କ ଗୁରୁ । ନିଜର ଅନ୍ତର୍ଦୃଷ୍ଟି ବଳରେ ଗୁରୁ ଚିହ୍ନିପାରନ୍ତି ଅସଲ ହୀରା-ରୂପୀ ଶିଷ୍ୟକୁ ଏବଂ ସେ'ହିଁ ରୂପ ଦେଇ ତାକୁ ମୂଲ୍ୟବାନ କରି ଗଢ଼ିତୋଳନ୍ତି ।

ନିଜ ଶିଷ୍ୟକୁ ସତ୍‌ମାର୍ଗରେ ପରିଚାଳିତ କରିବା ପାଇଁ ଗୁରୁ ପ୍ରେମ ଓ କଠୋରତା ଉଭୟର ଆଶ୍ରୟ ନେଇଥା'ନ୍ତି । ଗୁରୁବାଣୀକୁ ଅମାନ୍ୟ କରୁଥିବା ଅଥବା କୁମାର୍ଗଗାମୀ ଶିଷ୍ୟ ପ୍ରତି ଅତ୍ୟନ୍ତ କଠୋରଭାବ ପ୍ରଦର୍ଶନ କରି ଗୁରୁତାକୁ ଆଦର୍ଶବାଦୀ କରି ପ୍ରତିଷ୍ଠିତ କରନ୍ତି । ସଂଭବତଃ ସେଇଥିପାଇଁ ଅଥର୍ବ ବେଦରେ ଗୁରୁଙ୍କୁ ମୃତ୍ୟୁ, ବରୁଣ ଏବଂ ସୋମ କୁହାଯାଇଅଛି । ଅନୁଶାସନ ପ୍ରିୟ

ହୋଇଥିବାରୁ ଗୁରୁ "ଯମ" ଅଟନ୍ତି, ନ୍ୟାୟପୂର୍ଣ୍ଣ ଆଚରଣ କରୁଥିବା ଦୃଷ୍ଟିରୁ "ବରୁଣ" ଅଟନ୍ତି । ଶିଷ୍ୟ ପ୍ରତି ଆହ୍ଲାଦଦାୟୀ ସଦ୍‌ଭାବ ସଂପନ୍ନ ହୋଇଥିବାରୁ "ସୋମ" ଅଟନ୍ତି ।

*"ଆଚାର୍ଯୋ ମୃତ୍ୟୁବରୁଣଃ ସୋମ ଔଷଧୟଃପୟଃ"*

*(୧୧.୫.୧୪ ଅଥର୍ବ)*

ଜ୍ଞାନର ଅକ୍ଷୟ ସ୍ରୋତ ହେଉଛନ୍ତି ଗୁରୁ । ବିଭିନ୍ନ ପ୍ରକାର ବିଦ୍ୟାରେ ପାରଙ୍ଗମ, ଜ୍ଞାନ, ବିଜ୍ଞାନ ସଂପନ୍ନ ଅଧ୍ୟାପନାରେ ନିଷ୍ଣାତ କାରଣରୁ ଗୁରୁଙ୍କୁ ବାଚସ୍ପତି" ମଧ୍ୟ କୁହାଯାଏ ।

*"ପୁନରେହି ବାଚସ୍ପତେ ଦେବେନ ମନସାସହ"*

*(୧.୧.୨. ଅଥର୍ବ)*

*"ବାଚସ୍ପତି ର୍ନିୟଚ୍ଛତୁ ମଯ୍ୟେବାସ୍ତୁ ମୟିଶ୍ରୁତମ୍ ।(୧.୧.୩ ଅଥର୍ବ)*

ଗୁରୁଙ୍କ ଦୃଷ୍ଟିରେ ଶିଷ୍ୟ ତାଙ୍କର ନିଜର ସନ୍ତାନ ତୁଲ୍ୟ । ସନ୍ତାନର ମଙ୍ଗଳ ନିମନ୍ତେ ପିତା-ମାତା ଯେପରି ସମସ୍ତ ଦୁଃଖ କଷ୍ଟକୁ ସହ୍ୟ କରିନେଇଥା'ନ୍ତି, ଠିକ୍ ସେହିପରି ଗୁରୁ ନିଜ ହୃଦୟର ସମସ୍ତ ଦୁଃଖ-କଷ୍ଟ ତଥା ସମସ୍ୟାକୁ ନିଜ ଭିତରେ ପ୍ରଚ୍ଛନ୍ନ ରଖି ଶିଷ୍ୟ ହୃଦୟରେ ଆଶାର ପ୍ରଦୀପ ପ୍ରଜ୍ଜ୍ୱଳିତ କରିଥା'ନ୍ତି ଏବଂ ଶିଷ୍ୟର ସମସ୍ତ ପ୍ରକାର ସମସ୍ୟାକୁ ସମାଧାନ କରିବା ନିମନ୍ତେ ସର୍ବଦା ଯତ୍ନଶୀଳ ହୋଇଥା'ନ୍ତି । ଏଣୁ ଗୁରୁ ଏବଂ ଶିଷ୍ୟ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ବନ୍ଧ ସୃଷ୍ଟି ହୋଇଯାଏ । ଗୁରୁ ଜ୍ଞାନର ଭଣ୍ଡାର ଅଟନ୍ତି । ସାଗରରୁ ମୋତି ସଂଗ୍ରହ କଲା ପରି ଶିଷ୍ୟକୁ ଯଥେଷ୍ଟ ଜ୍ଞାନରୂପୀ ମୋତି ସଂଗ୍ରହ କରିବା ନିମନ୍ତେ ସେ ସର୍ବଦା ସୁଯୋଗ ଦେଇଥା'ନ୍ତି, ଜ୍ଞାନପିପାସୁ ଶିଷ୍ୟ ଗୁରୁଙ୍କଠାରୁ ଅଧିକାଧିକ ଜ୍ଞାନପ୍ରାପ୍ତି କରିବାରେ ସମର୍ଥ ହୋଇଥାଏ । କଠୋପନିଷଦରେ ବର୍ଣ୍ଣିତ ଯମରାଜ ଏବଂ ନଚିକେତାଙ୍କ ଦୃଷ୍ଟାନ୍ତରୁ ଏହା ସୁସ୍ପଷ୍ଟୀକୃତ ହୋଇଥାଏ । ନଚିକେତା "ଆତ୍ମବିଦ୍ୟା"(ଆତ୍ମା ଏବଂ ପରମାତ୍ମା ବିଷୟଜ୍ଞାନ) ଲାଭ କରିବାକୁ ଚାହିଁଥିଲେ । ମାତ୍ର ଏ ବୟସରେ ଅତ୍ୟନ୍ତ ଛୋଟ ହୋଇଥିବାରୁ ତଥା ପ୍ରତିପାଦ୍ୟ ବିଷୟର ଗାମ୍ଭୀର୍ଯ୍ୟତାକୁ ଲକ୍ଷ୍ୟ କରି ଯମରାଜ ତାଙ୍କୁ ସେହିଜ୍ଞାନ ଦାନ କରିବାକୁ ଚାହୁଁ ନଥିଲେ-

*ଦେବୈରତ୍ରାପି ବିଚିକିତ୍ସିତଂ ପୁରା ନହି*

*ସୁଜ୍ଞେୟମଣୁରେଷ ଧର୍ମଃ*

*ଅନ୍ୟଂ ବରଂ ନଚିକେତୋ ବୃଣିଷ୍ୱ ମା*

*ମୋପରୋତ୍ସୀରତି ମା ସୃଜୈନମ୍ ।*

ସେ ନଚିକେତାଙ୍କୁ ଅନେକ ପ୍ରଲୋଭନ ଦେଖାଇଲେ । ପରନ୍ତୁ ନଚିକେତା ନିଜର ଦୃଢ଼ତାରେ ଅଟଳ ରହିଲେ । ଶିଷ୍ୟ ନଚିକେତାର ଦୃଢ଼ ଇଚ୍ଛା ଶକ୍ତି ସମ୍ମୁଖରେ ଯମରାଜ-ରୂପୀ ଗୁରୁଙ୍କର ମୁଣ୍ଡ ନଇଁଯାଇଥିଲା । ପରିଶେଷରେ ଜ୍ଞାନୀମାନଙ୍କ ସକାଶେ ଦୁରୂହ ତଥା ଅତ୍ୟନ୍ତ ଗମ୍ଭୀର ଆତ୍ମବିଦ୍ୟାର ଉପଦେଶ ନଚିକେତାକୁ ପ୍ରଦାନ କରିଥିଲେ ।

ଶିଷ୍ୟଙ୍କୁ ମହାନ କରିବାରେ ଗୁରୁଙ୍କର ଅବଦାନ ସର୍ବଦା ସ୍ମରଣୀୟ । ଆମ୍ଭେମାନେ ଏହାହିଁ ହୃଦୟଙ୍ଗମ କରିବା ଉଚିତ ଯେ ଗୁରୁ ବଶିଷ୍ଠଙ୍କ ବିନା ଶ୍ରୀରାମଚନ୍ଦ୍ର କଦାପି ମର୍ଯ୍ୟାଦାପୁରୁଷୋତ୍ତମ ହୋଇ ପାରିନଥା'ନ୍ତେ, ସନ୍ଦୀପନୀଙ୍କ ବିନା ଶ୍ରୀକୃଷ୍ଣ କର୍ମଯୋଗୀ ହୋଇ ପାରିନଥା'ନ୍ତେ ଅଥବା ପରମହଂସ ନଥିଲେ ବିବେକାନନ୍ଦ ବିଶ୍ୱବିଜୟୀ ହୋଇପାରିନଥା'ନ୍ତେ । ସେ ସଭିଙ୍କର ଜୀବନର ଶ୍ରେଷ୍ଠତା ସେମାନଙ୍କ ଗୁରୁ ମାନଙ୍କର ହିଁ ଅବଦାନ ଅଟେ ।

ଶିଷ୍ୟର ମନରୂପୀ ଦର୍ପଣ ଉପରେ ପଡିଥିବା ମାୟା-ମୋହ, ରାଗ-ଦ୍ୱେଷ, ଲୋଭ-ଅହଂକାର ପ୍ରଭୃତି ମଳିନତାକୁ ଦୂର କରି ଶିଷ୍ୟକୁ ସମସ୍ତ ସୁଖ ପ୍ରଦାନ କରିବାରେ ସଦ୍‌ଗୁରୁ ସାଇନାଥଙ୍କ ମହିମା ଅବର୍ଣ୍ଣନୀୟ । ଶ୍ରୀ ସାଇଙ୍କ ଚରଣ ସ୍ମରଣ ତଥା ଧ୍ୟାନମାତ୍ରକେ ସମସ୍ତ ସଦ୍‌ଗୁଣ, ଉତ୍ତମ

ଭାବନା ତଥା ସଦାଚାର ପ୍ରଭୃତି ବ୍ୟକ୍ତି ହୃଦୟରେ ସ୍ୱତଃ ପରିସ୍ଫୁଟିତ ହୋଇଥାଏ । ସାଂସାରିକ ମୋହ-ମାୟା, ହିଂସା-ଦ୍ୱେଷ, ପରଶ୍ରୀକାତରତା ପ୍ରଭୃତି ଅନ୍ଧକାର ସମୂହ ସେତେବେଳେ ଆପଣାଛାଏଁ ଅପସରି ଯାଆନ୍ତି, ଜୀବନ ମଧୁମୟ ହୋଇଉଠେ । ଗୁରୁ-କୃପା ପ୍ରାପ୍ତ ବିବେକ ଦ୍ୱାରା ଯେତେବେଳେ ଶିଷ୍ୟ ଜୀବନ ଜଗତ ତଥା ପ୍ରକୃତିର ସମସ୍ତ ରହସ୍ୟକୁ ଚିହ୍ନିବା ଏବଂ ବୁଝିବାରେ ସକ୍ଷମ ହୋଇଯାଏ ସେତେବେଳେ ଦୁଃଖ-ଶୋକ-ମୃତ୍ୟୁ ଯନ୍ତ୍ରଣା ସବୁଥାଇ ମଧ୍ୟ ଏସବୁକୁ ଅତିକ୍ରମ କରି ସେ ମଧୁମୟର ସାନ୍ନିଧ୍ୟ ଲାଭ କରିପାରେ । ହୃଦକନ୍ଦରରେ ସେ ଗାଇ ଉଠେ :-

*"ମଧୁରଂ ମଧୁରଂ ବଦନଂ ମଧୁରମ୍*
*ମଧୁରଂ ମଧୁରଂ ସ୍ମିତମେତଦହୋ*
*ମଧୁରଂ ମଧୁରଂ ବଚନଂ ମଧୁରମ୍*
*ମଧୁରଂ ମଧୁରଂ ମଧୁରଂ ମଧୁରମ୍ ।"*

ମୋ ନିଜସ୍ୱ ଅନୁଭବ ମଧ୍ୟ ଏ କ୍ଷେତ୍ରରେ ଏକ ଜ୍ୱଳନ୍ତ ଉଦାହରଣ । ଆଜିକୁ ଆଠ ବର୍ଷ ହେଲା, ମୁଁ ଶ୍ରୀସାଇଙ୍କ ଚରଣାଶ୍ରିତ । ମୋର ପରମ ସୌଭାଗ୍ୟ ଯେ ଅଙ୍ଗେ ଅଙ୍ଗେ ମୁଁ ଆଜି ଅନୁଭବ କରିପାରୁଛି ଶ୍ରୀସାଇନାଥଙ୍କ ଉପସ୍ଥିତିକୁ, ତାଙ୍କ ଲୀଳା ଆଉ ତାଙ୍କ ମହିମାକୁ ଯାହା ଅବ୍ୟକ୍ତ, ଅପ୍ରକାଶ୍ୟ, ଅବର୍ଣ୍ଣନୀୟ ମାତ୍ର ଅନୁଭବ ସିଦ୍ଧ ।

ଅଧ୍ୟାପିକା, ସଂସ୍କୃତ ବିଭାଗ

# ଏ ମନ ଖୋଜୁଥାଇ ଯାହା

ଅଧ୍ୟାପକ ପରେଶ ସାହୁ
ଓଡ଼ିଆ ବିଭାଗ

"ଏ ମନ ଖୋଜୁଥାଇ ଯାହା- କାଳେ ପ୍ରାପତ ହୁଏ ତାହା" ମିଛକଥା । ସୁଧୁ ମିଛକଥା । ଖାଲି ଗୁଡ଼ାଏ ବକ୍‌ବାଜ । ଗୁଲିକଥା । ଖାଲି କହିବା ପାଇଁ କଥା କହୁଛନ୍ତି ଏମାନେ । ଗଞ୍ଜୋଡ଼ ଗୁଡ଼ାକ । କି'ହୋ, ଏ ମନ ତ ଅନେକ କିଛି ଖୋଜୁଛି । ସବୁ କ'ଣ ମିଳିବ ? ନାଇଁ, ଏବେ ନ ହେଲେ ଭବିଷ୍ୟତରେ, ଧର ପାଞ୍ଚ ଦଶ ବର୍ଷ ପରେ କଣ ମିଳିବ ? କେବେ ମିଳିବନି । ଚେଲେଞ୍ଜ, ମିଳିବତ ନାଇଁ ।

ଆଜିଠୁଁ ଯିବିନି ଆଉ ତା ପାଖକୁ । ସେ ଶଳା ଭଣ୍ଡ ବାବାଜୀ ଆସୁ । ଦେଖି ଯେ ପାନେ, ଜାଣିବ । ଦୁଧ ଖିଆ ଛୁଆ ଭାବୁଛି ମୋତେ । ଆଉ ସେ ଦିନୁ କାକା ? ସେ ଗୋଟା ନାଟର ଗୋବର୍ଦ୍ଧନ । ଉସ୍ତାଦ୍ । ସେ କହିବ ଆଉ ଇଏ ତାକୁ ତୁଳେଇ ତୁଳେଇ ବୁଝାଇଦେବ । ବିଚ୍ ଗାଁ ମଝିରେ ସଭିଙ୍କ ସାମ୍‌ନାରେ ବେଇଜତ କରିବି । ଛଡ଼େଇ ନେବିଟା ଲେଣ୍ଟି ଚିମୁଟା । ମନ୍ଦିର ବେଢ଼ାଟାକୁ ବାପର ଜାଗିର୍ ପାଇଛି । ମୋ ଇଁଲିଶ ଗାଳି ଶୁଣିନି । ଥରେ ଶୁଣିଲେ ଆଉ ଉପଦେଶ ଦେବା ଭୁଲିଯିବ । କହିଲା କ'ଣ ନା, ମନ ଯାହା ଖୋଜିବ ତାହା ପାଇବ । ସେମିତି ତ ମୁଁ ଖୋଜୁଛି ଶ୍ରୀଦେବୀକୁ ବାହା ହବାକୁ, କଣ୍ଟେସା କାର ଚଢ଼ିବାକୁ- ମିଳିବ ? କହ, ଜବାବ ଦେ ? ଚୁପ୍ ରହିଲୁ କାହିଁକି ? ଜବାବ୍ ଦେ ? ନୁଆଁଣିଆ ଚାଳ ତଳେ ଦାଣ୍ଡପିଣ୍ଡା ପଲଙ୍କ ଉପରେ ବସି ବଡ଼ପାଟିରେ ଚିତ୍କାର କରି ଉଠିଲା ଶଙ୍କର । ବୋଉ ଦୌଡ଼ି ଆସିଲା ଦାଣ୍ଡ ଘରକୁ । କିରେ କ'ଣ ହେଲା ? ଏତେ ପାଟିଟା କାହିଁକି କରୁଛୁ ? କାହା ସଙ୍ଗେ କଥା ହେଉଥିଲୁ କି? ଚାରିଆଡ଼କୁ ବୋଉ ଚାହିଁଲା ।କେହି ନାହିଁ ତ। ତେବେ କାହା ସଙ୍ଗେ ଇୟେ କଥା ହେଉଥିଲା ! ଶଙ୍କର ଗମ୍ଭିର ହୋଇ ବସିଥିଲା । ବାଁ ଗୋଡ ଟେକି, ବାଁ ହାତ ଆଣ୍ଠୁ ଉପରେ ରଖି ଫଁ ଫଁ ନିଶ୍ୱାସ ଛାଡ଼ି ଭିତରକୁ ଟାଣୁଥିଲା ।

ଏ ଅପନ୍ତରା ଗାଁକୁ ମଣିଷ କାହିଁକି ଆସେ କେଜାଣି ? ଏଠିକି ଆସିଲେ ଯେତେ ସବୁ ବାଜେ ଚିନ୍ତା, ବାଜେ ଲୋକଙ୍କ ସଙ୍ଗେ ଦେଖା ହେବ । ପୂଜା ଛୁଟିରେ ଶଙ୍କର ଭାବିଥିଲା ଗାଁକୁ ଆସିବନି । ରହିଯିବ ତା'ର ସେହି ଭଡ଼ା ଘରେ, ମାସକୁ ଦୁଇଶହ ଟଙ୍କା କମନ୍ ଲେଟ୍ରିନ୍ ବାଥ ଭଙ୍ଗା ଟିଣ ଘରେ । ଆସନ୍ତୁ

ସିଏ ଯେତେ ଚାନ୍ଦା ନେବେ । ଟାଉନ୍ ଯାକ ଯେତେ ପୂଜା ହଉଛି ସମସ୍ତଙ୍କୁ ଚାନ୍ଦାଦେବି । ପକେଟ୍ ଖାଲି କରି ଦେବି । ତା'ପରେ ତ ଆଉ ମାଗିବାକୁ ନ ଥିବ । ମୁଁ କ'ଣ ଡ଼ରିଛି କାହାକୁ ? ହେଲେ ବୋଉଟା କଥା, ବାବୁଲା ତା ସାନ ଭାଇ କଥା, ଅନେକ ମନେ ପଡ଼ିଲା । ବାବୁଲାର୍ ଏ ବର୍ଷ ଅଷ୍ଟମ ହେଲା । ଭଲ ପଢ଼େ । ହେଲେ ଭାରି ଚଗଲା । ଭାରି ଗେହ୍ଲାରେ ବଢ଼ିଥିଲା ସିଏ । ମୋତେ ତୁ-ତା କରେ । ମାନେ ବି । ବେଳେ ବେଳେ ମୁଁ ଅନ୍ୟ ମନସ୍କ ଥିଲେ ବୋଉକୁ ସାକ୍ଷୀ ରଖି ଡ଼ାକି ଦବ ଏ-ଶଙ୍କର... । ମୋ ବୋଉବି ସେଥିରେ ମଜାନିଏ । ବୁଢ଼ିମା ତ ପାକୁଆ ପାଟିରେ ହସି ହସି ଗଡ଼ିଯିବ ଆମ ଗୋବର୍ ଲିପା ପିଣ୍ଡା ଦିହରେ । କି ମଜା ପାଏ କେଜାଣି ବୁଢ଼ୀ-ଧୁକୁଡ଼ି । ବାବୁଲାକୁ କିନ୍ତୁ ଏ ଫଗଲି ବୁଢ଼ୀମା ବହୁତ ଭଲପାଏ ....।

ଏମିତି ଟିକେ ଭାବୁ ଭାବୁ ସଞ୍ଜ ଗଡ଼ିଯିବ ବୋଲି କିଏ ଜାଣିଥିଲା ? ଚାଳ ତଳକୁ ମୁଣ୍ଡ ନୁଆଁଇ ଦେଖିଲା ଶଙ୍କର୍ । ଆଲୁଅ ଜଳୁଛି କି ନାହିଁ । ଆକାଶରେ ଏବେ ବି ଆଲୁଅ ଫିକା ଅଛି । ଏଣେ ଗାଁଟା ଯାକ ସଂଜବତୀ ଜଳିଗଲାଣି । ଶଂଖ ବାଜିଲାଣି । ଆଲୁଅ ଜଳିଗଲାରୁ ଅଂଧାରଟା ବରଂ ବେଶୀ ଜଣା ପଡ଼ିଲା । ପିଲାମାନେ କିଏ ସବୁ ଦାଣ୍ଡ ପଡ଼ିଆରେ ଖେଳୁଥିଲେ ଘରେ ଡ଼ାକ ପଡ଼ିବାରୁ ଗୋଡ଼ ହାତ ଝାଡ଼ି ଘର ମୁହାଁ ଦୌଡ଼ିଲେ । ଗାଁ ମନ୍ଦୀରରେ ବି ଆଳତୀ ଘଣ୍ଟ ଶୁଭୁଛି । ଓହୋ, ମଣିଷକୁ ଟିକେ ନିଶ୍ଚିନ୍ତରେ ଚିନ୍ତା ବି କରିବାକୁ ଦେବେନି ଏମାନେ। ଏ ଲୋକ ଗୁଡ଼ାକ ସଂଜ ଆଗରୁ ରାତି କରିଦେବେ।

ମୋ ବିଧବା ବୋଉର ସଂଜବତୀ, ଏବେ ଚାଳ ତଳେ ମୁଣ୍ଡ ନୁଆଁଇ ତୁଳସୀ ମୂଳକୁ ଯିବ । ଅଧ ଘଣ୍ଟା ତୁଳସୀ ମୂଳରେ ବୋଉ ମୁଣ୍ଡ ବାଡ଼େଇବ । ପାଟିରେ ଗୁଣୁ ଗୁଣୁ ହେବ । ଗୀତା, ଭାଗବତ, ମନ୍ତ୍ର, ଯନ୍ତ୍ର ମୋ ହୁଣ୍ଡି ମୁରୁଖ ବୋଉତ କିଛି ପଢ଼ିନି ! ତଥାପି କଣ ସବୁ ଗୁଣୁରୁ ଗୁଣୁରୁ ହୁଏ ? କାହାପାଇଁ କ'ଣ ସବୁ କହେ ଠାକୁରଙ୍କୁ ? ଗାଁ ମୁଣ୍ଡ ପୋଖରୀ ତୁଠରୁ ସାତଖଣ୍ଡ କିଆରି ପାରି ହୋଇ ଆମ ଘର ପର୍ଯ୍ୟନ୍ତେ ଯଉ ରାସ୍ତା ଖଣ୍ଡିକ ଅଙ୍କାବଙ୍କା ହୋଇ ଲମ୍ବି ଯାଇଛି ସେଇଟା ହେଉଛି ମୋ ବୋଉର ପୃଥିବୀର ଭୌଗଳିକ ମାନଚିତ୍ରରେ ସବୁଠୁ ବଡ଼ ରାସ୍ତା । ସହର ବଜାର୍ କେବେ ଦେଖିନି ସେ । ସୀମନ୍ତ ତଳକୁ ହାତେ ଓଢ଼ଣା ଟାଣି କାନ୍ଦଣା ଗୀତ ଗାଇ ସବାରିରେ ବସି ଶାଶୁ ଘରକୁ ଆସିଥିଲା । ବାପା ବଂଚିଥିଲା ବେଳେ ବୋଉ କେବେ ଜିଦ୍ କରିନି, ମୋତେ ସହରକୁ ନେଇ ଚାଲ ସିନେମା ଦେଖେଇ, ବଜାର୍ ବୁଲେଇ ।

ମୋ ବୋଉତ ବିରାଟ ଏକ ବାରହାତ ଶାଢ଼ୀ ତଳେ ଗୋଟେ ମାଂସ ଜଣ୍ଟେଇ । ବୋଉକୁ ମୋତେ ଭାରି ଭଲଲାଗେ । ମୁଁ ଯେ ସହରରେ ଗୋଟେ ପ୍ରାଇଭେଟ୍ କଲେଜରେ ମାସକୁ ଚାରିଶହ ଟଙ୍କା ଦରମାରେ ଚାକିରୀ କରେ, ଢ଼ୋ ଢ଼ୋ ଖରାରେ ବୁଲି ଯ୍ୟାଘର ତା'ଘର, ବାର୍ ଘର ଶୁଙ୍ଘିପିଣ୍ଡା ହୋଇ ଟିଉସନ କରି ଚଳେ, ସେ କଥା ସେ ବୁଝେନି । ବୁଝିପାରିନି । ବରଂ ଆମ ବାଡ଼ ସେପଟର ଆମ ପଡ଼ିଶା ଲକ୍ଷ୍ମୀ ବୋଉକୁ ଛାତି ଫୁଲେଇ କହେ ଜାଣିଛୁ ଅପା, ଶଙ୍କରର ବା'ଘର ଏଇଥର ଫଗୁଣକୁ କରିଦେବା । ଚାକିରୀ କଲାଣି । ହାତରେ ଫୁଟେଇ ଖାଉଛି । ଲକ୍ଷ୍ମୀଟାକୁ ଘରକୁ ବୋହୁ କରି ଆଣିଲେ ମୋ କାମ ସରିଯାଆନ୍ତା । ଦି'ବଖରା ନୂଆ ଘର ବି ଏଥର ଧାନକଟା ପରେ କରିବା ।

-ନୂଆଘର ନା ଛେନାଗୁଡ଼ । ଏଇ ପୁରୁଣା ଘରକୁ ନଡ଼ା ଛାଉଣି କରି ମରାମତି କରି ହେଉନି । କହିଲା କଣନା ନୂଆ ଘର ।

ସଂଜ ହେବାକୁ ବସିଲାଣି । ଶଙ୍କର ଏବେ ଉଠିଲା । ବାବୁଲାତ ଏଯାଏଁ ଫେରି ନ ଥିବ । କୁଆଡ଼େ ଖେଳି ଖେଳି ଘଣ୍ଟାଏ ପରେ ଆସିବ, ପଚାରିଲେ କହିବ କଣନା ଜ୍ୟାମିତି ବାକ୍ସ ଆଣିବାକୁ ଯାଇଥିଲି । କୋଉ ଗୋଟେ କ୍ଲାସ ପିଲା ନାଁ କହିଦେବ । ବୁଢ଼ୀମା ଏଯାଏ ମନ୍ଦିରରୁ ଫେରିନି । ବୋଉତ ତୁଳସୀ ମୂଳରେ ମୁଣ୍ଡ ବାଡ଼ଉଚି । ଲଣ୍ଠନଟା ଲାଗାଇବାକୁ ପଡ଼ିବ । ଶଙ୍କର ଆଗ ରୋଷେଇ ଘର କଣରେ ହାତ ବୁଲେଇ ଲଣ୍ଠନଟା ଦରାଣ୍ଡି ପକାଇଲା । ଘର ଭିତରଟା ପୁରା ପୁରି ଅନ୍ଧାର । ଲଣ୍ଠନଟା କ'ଣ ତା ଯାଗାରେ ଅଛିଯେ ପାଙ୍ଗେ ପାଙ୍ଗେ

ମିଳିଯିବ ! ଏଇ ବାବୁଲା ବଜାରୀ ଲଣ୍ଠନ ଥୋଇଛି କୋଉଠି । ପାହାନ୍ତିଆ ଉଠି ଇତିହାସ ଘୋସୁଥିବ । ତାହାରି କାମ, ନ ହେଲେ କଣ ମିଳନ୍ତାନି । ଦାଣ୍ଡ ଦୁଆର ମୁହଁକୁ ଶଙ୍କର ଫେରିଆସିଲା । ଡ଼ାକିଲା- ବାବୁଲା ରେ .... । ଗାଁ ଦାଣ୍ଡରେ ସାନ ସାନ ପିଲାମାନେ ଧରା ଧରି ହସା ହସି ହେଇ ଯାଉଛନ୍ତି । ତା'ଡ଼ାକକୁ ଥଟ୍ଟାରେ 'ଓ' କରୁଛନ୍ତି । ଶଙ୍କର ରାଗିଗଲା । ଗମ୍ଭିର ଗଳାରେ ପଚାରିଲା, ଆମ ବାବୁଲାକୁ ଦେଖିଛ କିରେ ? ପିଲାମାନେ ହଡ଼ବଡ଼େଇ ଗଲେ । ଡ଼ରିଗଲେ । କିଏ ଗୋଟେ ହଠାତ୍ ମନେ ପକାଇଲା ପରି କହିଲା - ହଁ, ସିଏତ ମନ୍ଦିର ପଛରେ ଖେଳୁଥିଲା । ଆଉ କିଏ ପୁଣି ମୁହଁ ଲୁଚାଇ ତାକୁ ସୁଧାରି ଦେଉଥିଲା - ନାଇଁ ମ ସିଏ କାହିଁକି ବାବୁଲା ହବ ? ସେ ପା' କମଳିନାନୀ ପୁଅ ତା'ର ବି ଗୋଟେ ବାବୁଲା ପରି ସାର୍ଟ ଅଛିତ । ତୁ ତାକୁଇ ଦେଖିଥିବୁ ।

ଛାଡ଼, ଏମାନଙ୍କୁ ପଚାରି ଲାଭ ନାହିଁ । ବାଳୁଙ୍ଗୀ ଗୁଡ଼ାକ । ସେ ଛତରା ଆସୁ ତା' କଥା ବୁଝାଯିବ । ପୁଣି ସେହି ପିଣ୍ଡାରେ ବସିଲା ଶଙ୍କର । ମନେ ପକେଇଲା ଲଣ୍ଠନଟାକୁ । ଘରଟା ଭିତରେ ଏମିତି କୁଆଡ଼େ ଉଭେଇ ଗଲା । ବାବୁଲା ବୋଧେ ଲିଭାଇବାକୁ ଭୁଲିଯାଇଥିବ । ପଡ଼ାସାରି ଉଠି ଯାଇ ଥିବ । ତା'ନହେଲେ ବୁଢ଼ୀମା ତାକୁ ଲିଭାଇ କୋଉଠି ଥୋଇଥିବ । ହେଲେ ସେ ଅବିକା ଘରେ ଥିଲେ ତ ? ସମସ୍ତଙ୍କୁ ତ ଏକା ସଞ୍ଜେପୂଜା କରିବାକୁ ଥାଏନା ! ସେ ବୁଢ଼ୀବି କଣ ସଜାଡ଼ି ରଖିଥିବ । ଖାଲି ଆମକୁ ଗାଳି ଦେବ - ସବୁ ସଜାଡି ରଖ - ମାଙ୍କଡ଼ କଉଠି କାର । ଏମିତି ଭାବୁ ଭାବୁ ପୁଣି ଶଙ୍କର ପଶିଗଲା ରୋଷେଇ ଘରେ । ଅଣ୍ଡାଳୁ ଅଣ୍ଡାଳୁ ଡ଼ିବିଟା ପାଇଗଲା । ଚୁଲିକନ୍ଧାରୁ ଦିଆସିଲ୍‌ଟା ବି ମିଳିଗଲା । ଓହୋ - ରକ୍ଷା । ବଂଚିଗଲା ମଣିଷ । ଡ଼ିବିଟା ଲଗେଇ ଲଣ୍ଠନ ଖୋଜିଲା ବେଳକୁ ବୁଢ଼ୀମା ଖଟତଳେ ଥୁଆ ହୋଇଛି । ଦେଖ ସେ ବୁଢ଼ୀର ବୁଦ୍ଧିକୁ । ପଞ୍ଚାଅଶୀ ବରଷ ହେଲାଣି । ଆଖିକିତ ଭଲ ଦିଶୁନି । ଦିଶୁନି ତ ଏତେ କାମକୁ ଆଗଭର କାହିଁକି ? ତୋତେ କିଏ କହୁଥିଲା ଲଣ୍ଠନ ସଜାଡିବାକୁ । ଭଲ ଲୋକି ଦେଖେଇ ହବାକୁ । ବୁଢ଼ୀ ହେଲୁ-ପୂଜା ପାଠ କର କି ଦଣ୍ଡେ ଘଡ଼ିଏ ଭାଗବତ କର ।

ଏଇ ହଇରାଣ ହରକତ ପାଇଁ ମଣିଷ ଗାଁକୁ ଆସିବାକୁ ଖୋଜେନି । ଦିନେ କାଳେ ମଣିଷ ଦି' ଦିନ ଆସିବ ଟିକେ ହସ ଖୁସିରେ ଦିନ କାଟିବାକୁ ସେ ଏଇମିତି । ଶଙ୍କର ଡ଼ାକିଥାନ୍ତା ବୋଉକୁ ବୋଉ ସେତିକି ଥାଉ ତ ପୂଜା ପାଠ ମନ୍ତ୍ର । ଆଁ ଲଣ୍ଠନ କାଚ ପୋଛିବୁ । ପୁଣି କଣ ମନ ହେଲା କେଜାଣି ଚାଳରୁ ଲଣ୍ଠନ ପୁଛା କନା ଖଣ୍ଡିକ ଟାଣି ଆଣି ସଫା କରିବାକୁ ବସି ପଡିଲା । ହେଲେ ଲଣ୍ଠନ ହଲେଇ ଦେଲାବେଳକୁ କିରୋସିନି ନାହିଁ । ପୁଣି ବତୀଟା ଟିକେ ତେଜି ଦେଲା ବେଳକୁ ଫିତାଟା ବି ଗଳିପଡ଼ିଲା ତଳକୁ । ବାଃରେ ଆମ ଲଣ୍ଠନ । ମୁଣ୍ଡଟା ପିଟି ଦେବାକୁ ଇଛା ହେଉଛି । ଏଣେ ଡ଼ିବିଟାରେ ବି ତେଲ ନାହିଁ । ମିଂକି ମିଂକି ହେଇ ଜଳୁଚି । ଯାଉ ଲିଭିଯାଉ ସବୁ । ହେଇଯାଉ ଅନ୍ଧାର । ପୁରା ଅନ୍ଧାର । ଏ ଅଲକ୍ଷଣା ଘରେ କଣ କରିବ କର । ଆସୁ ସେ ବାବୁଲା, ମଜା ଚଖେଇବି ତାକୁ । ତାକୁ ଗାଳି ଦେଲା ବେଳେ ଯଦି ସେ ଫଗଳି ବୁଢ଼ୀମା ବାହାରେ ତାହେଲେ ସେ ବି ଶୁଣିବ ମୋଠୁ । ଏତେ ରାତି ହେଲାଣି । ବୁଢ଼ୀମା ବୋଧେ ମନ୍ଦିରରୁ ଫେରୁ ଫେରୁ ଲଟକିଥିବ ସେଇ ଲକ୍ଷ୍ମୀ ବୋଉ ପାଖରେ । ଭଲ ଲୋକି ଦେଖେଇ ହେଉଥିବ । କହୁଥିବ ତୁମର କିଛି ଦବା ଦରକାର ନାହିଁ । ମୋ ପୁଅ ବା'ଘରେ କିଛି ନେଇନି, ନାତି ବାଘରେ ବି ନେବିନି । କିଏ ପଚାରେ ତୋ ମୁରବୀ ପଣିଆକୁ । କିଏ ବା' ହବମ ତା'କୁ ? ଚେପଟିନାକି, ଉଢକପାଳୀ । ହେଁ ନମ୍ବା ବେକ, କଥା କହୁଥିବ ସେ ଦାନ୍ତ ମାଢ଼ି ଦିଶିଯାଉ ଥିବ । କ'ଣ ନା ଆମ ନକ୍ଷୀ ଭଲ ତରକାରୀ ରାନ୍ଧେ । ଘର କାମକୁ ଭାରି ଆଗୁଆ । ଅଧକିଲେ ଚିଙ୍ଗୁଡ଼ି ମାଛର ଶୁଂଗ ପାଞ୍ଚ ମିନିଟରେ ଭାଙ୍ଗି ଶୋରିଷ ବଟା କରିଦେବ ଘେ ପାଟିରୁ ଛାଡ଼ିବନି । ମୋ ବୁଢ଼ୀମା ଟିକେ ଆଇଁସ ରଙ୍କୁଣୀ ତ ତାକୁ ଲୋଭ ଦେଖଉଛି । ହେଲେ ବୁଢ଼ୀର ଅସଲ ରୂପକୁ ଦେଖିନି ସେ । ରାମାୟଣ ମହାଭାରତ ତା ମୁହେଁ ମୁହେଁ । ଆମ ଗାଁର ଅଧା କୁ ଅଧା ଗାଁ ଭୁଆଶୁଣି ତା'ରି ଦେଖାରେ ଆସିଥିବେ । ଆଉ ତାକୁ ଠକିଦବ

ଏ ଲକ୍ଷ୍ମୀର ବୋଉ ? କେଜାଣି ବି କି ମାୟା ଯଦି ଲାଗିଥିବ ସେ ଲକ୍ଷୀଠି । ବାବୁଲା କହେ ମୁଁ ସହରକୁ ଚାଲିଗଲେ ଲକ୍ଷ୍ମୀ କୁଆଡେ ଆମଘରେ ବାବୁଲା ସଙ୍ଗେ ସଂଧ୍ୟାବେଳେ ଏକାଠି ପଢ଼ି ବସେ । ଦି'ବରଷ ଫେଲ ହେଇ ଏବେ ବାବୁଲାର ଦୁଇ କ୍ଲାସ ଉପରେ ପଢୁଛି । ରାତି ଆଠଟା ହେଲେ ଢୁଳାଏ । ବାବୁଲାଟି ଭାରି ଦୁଷ୍ଟ । ଲକ୍ଷ୍ମୀ କାଛକୁ ଆଉଜି ଶୋଇ ପଡ଼ିଲେ କାଳି କଲମରେ ତା' ନିଶ କରିଦେବ । ବୋଉକୁ ଚୋଷେଇ ଘରୁ ଭିଡ଼ିଆଣି କହେ ଦେଖିବୁ ଆ' ନା ବୋଉ ଆମ ଦାଣ୍ଡ ଘରେ କିଏ ବଇଚି ! ନିଶୁଆ ଚୌକିଦାର । ମୋ ବୋଉ ବି ଲକ୍ଷ୍ମୀକୁ ହଲେଇ ଦବ । କହିବ - ଆଲୋଏ ଯାଉନୁ ଶୋଇବୁ ? ଅଇନାରେ ମୁହଁକୁ ଦେଖିଲୁ ବାବୁଲା କ'ଣ କରିଛି ।

ଇ'ମା, ସତରେ ମାଉସୀ, ଏ ବାବୁଲାଟାନା... ମୁଁ ଆଉ କେମ୍ଭା ତମ ଘରକୁ ଆସିବିନି । ଏଇମିତି ସେ ସବୁଦିନେ କହେ ପୁଣି ସବୁଦିନେ ଆସେ । ଅଲାଜୁକି -

ଏ ବାବୁଲା ଯେମିତି ଆଉ ବୋଉ ବି ସେମିତି । ଛାଡ଼ । ଠିକ୍ ଏଇ ସମୟରେ ଦାଣ୍ଡ ଘର କବାଟଟା ଧଡ଼କିନି ହେଲା । ଶଙ୍କର କହିଲା କିଏ କିରେ ? ବାବୁଲା ତ ? ଆ-ଆ- ତୋତେ ତ ମୁଁ ଜଗି ବସିଛି । ତୋ କଥା ବୁଝୁଛି ଏଇନା । ଲଣ୍ଠନ କୋଉଠି ରଖିଥିଲୁ ? କିରୋସିନି ସବୁ କୋଉଠି ଢ଼ାଳିଛୁ ? ତା' ପରେ ପୁଣି ସବୁ ଚୁପ୍ ଚାପ୍ । ସଂଜ ବେଳଟାରେ କ'ଣ ଘର ଭିତରକୁ ଚୋର ମାଡ଼ି ଆସିଲା । ବୋଉ ବୁଢ଼ୀମା ତ ବାହାରେ । କିଏ ତେବେ ? ଆରେ କିଏ ସେଠି କଥା କହୁନ କାହିଁକି ? ଶଙ୍କର ରାଗରେ ଉଠିଯାଉଥିଲା ବାହାରକୁ ଢ଼ୋ କିନି ବାଜିଲା ଦାଣ୍ଡ କବାଟ ତା' ମୁଣ୍ଡରେ ବୋପାଲ କହି ଚିତ୍କାର କଲାବେଳକୁ ବାବୁଲା ଫେଁ କିନା ଫଞ୍ଚରୁ ହସିଦେଲା ।

-ଛତର। କଉଠିକାର । କୋଉଠି ଡେଇଁଥିଲୁ ? ରହିଲୁନି ଆଉ ଘଡ଼ିଏ ? କାହିଁକି ଆସିଲୁ ? ପାଠପଢ଼ା କେତେବେଳେ ହବ ? ବହି ଧରି ବସିଲା ବେଳକୁ ତ ଏଇନା ନିଦ ଆସିବ । ଢୁଳେଇବ, ବଦ୍ମାଶୀ ।

ମୁଁ କ'ଣ ଢୁଳାଏ କି ? ଲକ୍ଷୀ ଅପା ଢୁଳାଏ । ଯାଉନୁ ଲକ୍ଷୀ ଅପାକୁ ଗାଳିଦବୁ ।

-ପାଟିକରନା । କହିଲା କ'ଣ ନା ଲକ୍ଷୀ ଅପା ଢୁଳାଏ । ସେ କାହିଁକି ଆସୁଛି କି ? ତୁ ତୋର ଏକାଠି ପଢୁନୁ ? ଦେବି ଯେ ଗାଲକୁ ଗୋଟେ ମଜା ବୁଝିବୁ '।

-ମୁଁ କଣ ତାକୁ ଡ଼ାକୁଛି ? ବୋଉ ଡ଼ାକୁଛି ନା । ତାଙ୍କ ଘରେ ଲଣ୍ଠନ ନାହିଁତ ସେଥିପାଇଁ । ଜାଣିଛୁ ଭାଇ, ବୋଉ କହୁଥିଲା - ତୁ ପରା ତାକୁ ବାହା ହବୁ? ସତ କି ? ହସି ଦେଲା ବାବୁଲା ହୋ ହୋ କରି ।

-ହଉ, ଆଉ ବେଶୀ ଦାନ୍ତ ଦେଖାନା । ଯା, ହାଡ଼ିଆ ଦୋକାନରୁ କିରୋସିନି ଆଣିବୁ ଖାତାରେ ଲେଖିଦବ, ପଇଲାକୁ ନବ । ବାବୁଲା ବୋତଲ ଧରି ଦୌଡ଼ିଲା । ଶଙ୍କର କହିଲା - ଧିରେ ଯାଉନୁ ଅନ୍ଧାରରେ । ବାବୁଲା ବାଁ ହାତରେ ବୋତଲ ମୁହଁର ମକାଠିପିଟାକୁ ଭଲ କରି ପରଖି ନେଲା ଆଉ ଗୁଣୁ ଗୁଣୁ ସ୍ୱରରେ ଗାଉଥିଲା - ପୁଚୁକି ଗାଲି ଫେସନ ବାଲି, ଚାଲି ତୋ ବମ୍ବେ ଦିଲ୍ଲୀ... ଦେ, ଦୌଡ଼ିଲା ଓ ଅନ୍ଧାରରେ ମିଶିଗଲା କୁଆଡେ ।

-ତା ଗୀତ ଶୁଣ । ଏଡ଼ିକି ବକଟେ ପିଲା । ଗାଲଚିପିଦେଲେ ଦୁଧ ବାହାରିବ । କହିଲା କଣନା- ପୁଚୁକି ଗାଲି-, ଫେସନ ବାଲି -ସେଃ । ଫେରିକି ଆ, ତୋ ଗୀତ ଗାଇବା ଛଡ଼ଉଛି ।

-ବାବୁଲା ଘରୁ ବାହାରିଲା ପରେ ପୁଣି କେମିତି ଗୋଟେ ଖାଁ ଖାଁ ନିରବତା ଖେଳିଗଲା ଘରଟା ଭିତରେ । ଆରେ - ହେ, ବତୀ କଥା ତ କହିବାକୁ ଭୁଲିଗଲା ଶଙ୍କର । ଚମକି ପଡ଼ି ଉଠିଗଲା ବେଳକୁ ବାବୁଲା ଯାଇ ଅଧାବାଟରେ । ଡ଼ାକିଲେ ବି କୋଉ ଶୁଣିବ ? ଦୋକାନ ଯାଉଥିବା କୋଉ ପିଲାକୁ ଟିକା କଥା କହି ଶଙ୍କର ଘର ଭିତରକୁ ଫେରି ଆସିଲା ବେଳକୁ ହପ୍ କିନି ଡିବିଟା ଲିଭିଗଲା । କୁଆଡେ଼ ଥିଲେ କୁଳୁକୁଳିଆ ପୋକ ଦି'ଟା ଘର ଭିତରକୁ ପଶି ଆସି ଏପାଖ ସେପାଖ ହେଲେ । ପିଲାଦିନେ ଶଙ୍କର ଏଗୁଡ଼ାକୁ ବହୁତ ଧରିଛି । ଖୁବ୍ ମଜା ଲାଗେ । ଅନ୍ଧାର ଘରଟା କେମିତି ମିଂକ୍ ମିଂକ୍ ଆଲୁଅରେ ଝଲକି ଯାଉଛି

ଏବେ । ଯେମିତି ଗୋଡ଼ ତଳେ ଆଉ ମାଟି ନାହିଁ । ଶଙ୍କର କେମିତି ହାଲୁକା ହେଇ ଯାଉଛି ଧିରେ ଧିରେ ହାତ ହଲେଇଲେ ବୋଧେ ଉଡ଼ି ଯାଇ ହେବ ।

-ଏଇଟା ଆକାଶ । ଖଣ୍ଡ ଖଣ୍ଡ ବହଳିଆ ବାଦଲ । ଏ ବାଦଲ ସେପାରିରେ ସେଇଠି ବହୁତ ଦୂରରେ ଦୁଇଟି ତାରା । ତା'ପରେ ସ୍ଵର୍ଗ । ଇସ୍ କେତେ ଦୂର । ଆଖି ପାଉନି । ସେଠି ବାପା ଥିବେ ମୋ ବାପା । ଯିଏ ପାଞ୍ଚ ବର୍ଷ ତଳେ ଅଧା ବାଟରେ ବିରାଟ ଗୋଟେ ଦାୟିତ୍ଵ ମୋ ମୁଣ୍ଡରେ ଲଦି ଦେଇ ଚାଲିଗଲେ କେନ୍‌ସର୍ ରୋଗରେ ଆକ୍ରାନ୍ତ ହୋଇ । ଗାଁ ପ୍ରାଇମେରୀ ସ୍କୁଲରେ ଜଣେ ସଚ୍ଚୋଟ ଶିକ୍ଷକର ଏତେ ବଡ଼ ରୋଗକୁ ସାମ୍ନା କରିବାକୁ ଶକ୍ତି ନ ଥିଲା, ସାମର୍ଥ୍ୟ ବି ନ ଥିଲା । ରୋଗରେ ପଡ଼ିବାର୍ ବର୍ଷେ ପରେ ବି ମୋ ବାପା ଜି.ପି.ଏଫ୍‌ରୁ ଟଙ୍କା ଉଠେଇ ମୋ ଏମ୍. ଏ. ପରୀକ୍ଷାର ଫର୍ମଫିଲପ୍ ପାଇଁ ମୋ ପାଖକୁ ପଠେଇଥିଲେ । ସବୁ ବାପାମାନେ କଣ ଏଇମିତି ? କେମିତି ଏମାନେ କାଳଜୟୀ ହୋଇଯାଆନ୍ତି ? ଆମ କଲେଜର ଚନ୍ଦୁସାର୍, ସୁବ୍ରତସାର୍, ପୂର୍ଣ୍ଣେନ୍ଦୁସାର ଏମାନଙ୍କ ବାପାମାନେ ବି କଣ ଏଇମିତି ??? ସେମାନଙ୍କର ସ୍କୁଟର ଅଛି- ମୋର ତ କାହିଁ କାହିଁ ? ସେମାନେ କେତେ ରକମର ପୋଷାକ ପିନ୍ଧି ଆସୁଛନ୍ତି- ମୋର ତ ଏଇ ଗୋଟିଏ । ଗୁପ୍ତା ବାବୁଙ୍କ ବେଲ୍‌ଟର ଦାମ୍ ବାରଶହ ଟଙ୍କା-ମୋ ପଚାଶ ଟଙ୍କିଆ ବେଲ୍‌ଟର୍ ବକଲ ଭାଙ୍ଗିଗଲେ ବି, ଚାଲିଛି । ସତରେ ବାପା ଥିଲେ କେତେ ସାହାସ ? ସେ ବୁଢ଼ା ହୁଅନ୍ତୁ, ତାଙ୍କର କିଛି ଉପାର୍ଜନ ନଥାଉ । ଆଖିକି ତାଙ୍କର ନ ଦେଖା ଯାଉ ତଥାପି ସେତ ବାପା । ମୋ ପାଇଁ ମୁରବୀ । ଭଲରେ ମୋ ପାଇଁ ଖୁସିର ଖେଳନା, ଆଉ ଦୁଃଖରେ ମୋର ଦରଦୀ ବନ୍ଧୁ ପୁଣି ବିପଦରେ ମୋ ପାଇଁ ବନ୍ଧୁକ । ମନ ଭରି ବାପାଙ୍କୁ ଗୁହାରି କରିବାକୁ ଇଛା ହେଉଥିଲା । ତମେ ଥରେ ଦେଖିବ ଆସ ବାପା, ତମେ ତିଆରି ଥିବା ତମର ସେହି ଶଙ୍କର ନାମକ ମଣିଷଟି କେମିତି ତମ ମନ ରଖିବାକୁ ଯାଇ ଗାଁରୁ ସହର ଆଉ ସହରରୁ ଗାଁ ହୋଇ ହୋଇ ଧନ୍ଦି ହୋଇ ଯାଉଛି । ମୁଁ ଶିକ୍ଷକ ହୋଇଛି । ପାଠ ପଢ଼ାଇବାକୁ ମୋ ଜୀବନରେ ପେଷା କରିଦେଇଛି । ଆଉ ଶିକ୍ଷକ ହେବାକୁ ଯାଇ ମୁଁ କେମିତି ଧିରେ ଧିରେ ପଙ୍ଗୁ ହୋଇ ଯାଉଛି । ସବୁ ବିଷକୁ ପାନ କରି ମୁଁ ଏମିତି ନୀଳକଣ୍ଠ ହୋଇଯିବି ବୋଲି ତମେ ବୋଧେ ଜାଣି ଜାଣି ମୋ ନାଁ ଶଙ୍କର ରଖିଥିଲ । ଶଙ୍କରକୁ ଗାଳିଦେବାକୁ ଇଚ୍ଛା ହେଲା- ବାପା, ମୁଁ ବାପା ହେବା ଆଗରୁ ତମେ କାହିଁକି ଚାଲିଗଲ ? ତମେ ଦେଇଥିବା ବୋଝକୁ ମୁଁ ମୋ କାନ୍ଧରେ ସମ୍ଭାଳି ପାରୁନି । ବୁଢ଼ୀମା, ବୋଉ, ବାବୁଲା ଏମାନେ ସମସ୍ତେ ମିଶି ମୋତେ ଅଣନିଶ୍ଵାସୀ କରି ଦେଉଛନ୍ତି । ମୁଁ କ'ଣ କରିବି ? ତୁମେ ସ୍ଵର୍ଗରେ ଥାଇ ମୋତେ ଶକ୍ତି ଦିଅ ବାପା, ମୋତେ ଟିକିଏ ବଳ ଦିଅ । ଏ ବୋଝ ବୋହି ମୁଁ ଆଉ ଆଗକୁ ପାଦ ବଢ଼ାଇ ପାରୁନି । ତମ ସ୍ତ୍ରୀ ପାଇଁ ଆଠ ହାତୀ କସ୍ତା ଶାଢ଼ୀ ଖଣ୍ଡେ ଆଣି ଦେଇ ପାରୁନି । ଆଉ ତମ ଅତି ଅଲିଅଳ ସାନ ପୁଅର ଅନେକ ଦିନର ଗୁହାରି କ୍ରିକେଟ୍ ବେଟ୍ ଖଣ୍ଡେ ତା ହାତକୁ ବଢ଼େଇ ଦେଇ ପାରୁନି ।

ଆଖିରୁ ଲୁହ ଆଉ ପାଟିରୁ ବାପା ବୋଲି ଶଙ୍କରର ଅଜାଣତରେ ବାହାରି ପଡିଲା । ଶଙ୍କର କେମିତି ମୋହାଛନ ଅବସ୍ଥାରେ ଆଣ୍ଠୁ ଉପରେ ମୁଣ୍ଡ ରଖି ଆଖି ବନ୍ଦ କରି ଦେଇଥିଲା । ଆଖି ଖୋଲିଲା ବେଳକୁ ଘର ଭିତରକୁ ପାଟି କରି ପଶି ଆସିଲା ବାବୁଲା ।

କିରୋସିନି ପାଇଁ ଲାଇନ୍ ଲଗେଇ ଏତେ ଡ଼େରି ହେଲା । ବାଟରେ ଟିକୁ ଦାଦା ଘର ପାଖରେ ବୋତଲରୁ ମକାଠିପିଟା କୋଉଠି ଗଳିପଡିଲା । ଖୋଜିକି ପାଇଲିନି । ଫିତା ପାଇଁ ଆଗରୁ କହିଲୁନୁ - ମୁଁ ଆଉ ଫିତା ଆଣିନି ସେ-

-ଆରେ କେମିତିକା ପିଲାଟାମ ? ଫିତା କେମିତି ଆଣିନୁ । ଶଙ୍କର ରାଗିଯାଇଥିଲା । ଏତିକି ବେଳକୁ ବାବୁଲା ଶଙ୍କର ଉପରକୁ ଫିତାଟା ଫୋପାଡି ଦେଇ ଦିଆସିଲିଟା ତା ହାତରୁ ଛଡ଼େଇ ନେଇ ମାରିବାକୁ ବସିଗଲା । କିନ୍ତୁ ଫସ୍‌କରି ପ୍ରଥମ କାଠିଟା ଲିଭିଗଲା ପରେ ଦିଆସିଲି ଡ଼ବାଟା ହଲେଇ ଦେଲା ବେଳକୁ ଆଉ ଗୋଟେ ହେଲେ କାଠି ନାହିଁ -

-ଗଲା, କାଠିଟା ଲିଭାଇ ଦେଲୁଟି ? ମୁଁ

ଜାଣିଛି ପରା । ସେଇ ଗୋଟିଏ ଜାଠି ଥିଲା । ଏ ସୁଢ଼ାରମୁହାଁ ଯୋଗୁଁ ଏବେ କଣ କରିବ କର । ବାବୁଲା କଣ କହିବାକୁ ଯାଉଥିଲା । ଶଙ୍କର ତାକୁ ରୋକି ଦେଇ କହିଲା ମୋ ଭାଇଟା ପରା, ଲକ୍ଷ୍ମୀ ଘରୁ ଯା ଟିକେ ଡ଼ିବିଟା ମାଗି ଆଣିବୁ । କଣ କରିବା କହ । ମୁଁ ଏପଟେ କିରୋସିନି ଭର୍ତ୍ତିକରି, କାଚ ସଫାକରି ସବୁ ସଜାଡି ରଖୁଚି । ଟିକେ ଦୌଡ଼ିଯା ମୋ ସୁନା ଭାଇଟା ପରା । ବାବୁଲା ଉଠିଲା ଅଣ୍ଡାଳି ଅଣ୍ଡାଳି । ଶଙ୍କର କହିଲା- ଶିଘ୍ର ଆସିବୁ । ବୁଢ଼ୀମା ଫେରିବା ବେଳ ହେଇଗଲାଣି । ତାଙ୍କ ଘରେ ଯଦି ବୁଢ଼ୀମା ଥାଏ ତେବେ ସାଙ୍ଗରେ ଧରି ଆସିବୁ । ଅନ୍ଧାରରେ ସେ ଝୁଣ୍ଟି ପଡ଼ିବ । ବାବୁଲା ଚାଲିଗଲା ।

-ଗୋଟିଏ ହାତରେ କାଚ ଅନ୍ୟ ହାତରେ କନାଟା ଧରି ଶଙ୍କର ଠିଆହେଲା । ଆଉ ଟିକିଏ ପରେ ଲଣ୍ଠନ ଲାଗିଯିବ । ବାବୁଲା ପଢ଼ି ବସିବ, ବୋଉ ତା ରୋଷେଇ କାମ ଆରମ୍ଭ କରିଦେବ । ଚଞ୍ଚଳ ହୋଇ ଉଠିବ ଏଘର । ସରିଯିବ ଏ ଅନ୍ଧାର । କେତେ ଭଲ ଏ କିଟିକିଟି ଅନ୍ଧାର । ଯା' ଭିତରେ ଅଣ୍ଡାଳି ଅଣ୍ଡାଳି ଚାଲିବାରେ କେତେ ଆନନ୍ଦ । ଝୁଣ୍ଟି ପଡ଼ି ଅଣ୍ଟା ଧରି ଉଠିବାର ନାମ ଏଠି- ସୁଇଟ୍ ପେନ୍ । କଣ ମନ ହେଲା କେଜାଣି ସାମନା ଦାଣ୍ଡ ଦୁଆରଟାକୁ ଶଙ୍କର ବନ୍ଦ କରିଦେଲା । ମନଭରି ଉପଭୋଗ କଲା ସେ ଅନ୍ଧାରକୁ । ଆହା- ଏ ଅନ୍ଧାର କେତେ ସୁନ୍ଦର । ବହଳିଆ ନୁହେଁ, ଫଗୁ ପରି ନୁହେଁ କି ତରଳ ବି ନୁହେଁ । କେମିତି ଗୁଡ଼ାଏ ଅଦଭୂତ କଳା ରଙ୍ଗ ଘେରି ରହିଛି ତା ଚାରିପଟେ । ଶଙ୍କର ସେ ଅନ୍ଧାରକୁ ଛୁଇଁବାକୁ ଚେଷ୍ଟାକଲା । ଇସ୍, କେତେ ଅନ୍ଧାର ଜମି ରହିଛି ତା ପାଖରେ; କହୁଣୀରେ, ଆଣ୍ଠୁ ସନ୍ଧିରେ, ତା ଆଙ୍ଗୁଠି ଫାଙ୍କରେ । ଘର ମଝିରେ ଶଙ୍କର ଠିଆ ହେଲା । ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଏବେ କେମିତି ଚିହ୍ନିବ ? କେମିତି ଜାଣିବ ସେ ଘରର କବାଟଟା ତା' ବାଁରେ ନା ଡ଼ାହାଣରେ ? ଆଗରେ ନା ପଛରେ ?? ଆଖି ବନ୍ଦ କରି କାଚ ଧରି ଛୋଟ ପିଲା ପରି ବୁଲିବାକୁ ଲାଗିଲା ।

*ଚକା ଚକା ଭଉଁରୀ, ମାମୁଁ ଘର ଚଉଁରି*
*ଆଖି ନାହିଁ, କାନ ନାହିଁ, ବାଜି ଗଲେ ଦୋଷ ନାହିଁ ।*

ଖୁବ୍ ଜୋର୍‌ରେ ବୁଲିଲା ଶଙ୍କର । ଆହୁରି ଜୋର୍‌ରେ । ଜୋର୍‌ଠୁବି ଆହୁରି ଜୋର୍‌ରେ ।

ବୋଉ ଆସି କବାଟରେ ଧକ୍କା ଦେଲା । ଡ଼ାକିଲା- ଶଙ୍କର... ଏ ଶଙ୍କର... କୋଉଠିରେ ବାପା ? ଏତେ ଅନ୍ଧାର କାହିଁକି ? ଶଙ୍କର ଚମକି ଉଠିଲା । ଅଜାଣତରେ ଲଣ୍ଠନ କାଚ ଗଳି ପଡ଼ିଲା ତା' ହାତରୁ । ଘର ଯାକ ଚୁନି ଚୁନି କାଚ ଚୂର୍ଣ୍ଣ ହୋଇଗଲା । ପଥର ପାଲଟିଗଲା ଶଙ୍କର । ବୋଉ ପଛରେ ଲକ୍ଷ୍ମୀ, ବୁଢ଼ୀମା ଆଉ ବାବୁଲା ହାତ ଧରା ଧରି ହୋଇ ଆସିଲେ । ବାବୁଲା ଆଣିଥିବା ଲକ୍ଷ୍ମୀ ଘରର ଡ଼ିବି ଆଲୁଅରେ ଦାଣ୍ଡ ଘରଟା ଏବେ ଟିକେ ଆଲୋକିତ ହେଲା । ଶଙ୍କର କିନ୍ତୁ ଆଖି ଖୋଲୁ ନଥିଲା । ବୋଉ ପଚାରିଲା- କି,ରେ କାଚ କେମିତି ଭାଙ୍ଗିଲା ? ବୁଢ଼ୀମା କହିଲା ଦଶବର୍ଷ ହେଲା ସାଇତି ରଖିଥିଲି ଆଜିଗଲା । ଆଉ ବାବୁଲା କହିଲା- ଭାଇ, ତୁ ଏ କଣ କଲୁ ? ଆମେ ଏବେ ପଢ଼ିବୁ କେମିତି ଯେ ? ଏଇ ଆମ ଶବ୍ଦରେ ଆଖି ଖୋଲିଲା ଶଙ୍କର । ଦୌଡି ଆସିଲା ବୋଉ ପାଖକୁ ଗୋଡ଼ରେ କାଚ ଫୁଟି ଧାର ଧାର ରକ୍ତ ବୋହି ଯାଉଥିଲା । ବୋଉ କାନ୍ଧରେ ମୁଣ୍ଡ ରଖି କାନ୍ଦି ଉଠିଲା ପିଲାଙ୍କ ପରି । ଯନ୍ତ୍ରଣାକ୍ତ ସ୍ୱରରେ କହିଲା ବୋଉ ମୁଁ ଯେବେ ପ୍ରଥମ ମାସ ସରକାରୀ ଦରମା ପାଇବିନା, ସେ ଦିନ ଆଗ ତୋ ପାଇଁ ଗୋଟେ ମଠା, ବୁଢ଼ୀମାର ଚଷମା ଆଉ ବାବୁଲା ପାଇଁ ଗୋଟେ କ୍ରିକେଟ ବେଟ ନିଶ୍ଚୟ ଆଣିଦେବି । ସବୁ ଶୁଣି ବୁଢ଼ୀମା ଲକ୍ଷ୍ମୀ ଆଡ଼କୁ ଆଙ୍ଗୁଠି ବଢ଼ାଇ କହିଲା- ଆଉ ତା' ପାଇଁ ??? ଶଙ୍କର କହିଲା- ତା' ପାଇଁ ମୋର କିଛି ଆଣିବାକୁ ଇଛା ନାହିଁ । ତଥାପି ତୁ ଯେତେବେଳେ କହୁଛୁ, ତା ପାଇଁ ଗୋଟେ ଲଣ୍ଠନ ଆଣିଦେବି ।

ସମସ୍ତେ ଏକା ସଙ୍ଗେ ହସିଦେଲେ । ଗୋଡ଼ର ଯନ୍ତ୍ରଣାକୁ ଭୁଲିବାକୁ ଚେଷ୍ଟା କରୁଥିଲା ଶଙ୍କର । ଲକ୍ଷ୍ମୀ ତଳକୁ ମୁହଁ ପୋତି ଗୋଡ଼ ଆଙ୍ଗୁଠିରେ ଭୂଇଁରେ ଗାର କାଟୁଥିଲା । ଗାଁ ଗୋହିରୀ ଦାଣ୍ଡରେ ସେଇ ଭଣ୍ଡ ବାବାଜୀ ମନ୍ଦିର ବେଢ଼ା ଅଭିମୁଖେ ଗୀତ ଗାଇ ଗାଇ ଯାଉଥିଲା -

*ଏ ମନ ଖୋଜୁଥାଇ ଯାହା*
*କାଳେ ପ୍ରାପତ ହୁଏ ତାହା ।*
*ମନ ତୋହର ନିଜ ଗୁରୁ*
*ଉଦ୍ଧବ କେତେ ତୁ ପଚାରୁ ?*

# ଉପଭୋଗ

ଆଜିର ଏହି ଆଧୁନିକ ଦୁନିଆରେ ମାନବ ସମାଜ ଏତେ ଅଗ୍ରଗତି କରୁଛି ତାହା କଳନା ମଧ୍ୟ କରାଯାଇ ପାରିବନାହିଁ । ମଣିଷ ନିଜର କ୍ଷଣିକ ସୁଖପାଇଁ କେତେ ଯେ ଭୁଲ, ଠିକ୍ କାମ କରୁଛି ତାହା କହିବା ସମ୍ଭବ ନୁହେଁ । ଏହି ବ୍ୟସ୍ତତା ମୟ ଜୀବନରେ- ଏଇ ମଣିଷ ମାନଙ୍କର 'ମୋ' ପ୍ରତି ବ୍ୟବହାର ମୁଁ ବାବା ବଳିଆ ମହା ବିଦ୍ୟାଳୟର ପାଠକ ମାନଙ୍କଠାରେ ଉପସ୍ଥାପନା କରୁଛି ।

ମୁଁ ଆଜି ୧୦ ବର୍ଷର ପିଲାଙ୍କ ପାଖରୁ ୬୦ ବର୍ଷର ବୃଦ୍ଧ ସମସ୍ତଙ୍କ ଠାରେ ଉପଭୋଗର ପାତ୍ର ପାଲଟି ଯାଉଛି । ମାତ୍ର ଅଳ୍ପ ପଇସାରେ ମତେ ସମସ୍ତେ ଉପଭୋଗ କରିଚାଲିଛନ୍ତି ।କିନ୍ତୁ ମୋ ମନ କଥା କେହି ବୁଝିବାକୁ ଚେଷ୍ଟା କରୁନାହାନ୍ତି ।

ଆଜିକାଲି ସ୍କୁଲର ପିଲାମାନେ ମଧ୍ୟ ମତେ ଉପଭୋଗ କରିବା ଆରମ୍ଭ କରିଦେଲେଣି ।ସାମାନ୍ୟ ଟିକିଏ ସମୟ ପାଇଲେ ସେମାନେ ମତେ ହାତ ଠାରି ଡାକି ନେଉଛନ୍ତି school ପଛପଟକୁ । ସେଠାରେ ଦୁଇ ତିନି ଜଣ ମିଶି ମତେ ମନ ଭରି ଉପଭୋଗ କରୁଛନ୍ତି ଓ ସେଠାରେ ଫୋପାଡି ଦେଇ ପଳାଇ ଆସୁଛନ୍ତି । ଆଉ କଲେଜର ପଢୁଆ ପିଲାଙ୍କ କଥା ଛାଡନ୍ତୁ । ସେମାନେ ମତେ ଯେଉଁଠି ଇଚ୍ଛା ସେଇଠି ଉପଭୋଗ କରୁଛନ୍ତି, ଯେମିତି- Union Room, Canteen, Hotel, Common Room, Bus Stand ପଛପଟ ସବୁଜାଗାରେ ମତେ ଉପଭୋଗ କରିଚାଲିଛନ୍ତି । କେବଳ ଯେ ମତେ ଛାତ୍ର ସମାଜ ଓ ମୂର୍ଖ ଲୋକ ଉପଭୋଗ କରୁଛନ୍ତି ତା ନୁହେଁ ।

ଆମ ଏ ଭାରତ ବର୍ଷ, ଯାହାକି ଭରତ' ଙ୍କ ନାମରୁ ନାମ କରଣ କରାଯାଇଛି । ଏହାର ସଂସ୍କୃତି, ପରମ୍ପରା ସାରା ବିଶ୍ୱରେ ସର୍ବପ୍ରଥମ ସ୍ଥାନରେ ଦଣ୍ଡାୟମାନ ଓ ଆଦୃତ । ଏଇ ଭାରତରେ ଯାହାଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏବଂ ଯାହାଙ୍କୁ ପରମବ୍ରହ୍ମ ଭାବରେ ପୂଜା କରାଯାଏ ସେ ହେଉଛନ୍ତି ଗୁରୁ । ଗୁରୁ(ଶିକ୍ଷକ) ମଧ୍ୟ ଏ ଘୃଣ୍ୟ କାମ କରିବାକୁ ପଛଉନାହାଁନ୍ତି ଏମିତିକି Tuition ରେ ସବୁ ଛାତ୍ର, ଛାତ୍ରୀଙ୍କ 'ସାମ୍ନାରେ ଲେକଚର Common Room ରେ ମଧ୍ୟ ମତେ ଉପଭୋଗ କରୁଛନ୍ତି । ଶିକ୍ଷକ ବା ଅଧ୍ୟାପକ ମାନେ ଯଦି ଅନୀତି ଆଚରଣ କରିବେ ତାହେଲେ ଏ ସମାଜକୁ ନୀତି ଶିକ୍ଷା ଦେବ କିଏ? ପାଠକ ସମାଜକୁ ସଭ୍ୟତାର ଆଲୋକ ଦେଖାଇବ କିଏ? ଭାରତର ସଂସ୍କୃତି ଓ ପରମ୍ପରା କୁ ବଜାଇ ରଖିବାର ଶିକ୍ଷା ଦେବ କିଏ? କଥାରେ ଅଛି-"ଶାଗୁଣା, ବିଲୁଆ ଚିକିତ୍ସକ ହେଲେ ଶବ କି ପାଇବ ପ୍ରାଣ" - ଯଦି ଗୁରୁ- ଶାଗୁଣା, ବିଲୁଆ ହୁଅନ୍ତି, ଭାରତୀୟ ସଭ୍ୟତା, ସଂସ୍କୃତି ଓ ପରମ୍ପରା- ଶବ ହୁଏ ତେବେ ଏ ଭାରତର ସଭ୍ୟତା, ସଂସ୍କୃତି, ପରମ୍ପରା ସବୁଦିନ ପାଇଁ ଲୋପ ପାଇଯିବ ।

ସମସ୍ତ Government- Office ଠାରୁ Parliament- ପର୍ଯ୍ୟନ୍ତ । କରାଣିଙ୍କ ଠାରୁ Officer ପର୍ଯ୍ୟନ୍ତ Ward Member ଠାରୁ Chief minister ପର୍ଯ୍ୟନ୍ତ, ଯିଏ ଯେତେବେଳେ ପାରିଲା ଯେଉଁଠି ପାରିଲା ଦିନ, ରାତି ଉପଭୋଗ କରିଚାଲିଛନ୍ତି ।

ଜଣେ ବରିଷ୍ଠ କର୍ମଚାରୀ ଙ୍କ ବିଷୟରେ ମୁଁ କିଛି ଉପସ୍ଥାପନା କରିବାକୁ ଯାଉଛି ।ନାମ ତାଙ୍କର Abhimanew Mohanty । ସେ ଜଣେ O.A.S officer, B.D.O ଅଛନ୍ତି ।,ଦେଖିବାକୁ ରାଜକୁମାର

ଙ୍କ ଭଳି । ଶାନ୍ତ, ସରଳ, ଭଦ୍ର ଅଟନ୍ତି । ତାଙ୍କ ସ୍ତ୍ରୀ ଖୁବ୍ ସୁନ୍ଦରୀ, ସ୍ୱର୍ଗର ଅପସରି ଭଳିଆ । ଯେମିତି ଗୋଟିଏ ଚାଉଳରେ ଗଢା । ହସ ହସ ମୁହଁ, ଚମ୍ପା ଫୁଲ ପରି ବର୍ଣ୍ଣ, ସେଓ ପରି ଗାଲ, ଆଖିର ଚାହାଣିରେ ଭରିରହିଛି ମାଦକତା । ତାଙ୍କୁ ଥରେ ଦେଖିଲେ ମନମାନେ ନାହିଁ । ଏମିତିକି ୭୦ ବର୍ଷର ବୃଦ୍ଧଟିଏ ମଧ୍ୟ ତାଙ୍କୁ ତିନି, ଚାରି ଥର ଅନାଏ । ଆମ ବୟସର ପିଲା ମାନଙ୍କ କଥା ଛାଡନ୍ତୁ । କିନ୍ତୁ ଅଭିମନ୍ୟୁ ବାବୁଙ୍କ ମୋ ସହିତ ମିଳାମିଶା କୁ ସେ ଖୁବ୍ ବିରକ୍ତ ହୁଅନ୍ତି ।

ଦିନକର ଘଟଣା ରାତି ପ୍ରାୟ ୧୧ଟା ହୋଇଛି । ଅଭିମନ୍ୟୁ ବାବୁ ମତେ ଧିରେ ଧିରେ ତାଙ୍କ ଶୋଇବା ରୁମକୁ ନେଇଗଲେ, ଯେଉଁ ରୁମରେ ତାଙ୍କ ସ୍ତ୍ରୀ ମଧ୍ୟ ଶୋଇଥିଲେ । ତାଙ୍କ ସ୍ତ୍ରୀ ତାଙ୍କ କଡରେ ଶୋଇଥିଲେ । ମତେ ସେ ତାଙ୍କ ଛାତି ଉପରେ ଶୁଆଇଲେ ଓ ତାଙ୍କର ସେଇ ଗୋଲାପି, ଗୋଲାପି ଓଠରେ ସେ ମତେ ବାରମ୍ବାର ଚୁମ୍ବନ ଦେଇ ମଜା ନେଉଥାନ୍ତି । ମୁଁ ମଧ୍ୟ ତାଙ୍କ ଉପଭୋଗରେ ତାଳ ମିଶାଇ ଉପଭୋଗ କରିଚାଲିଥାଏ । ହଠାତ୍ ତାଙ୍କ ସ୍ତ୍ରୀ ଙ୍କ ନିଦ ଭାଙ୍ଗିଗଲା । ସେମତେ ଖଟ ତଳକୁ ଠେଲିଦେଲେ ଅଭିମନ୍ୟୁ ବାବୁ ଙ୍କ ଓଠ ତଳରେ ଶୁଖିଯାଇଥାଏ । ସେ ପୁରାପୁରି ଡରିଯାଇଥାନ୍ତି । ତାଙ୍କ ମୁଣ୍ଡରୁ ଗମ୍ ଗମ୍ ଝାଳ ବାହାରୁଥାଏ । ତାଙ୍କ ସ୍ତ୍ରୀ ପଚାରିଲେ ତୁମେ ଏ ଯାଏ ଶୋଇନ । ସେ ଉତ୍ତର ଦେଲେ ନିଦ ଆସୁନି । ତାଙ୍କ ସ୍ତ୍ରୀ ଏତିକି ପଚାରି ପୁଣି ଶୋଇପଡିଲେ । ପୁଣି ସେ ମତେ ଖଟ ଉପରକୁ ଉଠାଇ ଆଣି ଉପଭୋଗ କରିବାକୁ ଲାଗିଲେ । ସେତେବେଳେ ତାଙ୍କ ମନ ଭରିଗଲା, ସେ ମତେ ବାହାରେ ଯାଇ ଛାଡିଆସିଲେ । ପୁଣି ବାହାର ଲୋକମାନେ ମତେ ନେଇ ସେମାନଙ୍କ ତୃଷ୍ଣା ମେଣ୍ଟାଇବାରେ ଲାଗିଲେ ।

ଅଭିମନ୍ୟୁ ବାବୁ ଙ୍କ ଭଳିଆ ମତେ କିଛି ଲୋକ ଲୁଚେଇ ଛପେଇ ଉପଭୋଗ କରୁଛନ୍ତି କାରଣ ସେମାନଙ୍କ ଘର ଲୋକ ଜାଣିଲେ ବା ଏ ସମାଜ ଜାଣିଲେ ତାଙ୍କର ଇଜ୍ଜତ୍ ଯିବ, ତାଙ୍କୁ ଲୋକ ନିନ୍ଦା ସହିବାକୁ ପଡିବ । ଏ ସମାଜ ଆଖିରେ ସେମାନେ ଛୋଟ ହୋଇଯିବେ । କିନ୍ତୁ କିଛି ଲୋକ ଅଛନ୍ତି ଯୋଉଁ ମାନେ ମତେ ବିଚ୍ ବଜାରରେ ଉପଭୋଗ କରୁଛନ୍ତି । ସେମାନଙ୍କ ସମ୍ପର୍କ 'ମୋ' ସହିତ ଅଛିବୋଲି ଏ ସମାଜ ଜାଣିଲେ ତାଙ୍କର କିଛି ଯାଏ ବା ଆସେ ନାହିଁ ଏବଂ ସେହି ଲୋକମାନେ ହିଁ ବଡ ବଡ ରୋଗରେ ପୀଡିତ ହୁଅନ୍ତି ।

'ମୋ'. ମନରେ ଗୋଟିଏ ଦୁଃଖ ଯେଉଁମାନେ ମୋତେ ଉପଭୋଗ କରୁଛନ୍ତି । ସେଇ ଲୋକମାନେ ମୋତେ ସମାଜରେ ଖରାପ ଆଖ୍ୟା ଦେଇଛନ୍ତି କାହିଁକି?

ମୋ ବିଷୟରେ ତ ଜାଣିଲେ । ମୁଁ କାହା ସହିତ କମ୍ ପଇସାରେ ଯାଏ ତ କାହା ସହିତ ବେଶି ପଇସାରେ ଯାଏ । ଯାହା ସହିତ ଯେମିତି ଦାମ୍ ।

ମୋର ପରିଚୟ ଜାଣିବାକୁ ଚାହିଁବେନି? ମୋର ନାମ ବିଭିନ୍ନ ଜାଗାରେ ବିଭିନ୍ନ ପ୍ରକାର । କିନ୍ତୁ ପ୍ରାୟ ସମସ୍ତେ ମୋର ଗୋଟିଏ ନାମରେ ମତେ ଜାଣିଛନ୍ତି । ଆଉ ସେଇ ନାମଟି ହେଲା ସିଗାରେଟ୍ ।

Manas Kumar Mohapatra
Vocational,(A.V.T.)
2nd Year



# ବସ୍‌ଯାତ୍ରା

ଅଗଷ୍ଟ ମାସର ୧୫ ତାରିଖ ଠିକ୍ ୧୦ ଟା ସମୟ ହୋଇଥାଏ । ମୁଁ ମୋର ଗୋଟିଏ କାମରେ ବାହାରିଥାଏ । ମୋ ପାଖରେ ଛିଡାହେଲା ଗୋଟିଏ ବସ୍, ସେ ବସ୍‌ରେ ଅନେକ ଲୋକମାନଙ୍କର ଭିଡ ଲାଗିଥାଏ । ବସ୍ ଭିତରକୁ ପଶି ଯିବାରୁ ମୋତେ ଲାଗିଲା ଯେପରି କେହି ମୋତେ ଧକ୍କା ମାରି ନିଆଁ ଉପରକୁ ଠେଲି ଦେଉଛି । ଅନେକ ସମୟ ଠିଆ ହେବା ପରେ ପଛରେ ଏକ ସିଟ୍ ଫାଙ୍କା ଥିବାର ମୋର ନଜର ପଡିଲା, ବଥା କରୁଥିବା ଗୋଡ କୁ ନୟନରେ ସିଟ୍ ପ୍ରତି ଦୃଷ୍ଟି ସତରେ ଅନେକ ଖୁସି ଲାଗିଲା ।ସିଟ୍ ପାଖକୁ ଆସିବା ପାଇଁ ଲୋକଙ୍କୁ ଠେଲି ଠେଲି ସେଠାରେ ପହଞ୍ଚିଲି, ପହଞ୍ଚି ବସିବା ପାଇଁ ଚେଷ୍ଟା କରିବା ମାତ୍ରେ ମୋର ଗୋଡକୁ ସେଠାକୁ ନେବାରୁ ଦେଖି ଜଣେ ଲୋକ ହଠାତ୍ କହିଉଠିଲା, ଏହେ– ଏଠିତ ଗୋଟେ ପିଲା ବାନ୍ତି କରିଛି, ଏଠି କିପରି ବସିବ । ମୁଁ ତାଙ୍କ କଥାର ଉତ୍ତର ନଦେଇ ସେଠି ତତ୍‌କ୍ଷଣାତ୍ ବସି ପଡି କହିଲି ଓ ହଠାତ୍ କି ଶାନ୍ତି ଭଦ୍ରଲୋକ ତତ୍ କ୍ଷଣାତ୍ ମୋ ମୁଖ ମଣ୍ଡଳକୁ ଆକସ୍ମିକ ଭାବରେ ଚାହିଁବାରୁ ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲି, ଏ ହଟାଓ ପିଲା ବାନ୍ତି ବିସ୍କୁଟ୍ ଓ ଦୁଗ୍ଧ ଫେଣ୍ଟା ପରି ଦେଖାଯାଉଛି । ଏହି କଥା ସରିଛିକି ନାହିଁ ଗୋଟେ ପିଲା ହଠାତ୍ କାନ୍ଦିଉଠିଲା ଓ କହିଲା 'ମାଁ' କାଟୁଛି । ତା 'ମାଁ'ଟି ଜଣ ଗୋଟିଏ କରି ଭିଡ ନମାନି ସିଧା ପିଲାଟିକୁ ଧରି ମୋ ପାଖକୁ ଚାଲି ଆସିଲା, ସେହି ସଂଗେ ସଂଗେ ଗୋଟିଏ ମଦୁଆ ଓ ଗୋଟିଏ ବ୍ୟବସାୟୀ ପଛ ସିଟ୍ ପର୍ଯ୍ୟନ୍ତ ଚାଲି ଆସିଲେ, କାନ୍ଦୁଥିବା ସେହି ପିଲାଟିକୁ ମୁଁ ତାର ମୁହଁରେ ପଟି ପଡିଥିବାର ଦେଖି ପଚାରିଲି ତୋର କ'ଣ ହୋଇଛିରେ ପିଲା, ଉତ୍ତରରେ ପିଲାର ମା କହିଉଠିଲେ ଯେ ଆମ ଗାଁର ଗୋଟିଏ ବଦ୍‌ମାସ ମାଙ୍କଡ ଏହାର ଏପରି କରିଛି, ଖାଲି ଯାହାକୁ ନୁହେଁ ଗାଁର ଅଧିକାଂଶ ପିଲାକୁ ସେ ଏପରି ରାମ୍ପୁଡିଛି । ମଦୁଆ ଲୋକଟି ହଠାତ୍ କହିଉଠିଲା ତା ନାଁରେ କେଶ୍ କରି ଦଉନ, ଏହି କଥା କହିବା ମାତ୍ରେ ତା ପାଟିରୁ ଆସୁଥିବା ପଚା ମଦର ବାସ୍ନା ଦ୍ୱାରା ଗରମରେ ଝାଳରେ ଭିଜି ଯାଇଥିବା ଲୋକମାନଙ୍କର ମୁଣ୍ଡବ୍ୟଥା ଅଧିକ ବଢିଗଲା । ସଂଗେ ସଂଗେ ସ୍ତ୍ରୀ ଲୋକଟି କହିଉଠିଲା, ଦୟାକରି ପାଟି ବନ୍ଦ କରନ୍ତୁ, ମଦର ବାସ୍ନା ଦ୍ୱାରା ମୋତେ ଭାରି କ୍ରୋଧ ଆସୁଛି । ଏପରି ପାଟିତୁଣ୍ଡ ସମୟରେ ଅର୍ଦ୍ଧଭଙ୍ଗା ବସ୍‌ଟିର ବ୍ରେକ୍ ଦ୍ୱାରା ଲୋକମାନେ ଏପାଖ ସେପାଖ ହୋଇଗଲେ ଓ ପଚାରିଲେ, କାହିଁକି ରଖିଲ ଗାଡି ? ଚାଳକ କହିଉଠିଲେ ଦେଖୁନ କଣ ଚାଲିଛି ।ଦୀର୍ଘ ୭୦ ବର୍ଷର ଏହି ସ୍ୱାଧିନତା ଦିବସରେ ପିଲାମାନଙ୍କର ଜୟଧ୍ୱନି ସତରେ ଆନନ୍ଦ ଲାଗୁଛି, ବସ୍ ଭିତରୁ ବାହାରି ଥରେ ଏଇ ପିଲାମାନଙ୍କୁ ଦେଖ ଯେପରି ରାମାୟଣର ବାନର ସେନାପରି ଦେଖାଯାଉଛନ୍ତି, ମହାତ୍ମାଗାନ୍ଧୀ, ସର୍ଦ୍ଦାର୍ ବଲ୍ଲଭ୍‌ଭାଇ ପଟେଲ୍, ଜବାହାର୍‌ଲାଲ୍ ନେହେରୁ ଆଦି ନାମକୁ ଜୟଧ୍ୱନି ଦ୍ୱାରା ପ୍ରକମ୍ପିତ କରୁଥିବା ବେଳେ ତମେ ବସ୍ କାହିଁ ରଖିଲ ? ସେହି ସମୟରେ ପଛରେ ସ୍ତ୍ରୀ ଲୋକଟି କହି ଉଠିଲେ ଯେଉଁ ଦେଶରେ ବଡ ବଡ ବୀର ଆମକୁ ସ୍ୱାଧୀନ ଦେଲେ ସେହି ଦେଶର ସନ୍ତାନ ହୋଇ ତମେ ମଦ ପିଉଛ ? ଯାଅ ଯଦି କିଛି ପାପ ଯିବ ତାହାହେଲେ ପିଲାମାନଙ୍କ ସାଙ୍ଗରେ ଜୟଜୟ କରିବ ଯାଅ । ଏହି କଥା ସୁଣି ମଦୁଆଟି କହିଲା ଯାଉନ ମାଙ୍କଡ ସାଙ୍ଗରେ ତମେବି ଜୟଜୟ କରିବ ମୁଁ ତ ମଣିଷ ତମ ପୁଅକୁ ମାଙ୍କଡ ସେଇଥିପାଇଁ କାମୁଡିଛି, କାହିଁକିନା ସେ ମାଙ୍କଡ ସାଙ୍ଗରେ ମିଶି ଜୟଜୟ କରିବ । ଏହି କଥା ଶୁଣି

ପାଖରେ ଥିବା ବେପାରୀଟି କହି ଉଠିଲା ଦେଖ ଏ ଆଜେ ବାଜେ ପ୍ରଶ୍ନ ଉତ୍ତର ଛାଡ ଦେଖ ତାଙ୍କ ମୁଁହର ମୁହଁରୁ ଜଣାପଡୁଛିଯେ ସେ ମାଙ୍କଡ ସାଙ୍ଗରେ ଲାଗିଛି ଓ ମାଙ୍କଡ ସେଇଥି ପାଇଁ ତାକୁ ରାମୁଡିଛି । ମଦୁଆଟି ସେତିକିବେଳେ କହିଉଠିଲା ଆହା ତମେ ଭୁଲ୍ କହୁଛ, ମାଙ୍କଡ ତାକୁ କାମୁଡିନି ମାଙ୍କଡ ତାକୁ ରାମୁଡିଛି, ବେପାରି ଜଣକ କହିଲେ ଛାଡ୍, ଏ ମଦୁଆ ସାଙ୍ଗରେ କଥା ହେବାଟା ବେକାର୍ । ଏପରି ପାଟି ତୁଣ୍ଡ ଶୁଣି ମୁଁ ସଂଗେ ସଂଗେ ହସି ପକାଇଲି ମୋ ହସ ଦେଖି ଭଦ୍ର ଲୋକ ଜଣକ ପଚାରିଲେ କାହିଁକି ହସିଲ, ମୁଁ ଉତ୍ତର ଦେବାକୁ ଯାଇ କହିଲି ଏପରି ଯୁକ୍ତିର କୌଣସି ସମ୍ପୂର୍ଣ୍ଣତା ନାହିଁ ବେକାରରେ ପରସ୍ପର କଳିହେଉ ଲାଗୁଛନ୍ତି । ମୋ କଥା ଶୁଣି ନିଶାଗ୍ରସ୍ତ ଲୋକଟି ହଠାତ୍ କହିଉଠିଲା ବାଃ ସତରେ ଏ ପିଲାଟିର ବୁଦ୍ଧି କେତେ ଦେଖିଲ । ପାଖର ସ୍ତ୍ରୀ ଲୋକଟି ମଦୁଆ ଆଡକୁ ଚାହିଁ ମୁହଁ ମୋଡିବାରୁ ମଦୁଆଟି ରାଗି ଠୋ ଠୋ କରି ହସିଲା । ମୁଁ ପଚାରିଲି କାହିଁକି ହସୁଛ? ସେ କହି ଉଠିଲା ତାଙ୍କ ମୁଁହଟି ମୋଡିଲା ପରେ ମୁଁହଟି ଠିକ୍ ମାଙ୍କଡ ପରି ମୋତେ ଦେଖାଗଲା । ସେଇଥି ପାଇଁ ମୁଁ ନିରର୍ଥକ କଳିଆ ତକଟିରୁ ହସଟାକୁ ଆପଣାର କରିନେଲି । ତା ପରେ ପାଟି ତୁଣ୍ଡ ମଛର ହୋଇଗଲା ଓ ବସ୍‌ଟି ତା ସିଧା ରାସ୍ତାରେ ଚାଲିଲା ।

# "ନିର୍ମଳ ମନ ହିଁ ଭଗବତ୍ ପ୍ରାପ୍ତି"

ଦୁଇଟା ଶ୍ରେଣୀରେ ଏକା ଗାଁର ପିଲା ପାଠ ପଢୁଥିଲେ । ଗୋଟିଏ ପିଲା ଭାରି ଶାନ୍ତ ଓ ଅନ୍ୟଟି ଦୁଷ୍ଟ ଓ ଖରାପ ଗୁଣର, ଶାନ୍ତ ପିଲାଟିର ନାମ ଥିଲା ନିର୍ମଳ ଓ ଅନ୍ୟଟିର ନାମ ଗଜେନ୍ଦ୍ର । ନିର୍ମଳ ଥିଲା ଶାନ୍ତ, ଭଦ୍ର ଦୟାଳୁ ପ୍ରକୃତିର ଓ କିଛି ଖେଳିବା ସମୟରେ ସେ ବସୁଥିଲା ଗୋଟିଏ ଝଙ୍କାଳିଆ ବରଗଛ ମୂଳରେ, ସେ ଅନେକ ଶାନ୍ତ ଥିବାରୁ ଗଜେନ୍ଦ୍ର ଓ ତାର କିଛି ଦୁଷ୍ଟ ସାଂଗମାନେ ତାକୁ ମାଇକିଆ କହି ହସନ୍ତି ଓ ତାକୁ ତାଙ୍କ ସାଂଗ ହେବାପାଇଁ ପରାମର୍ଶ ଦିଅନ୍ତି କିନ୍ତୁ ସେମାନଙ୍କ କଥାଶୁଣି ସେ ମୁରୁକୁରା ହସମାରି ଆଖିଗୁଡିକ ବୁଜିଦିଏ, ସତରେ ଯେପରି ସେହି ଆଖି ବୁଜାରୁ ସେ କିଛି ଖୋଜୁଥାଏ । ଦିନ ଆସିଲା- ସେମାନେ ଯୁବା ଅବସ୍ଥାରେ ପ୍ରବେଶ କଲେ, ଗଜେନ୍ଦ୍ର ଆସ୍ତେ ଆସ୍ତେ ନିଶା-ଦ୍ରବ୍ୟ-ଗ୍ରସ୍ତ ହୋଇ ନାରୀ ମାନଙ୍କ ଆଡକୁ ଖରାପ ନଜର ପକାଉଥିବା ବେଳେ, ନିର୍ମଳର ସେହି ଆଖିବୁଜା ଆଡି ଭଗବାନ ବିଷୟରେ ପ୍ରାପ୍ତ କିଛି ଜ୍ଞାନଦ୍ୱାରା ସେ ଅନେକ ଜ୍ଞାନର ଅଧିକାରୀ ଓ ଭଗବାନ ପରମବ୍ରହ୍ମ ପରମାତ୍ମାଙ୍କର ସେହି ଅନନ୍ତ ଶକ୍ତିର ବିଚକ୍ଷଣତାକୁ ଜାଣିବା ପାଇଁ ଓ ଦର୍ଶନ ପାଇଁ ଆଖି ବୁଜି କିଛି ସମୟ ଭଗବାନଙ୍କୁ ଡାକୁଛି । ତାଙ୍କ ଗାଁ ରେ ଥରେ ଗୋଟିଏ ସଭାରେ ଯୋଗଦେବା ପାଇଁ ଦୁଇ ସାଂଗ ଯାଇଥିଲେ । ବୁଢାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ଗଜେନ୍ଦ୍ରକୁ ପ୍ରଶଂସା କରୁଥିଲେ କିନ୍ତୁ ନିର୍ମଳକୁ ସମସ୍ତେ ଗେଙ୍ଗସା ମୁହାଁ ମାଇକିଆ କହି ଥଟ୍ଟା କରୁଥିବା ସମୟରେ ଭଗବାନଙ୍କର ପ୍ରାପ୍ତ ଶୁଦ୍ଧ ମନଦ୍ୱାରା ଉତ୍ତେଜିତ ନ ହୋଇ ଧିର ସ୍ୱଭାବରେ ଉତ୍ତରଦେଲା ମୁଁ ମାଇକିଆ ହୁଏତ ସୃଷ୍ଟି କର୍ତ୍ତାଙ୍କର ଏହି ଇଚ୍ଛା ସେଥିରେ କେହି ମୋତେ ବାରମ୍ବାର କାହିଁକି କହୁଛ ସୃଷ୍ଟିକର୍ତ୍ତା ଯେ ତମକୁ ସୃଷ୍ଟି କରିଛନ୍ତି, ସେ ମୋତେ ମଧ୍ୟ ସୃଷ୍ଟି କରିଛନ୍ତି । ସେହି ଦୃଷ୍ଟିରୁ ସେ ଆମର ପିତା ଓ ପିତାର ସନ୍ତାନକୁ କଷ୍ଟଦେଲେ ସେଥିରେ ପିତା ଦୁଃଖିତ ହୁଅନ୍ତି ।ସେଥିପାଇଁ ସେହି ପରମ ପିତା ଙ୍କୁ ଦୁଃଖିତ କଲେ ତୁମେ ଦୁଃଖିତ ହେବ । ସେ

ମାଇଚିଆ ନ ହେଲେ ବି ସେ ଏହି ଉକ୍ତିଟି ପ୍ରତି ସେମାନେ କିଛି ପରିବର୍ତ୍ତିତ ହେବେ ବୋଲି ଏପରି କହିଲା । କହିସାରି ସେ ଦୁଃଖ ମନରେ ବରଗଛ ମୂଳରେ ବସି ପରମ ବ୍ରହ୍ମଙ୍କୁ ଭାବିଲା ଓ ସେ ଲୋକଙ୍କୁ କ୍ଷମା କରିଦେବା ପାଇଁ କହିଲା । ନିର୍ମଳ କହିଥିବା ଉକ୍ତିକୁ କେହି ଟିକିଏ ସୁଦ୍ଧା ବୁଝିପାରିଲେ ନାହିଁ । ବରଂ ତାକୁ ହସି ତା କଥାର ତତ୍ତ୍ୱକୁ ଛାଡିଦେଲେ ସେହି ସଭାରେ । କିଛିଦିନ ଅନ୍ତେ ସେମାନଙ୍କ ବାହାଘର ସଂପୂର୍ଣ ହେଲା, ବାହାଘର ପ୍ରକୃତ ମଜାକୁ ନିର୍ମଳ ସ୍ୱଚ୍ଛ ଭାବରେ ଗଢି ତୋଳି ପରିବେଶକୁ ଶାନ୍ତ ତଥା ପତ୍ନୀକୁ ଖୁସିରେ ରଖିପାରିଲା । କିନ୍ତୁ ଗଜେନ୍ଦ୍ର ଜୀବନର ସେହି ଖୁସିକୁ ଅସ୍ୱଚ୍ଛ କରି ଉଗ୍ର ସ୍ୱଭାବରେ ସବୁ ସମୟରେ ପାଟି କରିବା ଦ୍ୱାରା ପତ୍ନୀକୁ ଦୁଃଖ ଦେଲା ଓ ନିଜେ ମଧ୍ୟ ଦୁଃଖିତ ହେଲା, ସେ ତା ସ୍ତ୍ରୀର ଟିକିଏ  ଟିକିଏ କଥାକୁ ଧରି ବସି ତାକୁ ସବୁ ସମୟରେ ରାଗରେ ଗାଳିଦେଲା ଓ ଥରେ ଥରେ ପ୍ରହାର ମଧ୍ୟ କରିଦେଉଥିଲା । ନିର୍ମଳ ଶାନ୍ତ, ସୁଶୀତଳ  ଥିବା ଯୋଗୁ ତା ସ୍ତ୍ରୀ କର୍କଶ ହୋଇ ତା ଉପରେ ଚିଡିଲେ ମଧ୍ୟ ସେ ତାକୁ ହସରେ ଉଡେଇ ଦେଉଥିଲା ଓ କହୁଥିଲା ତମେ ଭଗବାନଙ୍କୁ ଚିହ୍ନିନାହିଁ ଜାଣିନ, ଜାଣିବା ପାଇଁ ଚେଷ୍ଟା କର । ଦୁନିଆ ଯାହାକୁ ମାଇଚା ବୋଲି କହୁଥିଲା ସତରେ ପୁରୁଷ ପଣିଆ ତା ପାଖରେ ହିଁ ଥିଲା । କିନ୍ତୁ ପୁରୁଷ ବୋଲି ଯାହାକୁ ଗାଁ ଲୋକ ଭାବିଥିଲେ ସେଇ ଗଜେନ୍ଦ୍ର ଅଶାନ୍ତିମୟ ପରିବେଶରେ ରହି ନିଶାଦ୍ରବ୍ୟ ଗ୍ରହଣକରି ସେଇଟା ଜୀବନର ପ୍ରକୃତ ଖୁସି ବୋଲି ଭାବିଲା କିନ୍ତୁ ପରେ ବୃଦ୍ଧାବସ୍ଥାରେ ଯଥା ମନକୁ ଭୋକ, ଶୋକ, ଚାଲିଯିବା ପରେ ଆଜି ତାକୁ ସବୁ ନିର୍ମଳର କଥା ମନେ ପଡିଯାଉଛି । ତାର ସେଇ ଗଛ ମୂଳକୁ ମନେ କରି ସେହି ମୁରୁକୁନ୍ଦା ହସକୁ ଦେଖି ତା ଆଖିର ଧାର ଧାର ଲୁହ ଭୂମିକୁ ସ୍ପର୍ଶ କଲା ଓ ଧିରେ ଧିରେ ଚାଲିଲା ସେହି ବରଗଛ ମୂଳକୁ । ସେ ସେଠି ଦେଖିଲା ନିର୍ମଳର ଯେଉଁ ମୁରୁକୁନ୍ଦା ହସ ସେଦିନ ତା ମୁଖରେ ଖେଳୁଥିଲା ସେ ହସ ଆଜି ମଧ୍ୟ ଖେଳୁଛି ତା ପାଖରେ ଯାଇ ବସିଲା ଓ ପଚାରିଲା କ'ଣ କରୁଛ ଭାଇ? ନିର୍ମଳ ଉତ୍ତରଦେଲା– ମୁଁ ଭଗବାନଙ୍କୁ ଦେଖୁଛି, ଗଜେନ୍ଦ୍ର ହଠାତ୍ କହି ଉଠିଲା କାହିଁ କେଉଁଠି ସେ, ମୁଁ ତାଙ୍କୁ ଦେଖିବାକୁ ଚାହେଁ । ନିର୍ମଳ କହିଲା– ଏଇଠି ତ ହୃଦୟରେ, ଏଇ ଗଛରେ, ଆଉ ଏଇ ପବନରେ, ଗଜେନ୍ଦ୍ରର ଆଖିରୁ ଲୁହ ଝରିଗଲା ଓ ସେ କହିଉଠିଲା ନିର୍ମଳରେ, ତୋ ଶରୀରରେ ଭରି ରହିଥିବା ସେହି ନିର୍ମଳ ଭାବନାହିଁ ଆଜି ତତେ ଏତେ ଜ୍ଞାନର ଅଧିକାରୀ କରିପାରିଛି । ନିର୍ମଳ କହିଲା ତୁ ତୋର ପଞ୍ଚ କର୍ମଦ୍ୱାରା ଯେଉଁ ଦୁଃଖ ଅନୁଭବ କରୁଛୁ ସେଥିରେ ତୋ ପ୍ରତି ଭଗବାନ ସନ୍ତୁଷ୍ଟତ, ତୁ ଏଠି ତାଙ୍କୁ ଡାକ୍ ସେ ତୋର ଗୁହାରି ନିଶ୍ଚୟ ଶୁଣିବେ ।

ଏଥିରୁ ଜଣା ପଡୁଛି ଜୀବନରେ ପ୍ରକୃତ ଖୁସି ଶାନ୍ତିରେ ହିଁ ଥାଏ । ଯେ ନିଜର ପାଞ୍ଚ ଇନ୍ଦ୍ରିୟକୁ ନିଜ ଆୟତ୍ତରେ କରିପାରିବ ସତରେ ଭଗବାନଙ୍କୁ ପ୍ରାପ୍ତ କରିନେବ ।

**ସତ୍ୟରଞ୍ଜନ ଦାଶ**
+୩ ପ୍ରଥମବର୍ଷ କଳା

# ରାଜନୀତି

ଶ୍ରୀ ତାମ୍ରାଇ ରାମ ସୋରେନ
+ ୩ ପ୍ରଥମ ବର୍ଷ ପ୍ରାଣୀ ବିଜ୍ଞାନ(ସମ୍ମାନ)

ନିର୍ମଳ ଆକାଶ । ପକ୍ଷୀ ଗତି ଆସୁଥାଏ । ତୁହା କୁ ତୁହା ଶୀତଳ ପବନ । ବାଃ କି ପ୍ରଫୁଲ୍ଲ ସତରେ ତାହା ଆଜି ପାଇଁ ହିଁ ନା ପ୍ରତି ଦିନର । କେତେ ଆଶା ଆକାଂକ୍ଷା ନେଇ ଆଗେଇ ଚାଲିଛି ସୌରଭ । ଏ ବର୍ଷ Election ରେ ଜିତି Collage President ହୋଇଛି । Just ଆଜି ତ ୩.୦୦ p.m ବେଳେ Election ର ଫଳାଫଳ ଘୋଷଣା କରାଯାଇଛି । ବର୍ତ୍ତମାନ ବି ତା ଗଳାରେ ଶୋଭା ପାଉଛି ପିଲାମାନଙ୍କ ତରଫରୁ ନେଇଥିବା President ରୂପକ ଫୁଲମାଳ । ନିଶ୍ଚୟ ଖୁସି ଲାଗୁଛି । ଯାହାହେଉ ପରିଶ୍ରମର ଫଳ ସାକାର ହୋଇଛି ।

ଯାଉ ଯାଉ ଭାବନା ରାଇଜରେ ସେ ହଜିଯାଇଛି । କେତେ ଆଶା ନେଇ Election ପାଇଁ Nomination ଦେଇଥିଲି । College ରେ ଖଣ୍ଡିଏ ବଡ Library, ପିଲା ମାନଙ୍କ ପାଇଁ ଖଣ୍ଡିଏ Common ରୁମ ! Collage Canteen. ନଳକୂଅ ଟାଏ- ଏମିତି କେତେ କ'ଣ କ'ଣ ଭାବି ଚାଲିଛି । ମନରେ ପ୍ରଶ୍ନ ଉଠିଯାଏ— ସତରେ କ'ଣ ଏତେ କାର୍ଯ୍ୟ ସେ ହାସଲ କରିପାରିବ? ପୁଣି ସକାରାତ୍ମକ ଭାବ ପ୍ରବଣତାରେ ସେ ନିଜର ପ୍ରଶ୍ନର ଉତ୍ତର ହଁ ରୂପରେ ପ୍ରକାଶ କରେ । କେତେ ଆଶାରେ ପିଲାମାନେ ତାଙ୍କୁ College President କରେଇଛନ୍ତି ତାହା କ'ଣ କାର୍ଯ୍ୟ ଅଧା କରିବାପାଇଁ । ସେମାନେ ଚାହିଁଥିଲେ ତ "ଆକାଶ"କୁ President କରିପାରି ଥାନ୍ତେ । କିନ୍ତୁ କଲେ ନାହିଁ । କାରଣ ଆକାଶର ଚରିତ୍ର ଭଲ ନୁହେଁ । ଏତେ ଭରସା କରି ଯେତେବେଳେ ତାଙ୍କୁ President ପଦରେ ବସେଇଛନ୍ତି ସେ ଯଦି ବର୍ତ୍ତମାନ ନିଜ କର୍ମରୁ ଓହରି ଆସିବ ତେବେ ନିଶ୍ଚୟ ପିଲାମାନଙ୍କ ପ୍ରତି ବିଶ୍ୱାସଘାତକତାର ସେ କାରଣ ହୋଇଯିବ । ସେ ନିଜ ମନକୁ ବୁଝାଇବାକୁ ଯାଇ ଭାବି ଉଠିଛି ମରିଗଲେ ବରଂ ମରିଯାଅ ତଥାପି ନିଜ କର୍ମ କ୍ଷେତ୍ରରୁ ବିଶ୍ୱାସ ତେଜ ବିଶ୍ୱାସ ଘାତକ ହୁଅ ନାହିଁ । ଏମିତି ମନକୁ ଦୁର୍ବଳରୁ ସବଳ କରାଇବାରେ ଲାଗିଛି ।

ଆରମ୍ଭ କରିଛି ବର୍ତ୍ତମାନ କେଉଁଠୁ ସେ କାର୍ଯ ଆରମ୍ଭ କଲେ ଭଲ ହେବ । ସେ ମନରେ ଭାବିଉଠିଛି ସର୍ବ ପ୍ରଥମେ Library Condition ଠିକ୍ କରିବି । କାହିଁକିନା କେତେ ଗରିବ ଶ୍ରେଣୀର ଛାତ୍ର ଛାତ୍ରୀ ତାଙ୍କ College ରେ ପଢୁଛନ୍ତି । ସେମାନେ ସବୁ ବହି କିଣି ପଢିବାରେ ବହୁତ ଅସୁବିଧା ପାଇବେ । ତା ପରେ ପିଇବା ପାଇଁ ପାଣି ନିହାତି ଆବଶ୍ୟକ । କେତେ ଦୂର ଦୂରାନ୍ତରୁ ପିଲାମାନେ ଆସୁଥିବେ— । ବାସ— କାହା ଡାକରାରେ ତା ଭାବନା ପୂର୍ଣ୍ଣଛେଦ ହୋଇଯାଇଛି । ହଠାତ୍ ପଛକୁ ଫେରି ଚାହିଁଛି । କାହିଁ କେହି ତ ନାହାନ୍ତି । କିନ୍ତୁ ଏ କଣ ଆଗକୁ ଚାହିଁଛି ମାତ୍ରେ ଦଳେ ଗୁଣ୍ଡା ଧରି ସାମନାରେ ଠିଆ ହୋଇଛି "ଆକାଶ" । ଯିଏକି Election ରେ ତା Against ରେ ଠିଆ ହୋଇଥିଲା । Election ପୂର୍ବରୁ ମଧ୍ୟ ଆକାଶ ତାକୁ ବହୁ ବାର ଧମକ ଦେଇଥିଲା Nomination ନ କରିବାକୁ । କାହିଁକି ସେ ଜାଣିଥିଲା. ସୌରଭ ଠିଆହେଲେ ସେ ନିଶ୍ଚୟ ହାରିଯିବ । ବର୍ତମାନ ସତକୁ ସତ ତାହା ହୋଇଯାଇଛି । ସେଥିପାଇଁ ସେ ପ୍ରତିଶୋଧର ରୂପ

ନେଇଛି । ଆକାଶର ଇଙ୍ଗିତରେ ତାକୁ ମଟର ସାଇକେଲରୁ ଟାଣି ଓହ୍ଲେଇଛନ୍ତି । ତାପରେ ତ ମାଡପରେ ମାଡ ବସି ଚାଲିଛି । ସୌରଭ୍ ଚେତା ଶୂନ୍ୟ ହୋଇ ତଳେ ପଡିଯାଇଛି । ତଥାପି ମାଡ.... । ସେଇ ଦିନର ଦୁଇ ତିନି ଜଣ College Student ସାଇକେଲରେ ଘରକୁ ଫେରୁଥିଲେ । ସେମାନଙ୍କୁ ଦେଖି ଆକାଶ ସଦଳବଳ ଫେରାର ହୋଇଯାଇଛନ୍ତି । ସେ ପିଲାମାନେ ମଧ୍ୟ ସୌରଭଙ୍କ ବିଷୟରେ ହିଁ କଥାବାର୍ତ୍ତା ହେଉଥିଲେ । ସେମାନଙ୍କ ଭିତରୁ ଜଣେ କହୁଥିଲା "ହଁ ବେ ... ସତରେ ଭଲ ପ୍ରାର୍ଥିଙ୍କୁ ଆମେ ଆମ College ର President କଲୁ ।ନ ହେଲେ ଆକାଶ ଭାଇ ଯଦି President ହୋଇଥାନ୍ତା ତାହେଲେ College ରେ Raging ତ ଅସମ୍ଭାଳ ହୋଇଥାନ୍ତା । ତା ସହିତ College ଆଉ College ହୋଇ ରହି ନ ଥାନ୍ତା । ଗୋଟିଏ ମୂହୁର୍ତ୍ତରେ ହିଁ ଗୁଣ୍ଡାଶାଳା ପାଲଟି ଯାଇଥାନ୍ତା । ମନ୍ତ୍ରୀଙ୍କର ପୁଅ ପରା ସେ । Principal ଙ୍କ ଠାରୁ ଆରମ୍ଭ କରି ସବୁ ସାରଙ୍କୁ ତ ସେ ଡରେଇ କି ରଖିଥିଲେ । ଆଉ ଜଣେ କହିଉଠିଲା "କହନିବେ କାଳେ ତାଙ୍କ ପିଲା ଶୁଣିନେବେ । ନ ହେଲେ ଗଡ ବଡ ହୋଇଯିବ । ଆଉ ଜଣେ ବି ନ କହି ରହିପାରିଲାନି । ସେ ସଂଯୋଗ କରି କହିଉଠିଲା" ଶୁଣ ବେ । ସେ ବର୍ତ୍ତମାନ ଆମର କ'ଣ ଟା କରିପକେଇବ । ସୌରଭ ଭାଇ ତ ଆମର ଅଛନ୍ତି । ସତରେ ସୌରଭ ଭାଇ ବହୁତ ଭଲ । ଜାଣ... ମୁଁ ଯେତେବେଳେ Re-admission କରି ପାରୁନଥିଲି ସେତେବେଳେ ସେ ମୋତେ ଅଧା ଟଙ୍କା ଦେଇ କହିଥିଲେ ଯାଅ- Re-admission କର । ଯେବେ ତୁମର ଟଙ୍କା ଯୋଗାଡ ହବ ମୋତେ ଫେରେଇଦେବ । କେତେ ଭଲା ଆଉ ଆକାଶ ତ ଅଇଟା ।" ମଦ ପିଇବା ପାଇଁ ପିଲାଙ୍କଠୁ ଟଙ୍କା ଠକି ନିଏ ।" ଯାଉ ଯାଉ ଯେତେବେଳେ ଚେତା ଶୂନ୍ୟ ଶରୀରକୁ ଦେଖିନେଇଛନ୍ତି ପ୍ରଥମେ ସେମାନେ ଡରିଯାଇଛନ୍ତି । କିନ୍ତୁ ପରେ ସାହସ ପାଇ ଚିହ୍ନିବାକୁ ଚେଷ୍ଟା କରିଛନ୍ତି ।'ଜଣେ କହି ଉଠିଲା... "ଏ ସୌରଭ ଭାଇ-" ହଁ ତ । ଚାଲ ଚାଲ ହସ୍‌ପିଟାଲକୁ ନେଇଯିବା ।" ତା' ପରେ ଜଣଙ୍କ ପାଖରେ ପାଣି ବୋତଲ ଥିଲା । ତାଙ୍କ ମୁଁହକୁ ପାଣି ଛାଟି ଦେବାରୁ ତାଙ୍କ ଚେତା ଫେରିଯାଇଛି । ପାଣି-ପାଣି ଡାକିବାରୁ ତାଙ୍କୁ ପାଣି ପିଆଇ ଅଚେତରେ ଯେବେ ଡାକ୍ତର ଖାନାକୁ ନେଇଯାଇଛନ୍ତି । ଏ ଖବର ତାଙ୍କ ଘରକୁ ପଠେଇବାକୁ ମଧ୍ୟ ଅବହେଳା କରିନାହାନ୍ତି । ଖବର ପାଇ ତାଙ୍କ ବାପା-ମା ଦୌଡି ଆସିଛନ୍ତି । ଡାକ୍ତର ତାଙ୍କୁ ପରୀକ୍ଷା କରି Report ଶୁଣାଇଲା କି କେତେ ଖଣ୍ଡ ପଞ୍ଜରା ହାଡ ସହିତ ବାମ ପଟ Kidney ରେ ମଧ୍ୟ ଆଘାତ ଲାଗିଛି । ଅବଶ୍ୟ କିଛି ଦିନ ପାଇଁ ଠିକ୍ ରହିବ । କିନ୍ତୁ ଅପରେସନ ନକଲେ ମରିବାର ସମ୍ଭାବନା ଅଛି ।

ମା-ବାପାଙ୍କର ଆକୁଳ ନିବେଦନ ତଥା ଅନୁରୋଧ ସୌରଭଙ୍କ କାନରେ ବାଜିଯାଉଛି । ସେମାନଙ୍କ ଇଛା ଯେତେ ଟଙ୍କା ଖର୍ଚ୍ଚ ହେଉ ପଛେ ତାଙ୍କ ପୁତ୍ରଙ୍କ 'Operation ହେଉ । ସତରେ ସେମାନେ ତାଙ୍କୁ କେତେ ସ୍ନେହ ଦେଇ ନାହାନ୍ତି ! ଛୁଆ ବୟସଠାରୁ ବର୍ତ୍ତମାନ ସୁଦ୍ଧା ତାକୁ କେବେ ବି ନାରାଜ କରିନାହାନ୍ତି । ବାପା ସିନା ସମୟ ସମୟରେ ରାଗନ୍ତି । କିନ୍ତୁ ମା' କେବେ ରାଗନ୍ତିନି । ବାପା ମାଆ ଭଲ ପାଇଁ ହିଁ ରାଗନ୍ତି । ବାପା ତାଙ୍କ ପାଇଁ ବହୁତ ସ୍ୱପ୍ନ ଦେଖିଥିଲେ । ବଡ ହେଲେ ଯେମିତି ସେ ଭଲ ଚାକିରୀ କରି କେମିତି ସଂସାରକୁ ଆଗେଇବ । କେମିତି ବାପାଙ୍କୁ କାର୍ଯ୍ୟରୁ ମୁକ୍ତ କରିବ ତାହା ସେ ଚାହୁଁଥିଲେ । ସେଥିପାଇଁ ତାଙ୍କୁ ବାର ବାର ମନା କରୁଥିଲେ Election ରେ ଠିଆ ହେବା ପାଇଁ । ତାଙ୍କୁ କହିଥିଲେ ମଧ୍ୟ ଯେ ବର୍ତ୍ତମାନର

ରାଜନୀତି କେବଳ ନିଜସ୍ୱାର୍ଥପାଇଁ । ସ୍ୱାର୍ଥ ଯେତେବେଳେ ହାରିଯାଏ ସେତେବେଳେ ତାହା ପ୍ରତିଶୋଧର ରୂପ ନିଏ । କିନ୍ତୁ ସେ ନିଜର ଜିଦିରେ ଅଟଳ ରହି ବାପାଙ୍କ ଇଚ୍ଛାକୁ ତୁଚ୍ଛମଣିଲା । କିନ୍ତୁ ପାଇଲା କ'ଣ? ଶେଷରେ ନିଜ ଆଖିରୁ ଲୁହ ଝରାଇବା ଛଡା କିଛି ଉପାୟ ସେ ପାଇପାରୁନି । ନିଜକୁ ଧିକ୍କାର କରୁଛି । ରାଜନୀତିକୁ ପରିତ୍ୟାଗ କରୁଛି । କିନ୍ତୁ ବର୍ତ୍ତମାନ କ'ଣ ସମୟ ଅଛି? ତାହା ତ କେତେ ଦିନରୁ ସରିଯାଇଛି । ସେ କେବଳ ଅପେକ୍ଷା କରିଛି କେବେ Kidney Donor ମିଳିଲେ ତାଙ୍କ Operation ହେବ । ଯଦି ନ ହୁଏ ଆଉ ସେ କ'ଣ କରିପାରିବ? ଖାଲି ଅପେକ୍ଷା କରିବ ସେଇଦିନ ଯଉଦିନ ତାକୁ ଆଉ ଜନ୍ମ ପାଇଁ ଅଭିନନ୍ଦନ ଆସିବ । କିନ୍ତୁ ଭଗବାନଙ୍କୁ ସେ ଏତିକି ପ୍ରାର୍ଥନା କରୁଛି ଯେମିତି ଆଉ ଜନ୍ମରେ ସେ କେବେ ବାପା-ମାଆଙ୍କ ସତ୍ ଉପଦେଶକୁ ଅମାନ୍ୟ ନ କରୁ ଏବଂ ରାଜନୀତି ଠାରୁ ତାକୁ ଦୂରେଇ ରଖନ୍ତୁ ।

## ବିଦ୍ୟା ହିଁ ସମ୍ପଦ

ଗଣେଶ ବେହେରା
+୨ ଦ୍ୱିତୀୟ ବର୍ଷ ବିଜ୍ଞାନ

Education is the development of all those capacities in the individual which will enable him to control his environment and fulfil his possibilities.

- John Dewey

ବୁଦ୍ଧି ହେଉଛି ଜ୍ଞାନର ବାହକ । ପୃଥିବୀର ସବୁକିଛି ଉନ୍ନତ ଜିନିଷ ପତ୍ର, ଯନ୍ତ୍ରପାତି, ଯାନବାହାନ ଯଥା- ରେଳଗାଡି, ଉଡାଜାହାଜ, ରେଡିଓ ଇତ୍ୟାଦି ମନୁଷ୍ୟ ବୁଦ୍ଧିର କରାମତି । ଏହି ବୁଦ୍ଧିକୁ ଜ୍ଞାନ କୁହାଯାଏ, ଯାହାକି ବିଦ୍ୟା ଯୋଗୁଁ ସମ୍ଭବ ହୁଏ । ବିଦ୍ୟା ମଣିଷକୁ ଜ୍ଞାନ ଓ ବିବେକ ଦାନ କରି ଗଢି ତୋଳେ ଏବଂ ବିବେକୀ ଲୋକ ମଧ୍ୟ ଉପଯୁକ୍ତ ବିଚାର କରିବାକୁ ସକ୍ଷମ ହୋଇଥାଏ । ଗ୍ରୀକ୍ ଦାର୍ଶନିକ ଆରିଷ୍ଟୋଟଲ କହିଥିଲେ- " ଭୁଲ ବାଟ ଚାରିଆଡକୁ ପଡିଥାଏ, କିନ୍ତୁ ଠିକ୍ ବାଟ ଗୋଟିଏ ଆଡକୁ । ସେଥିପାଇଁ ଜୀବନର ବିଫଳତା ସହଜ କିନ୍ତୁ ସଫଳତା ମିଳିବା କଷ୍ଟକର ।" ଏହି ଠିକ୍ ବାଟଟିକୁ ପାଇବା ପାଇଁ ବିଦ୍ୟା ଅପରିହାର୍ଯ୍ୟ ।

ସଂସ୍କୃତରେ କଥିତ ଅଛି-

ବିଦ୍ୟା ଦଦାତି ବିନୟଂ
ବିନୟାତ୍ ଯାତି ପାତ୍ରତାମ୍
ପାତ୍ରତ୍ୱାତ୍ ଧନମାପ୍ନୋତି
ଧନାତ୍ ଧର୍ମଃ ତତଃ ସୁଖମ୍

ଅର୍ଥାତ୍ ବିଦ୍ୟା ମଣିଷକୁ ବିନୟ ଭାବ ଦିଏ । ବିନୟ ଦ୍ୱାରା ମଣିଷ ସମସ୍ତଙ୍କର ପ୍ରିୟପାତ୍ର ହୁଏ । ଫଳରେ ଧନ ମିଳେ ଓ ମଣିଷ ସୁଖରେ ରହେ । ଏଣୁ ବିନୟ ଓ ନମ୍ରତା ବିନା ମୂଲ୍ୟରେ ମିଳେ ଏବଂ ତା ଦ୍ୱାରା ସବୁକିଛି କିଣାଯାଇପାରେ । ପୁଣି ଧନଠାରୁ ଜ୍ଞାନ ବଡ କାରଣ ଆମେ ଧନକୁ ରକ୍ଷା କରୁ କିନ୍ତୁ ଜ୍ଞାନ ଆମକୁ ରକ୍ଷାକରେ । ତେଣୁ ଜ୍ଞାନ ଆହରଣ କରିବା ସମସ୍ତଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ।

ଏହି ଜ୍ଞାନ ବିଦ୍ୟାରୁହିଁ ମିଳେ । ବିଦ୍ୟା ଆହରଣ ସମୟରେ ସବୁ ପ୍ରକାର ସୁଖ ଓ ବିଳାସବ୍ୟସନକୁ ଜଳାଞ୍ଜଳି ଦେବାକୁ ପଡିଥାଏ । ସେଥିପାଇଁ କୁହାଯାଏ-

ସୁଖାର୍ଥୀ ତେତ୍ ତ୍ୟଜେତ୍ ବିଦ୍ୟା

ବିଦ୍ୟାର୍ଥୀ ତେତ୍ ତ୍ୟଜେତ୍ ସୁଖମ୍

ସୁଖାର୍ଥୀ ନଃ କୁତୋ ବିଦ୍ୟା

ବିଦ୍ୟାର୍ଥୀ ନଃ କୁତୋ ସୁଖମ୍

ବିଦ୍ୟାଭ୍ୟାସ ପ୍ରଥମେ ଶିଶୁ ଅବସ୍ଥାରୁ ଓ ବିଦ୍ୟାଳୟରେ ଆରମ୍ଭ ହୁଏ; ଏଥିପାଇଁ ବଗ ପରି ଧ୍ୟାନ ଓ କକୁର ପରି ନିଦ୍ରା ଆବଶ୍ୟକ । ପ୍ରବାଦ ଅଛି-

କାକସ୍ନାନ ବକ ଧ୍ୟାୟୀ

ଶ୍ୱାନନିଦ୍ରା ତଥୈବଚ

ଅଳ୍ପାହାରୀ ଗୃହତ୍ୟାଗୀ

ବିଦ୍ୟାର୍ଥୀ ପଞ୍ଚଲକ୍ଷଣମ୍

ବିଦ୍ୟା ଅର୍ଜନ ପାଇଁ କେବଳ ବିଦ୍ୟାଳୟ ଯଥେଷ୍ଟ ନୁହେଁ । ଘରେ ପିତା ମାତା ମାନେ ମଧ୍ୟ ସେମାନଙ୍କ ସନ୍ତାନ ସନ୍ତତି ମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ଉଚିତ୍ । ଗୁରୁଙ୍କ ଆଶୀର୍ବାଦବିନା କେହି ଜୀବନରେ ବଡ ମଣିଷ ହୋଇନାହାନ୍ତି । ନିଜର ଆଚାର, ବ୍ୟବହାର, ଚାଲିଚଳଣି ଓ କଥାବାର୍ତ୍ତାରେ ଗୁରୁଙ୍କୁ ସନ୍ତୁଷ୍ଟ କରିପାରିଲେ, ତାଙ୍କ ଶୁଭାଶିଷ ଆପେ ଆପେ ନିଜ ଆଡକୁ ଚାଲି ଆସେ । ସେଥିପାଇଁ କୁହାଯାଏ- " ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ ଈଶ୍ୱର ।" ନିଜ ବାପା ମାଆ ଙ୍କ ପରି ଗୁରୁ ମଧ୍ୟ ନିଜର । ସ୍ୱାମୀ ବିବେକାନନ୍ଦ କହିଥିଲେ- " ଶିକ୍ଷା କଣ ପୋଥିର ବିଦ୍ୟା କି ବିଭିନ୍ନ ବିଷୟର ଜ୍ଞାନ? ନା- ତାହା କିଛିନୁହେଁ । ଯଥାର୍ଥ ଶିକ୍ଷା କହିଲେ କେତେଗୁଡିଏ ଶବ୍ଦ ଗ୍ରହଣକୁ ବୁଝାଏ ନାହିଁ । ମାନସିକ ବୃତ୍ତି ଗୁଡିକର ପରିସ୍ଫୁଟନ ଓ ମଣିଷର ବ୍ୟକ୍ତିଗତ ସତ୍ ସଂକଳ୍ପଗୁଡିକ କାର୍ଯକାରୀ କରି ଗଢି ତୋଳିବାର ପଦ୍ଧତି ହେଉଛି ପ୍ରକୃତ ଶିକ୍ଷା ।" ଛାତ୍ର ମାନଙ୍କର ଅଧ୍ୟୟନ କରିବା ଏକାନ୍ତ ପ୍ରୟୋଜନ । ମନଯୋଗ ସହକାରେ ପାଠପଢା କରିବା ଉଚିତ୍ । ସୁନା, ରୁପା, ଟଙ୍କା, ପଇସା ଆଦି ଅଛିତ କାଲି ନାହିଁ । ଏଥିରେ ଚୋର ଡକାୟତଙ୍କ ଭୟ ରହିଥାଏ । କିନ୍ତୁ ବିଦ୍ୟା ଧନକୁ ଚୋର କିମ୍ବା ଡକାୟତ କରି କେହି ନେଇ ପାରନ୍ତି ନାହିଁ । ତେଣୁ ବିଦ୍ୟା ଧନକୁ 'ମହାଧନ' ବୋଲି କୁହାଯାଇଛି ।

ତେଣୁ ଯଥାର୍ଥରେ କୁହାଯାଇଛି-

ଜ୍ଞାତିଭିର୍ବର୍ଣ୍ଟ୍ୟତେ ନୈବ ଚୌରେଣାପି ନ ନୀୟତେ

ଦାନେନ ନକ୍ଷୟଂ ଯାତି ବିଦ୍ୟାରତ୍ନଂ ମହାଧନମ୍"

## ସବୁ କିଛି ଈଶ୍ୱରଙ୍କ ଦାନ

*ମମିତା ଭଞ୍ଜ*

+୨ ଦ୍ୱିତୀୟ ବର୍ଷ

ଅନେକ ସମୟରେ କିଛି ବ୍ୟକ୍ତି ଦାନ ଦିଅନ୍ତି ଓ ଆଉ କିଛି ବ୍ୟକ୍ତି ଦାନ ଗ୍ରହଣ କରନ୍ତି । ତେବେ ଦାନ ଦେଉଥିବା ବ୍ୟକ୍ତି ମାନଙ୍କ ମଧ୍ୟରୁ ଅଧିକାଂଶ ଭାବନ୍ତି ଯେ ସେମାନେ ହେଉଛନ୍ତି ମହାନ ଏବଂ ଈଶ୍ୱରଙ୍କ ଠାରୁ ମଧ୍ୟ ଊର୍ଦ୍ଧ୍ୱରେ । ସେହିପରି ଦାନ ଗ୍ରହଣ କରୁଥିବା କିଛି ବ୍ୟକ୍ତି ଭାବନ୍ତି ସେମାନଙ୍କୁ ଦାନ ଦେଉଥିବା ବ୍ୟକ୍ତି ହିଁ ହେଉଛି ମହାନ ଏବଂ ଈଶ୍ୱରଙ୍କ ଠାରୁ ମଧ୍ୟ ଊର୍ଦ୍ଧ୍ୱରେ । ମାତ୍ର ଏହା ଏକ ଭ୍ରାନ୍ତ ଧାରଣା । ଏକ ମାତ୍ର ସତ୍ୟ ହେଲା, ଆମେ ଯାହା

କିଛି ବି ପାଉ ସେସବୁ ଈଶ୍ୱରଙ୍କ ଇଚ୍ଛାରେ ହିଁ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଏଇ କାହାଣୀ ।

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ପ୍ରତ୍ୟେକ ଦିନ ତାଙ୍କ ରାଜସଭାକୁ ଦୁଇଜଣ ବ୍ୟକ୍ତି ସାହାଯ୍ୟ ନେବାକୁ ଆସୁଥିଲେ । ଏମାନଙ୍କ ମଧ୍ୟରୁ ଜଣେ ବୃଦ୍ଧ ଥିବାବେଳେ ଆଉ ଜଣକ ଥିଲେ ଜଣେ ଯୁବକ । ରାଜା ମଧ୍ୟ ସେମାନଙ୍କୁ ଦାନ ଦେଉଥିଲେ । ତେବେ ରାଜାଙ୍କଠାରୁ ଦାନ ଗ୍ରହଣ କରି ସାରିବା ପରେ ବୃଦ୍ଧ ବ୍ୟକ୍ତି ଜଣକ "ସବୁ ଈଶ୍ୱରଙ୍କ ଦାନ" ବୋଲି କହି ଈଶ୍ୱରଙ୍କ ପ୍ରଶଂସା କରୁଥିବା ବେଳେ ଯୁବକ ଜଣକ ସବୁ ରାଜାଙ୍କ ଦାନ ବୋଲି କହି ରାଜାଙ୍କ ପ୍ରଶଂସା କରୁଥିଲେ ଏବଂ ତାଙ୍କ ଠାରୁ ଦାନ ନେଇ ମଧ୍ୟ ବୃଦ୍ଧ ବ୍ୟକ୍ତିଟି ତାଙ୍କର ପ୍ରଶଂସା ନ କରି ଈଶ୍ୱରଙ୍କ ପ୍ରଶଂସା କରୁଥିବାରୁ ସେ ମନେ ମନେ ରାଗୁଥିଲେ । ଦିନେ ରାଜା ଚିନ୍ତାକଲେ ଯେ ସେ ବୃଦ୍ଧବ୍ୟକ୍ତି ଜଣକୁ ଦେଖାଇ ଦେବେ ଯେ, ସବୁ କିଛି ହେଉଛି ତାଙ୍କର ଦାନ । ସେଥିରେ ଈଶ୍ୱରଙ୍କ କିଛି ହାତ ନାହିଁ । ତହୁଁ ଆରଦିନେ ରାଜା ସେ ଦୁଇଜଣଙ୍କୁ ଦାନ ଦେଇସାରିବା ପରେ କହିଲେ ଯେ ତୁମେ ଦୁହେଁ ଆଜି ମୋ ନଅର ସମ୍ମୁଖରେ ଥିବା ବରଗଛ ରାସ୍ତାରେ ଯାଅ । କିନ୍ତୁ ପ୍ରଥମେ ଯୁବ ବ୍ୟକ୍ତି ଜଣଙ୍କ ଯିବାପରେ ଯାଇ ବୃଦ୍ଧ ବ୍ୟକ୍ତିଟି ଯିବ । ରାଜାଙ୍କ ନିର୍ଦ୍ଦେଶ ପାଳିତ ହେଲା । ରାଜା ଗୋଟିଏ ମୁଣାରେ କିଛି ସ୍ୱର୍ଣ୍ଣ ମୁଦ୍ରା ପୂରାଇ ପକାଇଥିଲେ ରାସ୍ତା ଉପରେ । ଭାବିଥିଲେ ତାହାକୁ ସେହି ଯୁବବ୍ୟକ୍ତି ଜଣକ ପାଇବ ଯିଏ କି ସବୁବେଳେ କହେ ସବୁ କିଛି ରାଜାଙ୍କ ଦାନ" । କିନ୍ତୁ ଫଳ ହେଲା ଓଲଟା । ରାସ୍ତାରେ ଯିବା ବେଳେ ଯୁବ ବ୍ୟକ୍ତିଟି ଠିକ୍ ବରଗଛ ମୂଳରେ ଅନ୍ଧ କିପରି ଚାଲେ ତାର ଅଭିନୟ କରି ଚାଲିଲା । ତେଣୁ ସେ ରାସ୍ତା ଉପରେ ପଡ଼ିଥିବା ସେହି ମୁଣାଟିକୁ ଦେଖିପାରିଲା ନାହିଁ । ପରେ ସେଇ ବାଟ ଦେଇ ଯେତେବେଳେ ସେଇ ବୃଦ୍ଧ ବ୍ୟକ୍ତିଟି ଆସିଲା, ସେତେବେଳେ ସେ ପାଇଲା ସ୍ୱର୍ଣ୍ଣମୁଦ୍ରା ଥିବା ସେଇ ମୁଣାଟିକୁ । ପରଦିନ ରାଜା ଯେତେବେଳେ ଏକଥା ଜାଣିଲେ ସେତେବେଳେ ତାଙ୍କ ମନ ଖରାପ ହେଲା । ତେଣୁ ସେ ଆଉ ଥରେ ଗୋଟିଏ ଉପାୟ ଚିନ୍ତା କରି ଗୋଟିଏ କଖାରୁ ଭିତରେ କିଛି ସ୍ୱର୍ଣ୍ଣ ମୁଦ୍ରା ପୂରାଇ ଦେଲେ ସେହି ଯୁବବ୍ୟକ୍ତିଟିକୁ । କିନ୍ତୁ ଯୁବ ବ୍ୟକ୍ତି ଜଣକ ସେଇ କଖାରୁଟିକୁ କାହିଁକି ସାଙ୍ଗରେ ନେବ ବୋଲି ଭାବି ସେଇଟିକୁ ନେଇ ଗୋଟିଏ କଦଳୀବାଲାକୁ ଦେଇ ପ୍ରତିବଦଳରେ କିଛି କଦଳୀ ନେଇ ଚାଲିଗଲା । ପରେ ସେଇ ବାଟ ଦେଇ ଯେତେବେଳେ ସେଇ ବୃଦ୍ଧ ବ୍ୟକ୍ତିଟି ଆସିଲା ସେତେବେଳେ କଦଳୀବାଲା ତାକୁ ସେଇ କଖାରୁଟିକୁ ଦାନ କରିଦେଲା । ପରଦିନ ଯେତେବେଳେ ସେମାନେ ରାଜ ସଭାରେ ପହଞ୍ଚିଲେ, ସେତେବେଳେ ବୃଦ୍ଧ ବ୍ୟକ୍ତି ଜଣକ କହିଲେ ମହାରାଜ କାଲି ଗୋଟିଏ କଖାରୁ ଭିତରୁ ମୋତେ ସ୍ୱର୍ଣ୍ଣମୁଦ୍ରା ମିଳିଛି । ଏହାଶୁଣି ରାଜା ଚକିତ ହୋଇଗଲେ ଏବଂ କହିଲେ, ହଁ ହଁ ଏସବୁ ହେଉଛି ଈଶ୍ୱରଙ୍କ ଦାନ" ଏବଂ ଈଶ୍ୱର ଯାହାକୁ ଦିଅନ୍ତି ଛପର ଫାଡ଼ କରି ଦିଅନ୍ତି ।

# ଅପେକ୍ଷା

କୁମାରୀ ରଶ୍ମିତା ମିଶ୍ର
+୩ ତୃତୀୟ ବର୍ଷ କଳା

ପ୍ରେମ କ'ଣ ? ଏହା ଏକ ଆନ୍ତରିକ ସଦ୍‌ଭାବନା । ନିଃସ୍ୱାର୍ଥ ପର ଭାବେ ଦେଇ ଚାଲିବା ଓ କିଛି ପାଇବାର ଆଶା ନରଖିବା ହେଉଛି ପ୍ରକୃତ ପ୍ରେମ । ସତରେ ଜୀବନ ଏମିତି ଏକ ସମୟ ଅତିକ୍ରମ କରେ ଯାହା ନିଜ ଉପରେ ନିଜର ନିୟନ୍ତ୍ରଣ ରହେନାହିଁ । କୋଉଟା ଭୁଲ କୋଉଟା ଠିକ୍ ଜାଣି ହୁଏନା । ମନରେ ରଙ୍ଗ ଲାଗିଲା ପରେ ପ୍ରଜାପତି ପରି ଉଡ଼ିବାକୁ ଇଚ୍ଛା ହୁଏ । ଆକାଶର ଯେପରି ଆଦି ନାହିଁ । ସ୍ୱପ୍ନ ବୁଣିବାକୁ କାହାକୁ ବା ଭଲ ନ ଲାଗେ । ମାତ୍ର ସ୍ୱପ୍ନ କିଣିବାକୁ ଯେ କେତେ କଷ୍ଟ ତାହା ଅଙ୍ଗେ ଲିଭାଇବା ଲୋକ ଜାଣେ । ସ୍ୱପ୍ନକୁ ସାର୍ଥକ କରିବା ପାଇଁ ତାକୁ କେତେ କଷ୍ଟ ସହିବାକୁ ପଡ଼େ । ପ୍ରେମ କରିବା ଠିକ୍ ସେହିପରି ସ୍ୱପ୍ନ ଦୁନିଆର କଥା । ମାତ୍ର ସେହି ସ୍ୱପ୍ନକୁ ବାସ୍ତବତାର ରୂପ ଦେବା ପାଇଁ ଯେତେବେଳେ ସଂଘର୍ଷ କରିବାକୁ ପଡ଼େ ସେତେବେଳେ ସବୁ ସ୍ୱପ୍ନ ଦୁଃସ୍ୱପ୍ନ ପରିଲାଗେ ।

ନିଖିଲ ଥିଲା ଗୋଟିଏ ମଧ୍ୟବିତ୍ତ ପରିବାରର ପୁଅ । ରୂପ, ଗୁଣ, ବିଦ୍ୟା, ବୁଦ୍ଧି କେଉଁଥିରେ ଊଣା ନଥିଲା । ଗାଁ ବିଦ୍ୟାଳୟରୁ ପାଶ କରି ଯୁକ୍ତ ୨ ବାବା ବଳିଆ ମହାବିଦ୍ୟାଳୟରେ ଏଡ଼ମିଶନ୍ ନେଲା । ପ୍ରଥମରୁ ହିଁ ନିଖିଲ ଭଲ ପାଇବାର ବିପକ୍ଷରେ ଥିଲା । କିନ୍ତୁ ସେ ଜାଣିନଥିଲା ଯେ ଜୀବନର ସମୁଦାୟ ସିଡ଼ି ଅତିକ୍ରମ କରିବା ଭିତରେ ଯୌବନର ପାହାଚ ମଧ୍ୟ ଅତିକ୍ରମ କରିବାକୁ ହେବ ଆଉ ଏହି ପାହଚଟି ବଡ଼ ଖସଡ଼ା । ଦିନେ ତାକୁ ମଧ୍ୟ ଏହାର ଶୀକାର ହେବାକୁ ପଡ଼ିଲା । ନିଖିଲର କଲେଜ ଲାଇଫ୍‌ରେ ଗୋଟିଏ ଝିଅ ସହିତ ଦେଖାସାକ୍ଷାତ୍ ହେଲା । ସେହି ଝିଅର ନାମ ପୂଜା । ତା କ୍ଲାସ୍‌ରେ ପଢ଼େ । ପାଖ ଗାଁରେ ରହେ । କଲେଜ୍‌ରେ ଦେଖା ହେଲେ ଦୁଇଜଣ ଦୁଇଜଣଙ୍କୁ ଚାହିଁ ହସି ଦେଇ ଚାଲିଯାଆନ୍ତି । ଏହି ହସରୁ ଆସ୍ତେ ଆସ୍ତେ ସେମାନଙ୍କର ଆରମ୍ଭ ହେଲା କଥାବାର୍ତ୍ତା । ଯେଉଁଟାକି ସେମାନଙ୍କର ଭଲ ପାଇବାର ବାଟ ଫିଟାଇ ଦେଲା. ଏହିପରି ଭାବରେ ସେମାନଙ୍କର ଭଲ ପାଇବା କ୍ରମେ ନିବିଡ଼ ହୋଇଗଲା । ନିଖିଲର ଅନିଚ୍ଛା ସତ୍ତ୍ୱେ ମଧ୍ୟ ପୂଜାର ନିବିଡ଼ ଭଲ ପାଇବା ଆଗରେ ନିଖିଲର ପୁରୁଷ ପଣିଆ ହାର ମାନିଲା । ପ୍ରେମ କରାଯାଏ ନାହିଁ । ଦୁଇଟି ହୃଦୟର ମିଳନରେ ପ୍ରେମ ଆପେ ଆପେ ହୋଇଯାଏ । ଦିନେ ନିଖିଲ ପୂଜାକୁ ଡାକି କହିଲା ଦେଖ ମୁଁ ଗୋଟେ ମଧ୍ୟବିତ୍ତ ପରିବାରର ପୁଅ । ଆମ ଭଲ ପାଇବା ଠିକ୍ ହେବନି । ତେଣୁ ତୁମେ.... ଏତିକି ବେଳେ ପୂଜା ନିଖିଲର ମୁହଁରେ ହାତ ଦେଇ କହିଲା, ଛି...! ତୁମେ ଏକଥା କହିପାରୁଛ । ମୁଁ ତମ ହୃଦୟକୁ ଭଲ ପାଏ । ମୁଁ ଭଲପାଏ ତୁମର ବ୍ୟକ୍ତିତ୍ୱ ଓ ପ୍ରତିଭାକୁ । ଜୀବନରେ ମୁଁ ତୁମ ଛଡ଼ା ଆଉ କାହାର ସ୍ତ୍ରୀ ହୋଇପାରିବି ନାହିଁ ।

ଏହିପରି ଭାବରେ ସେମାନଙ୍କର ଭଲ ପାଇବାଟା ଏତେ ନିବିଡ଼ ହୋଇଗଲା । ସେ ଦୁହେଁ ଦୁହିଁଙ୍କୁ ପ୍ରାଣଠାରୁ ଅଧିକ ଭଲ ପାଇଲେ । ଦିନେ ଦୁହେଁ ଦୁହିଁଙ୍କୁ ନ ଦେଖିଲେ ଯେପରି ପୃଥିବୀଟା ସେମାନଙ୍କୁ ଅନ୍ଧାର ଲାଗେ । ଏହିପରି ଦେଖା ସାକ୍ଷାତ ଓ ଚିଠିର ଆଦାନ ପ୍ରଦାନରେ ବିତିଗଲା । ଯୁକ୍ତ ୨ ବର୍ଷ । ଯୁକ୍ତ ୨ ପରୀକ୍ଷା ପରେ ଛୁଟି ପଡ଼ିଲା । ଛୁଟି

କଥା ଭାବିଲା ବେଳକୁ ଦୁଇଜଣଙ୍କ ମୁଣ୍ଡରେ ବଜ୍ର ପଡ଼ିଲା । ଯେଉଁଠି ଗୋଟିଏ ଦିନ ବର୍ଷ ପରି ଲାଗୁଥିଲା । ସେଠାରେ ଦୀର୍ଘ ଛୁଟି କିପରି କଟିବ । ପରୀକ୍ଷାର ଶେଷଦିନ ପରୀକ୍ଷା ସାରି ଦୁହେଁ ଘଣ୍ଟା ଘଣ୍ଟା ଗପିବା ପରେ ମଧ୍ୟ ଜଣାପଡୁଥିଲା ଯେମିତି ହୃଦୟର କିଛି ଅବ୍ୟକ୍ତ ବେଦନା ରହିଯାଇଛି । ଦୁହେଁ ଦୁହିଁଙ୍କୁ ଅଶ୍ରୁପୂର୍ଣ୍ଣ ନୟନରେ ବିଦାୟ ଦେଲେ. ସ୍ମୃତି ସ୍ୱରୂପ ପୂର୍ବର ଦିଆନିଆ ଚିଠିପତ୍ର ଏବଂ ଫଟୋ ସବୁ ନେଇ । ଏହି ପରୀକ୍ଷା ହୁଏତ ସେମାନଙ୍କ ପାଇଁ ଅଭିଶାପରେ ପରିଣତ ହେଲା । ଅତି ମନେ ପଡ଼ିଲେ ନିଖିଲ ପୂର୍ବର ଚିଠି ଓ ସ୍ମୃତି ସ୍ୱରୂପ ଦୁହେଁ ଉଠାଇଥିବା ବିଭିନ୍ନ ଫଟୋ ଦେଖି ମନ ଭୁଲାଇ ନେଇଥିଲା ଓ ପୂଜାର ଗାଁ ପାଖକୁ ଯାଇ କେବେ କେବେ ଦେଖା ସାକ୍ଷାତ୍ ହେଉଥିଲା । ଯୁକ୍ତ ୨ ପରୀକ୍ଷା ରେଜାଲ୍ଟ ବାହାରିଲା ସେଥିରେ ନିଖିଲ ପାଶ କରିଛି ଓ ପୂଜା ଫେଲ୍ ହୋଇଯାଇଛି । ସେହି ମୁହୂର୍ତ୍ତରେ ପୂଜା ନିଖିଲକୁ ଦେଖା ସାକ୍ଷାତ୍ କଲାନାହିଁ । କିନ୍ତୁ ନିଖିଲ ପୂଜାକୁ ସଦା ସର୍ବଦା ଖୋଜିବାକୁ ଚେଷ୍ଟା କରେ କିନ୍ତୁ ପାଏନାହିଁ । ପୂଜା ତାର ମାମୁଁଘରକୁ ଚାଲିଗଲା ଓ ଫେରିଲା ନାହିଁ । ସେହିଦିନଠାରୁ ସେ ପ୍ରାୟ ପାଗଳ ହୋଇଗଲା । ସବୁବେଳେ ସେ ପୂଜାକୁ ମନେ ପକାଉଥାଏ । ଆଖି ଆଗରେ ନାଚିଯାଉଥାଏ ବିଗତ ଦିନର ଅଭୁଲା ସ୍ମୃତି । ସ୍ୱପ୍ନରେ ଦେଖିଥିଲା ପୂଜାକୁ । କିନ୍ତୁ ଆଖି ଖୋଲିଲା ବେଳକୁ ଏକା ଥିଲା ଓ ଥିଲା ଆଖିଏ ଲୁହ । ହୃଦୟରେ ଅବ୍ୟକ୍ତ ବେଦନା । ସେ ପୂଜା ପାଖକୁ ଲେଖିଥିଲା ଅନେକ ରାଗ ଅଭିମାନ ଭରା ଚିଠି । ତାପାଇଁ ଦିନରାତି ଏକ ହୋଇଯାଇଥିଲା । କୋଣସି କାର୍ଯ୍ୟରେ ତାକୁ ଭଲ ଲାଗୁନଥିଲା । ଭିଡ଼ ଭିତରେ ଖୋଜିବୁଲୁଥିଲା; ସେ ପରିଚିତ ପ୍ରିୟା ମୁହଁଟିକୁ । କିନ୍ତୁ ତାର ସନ୍ଧାନ ସେ ପାଉନଥିଲା । ପ୍ରେମ ବିନା. ସାଥୀ ବିନା ବଞ୍ଚିବାର ମାନେ କିଛି ନାହିଁ । ଏକଥା ଜାଣି ମଧ୍ୟ ସେ ଆଜି ବଞ୍ଚିଛି କେଉଁ ଅଜଣା ଆଶା ନେଇ । ସେ ଆଜି ମଧ୍ୟ ଚାହିଁ ବସିଛି ପୂଜାର ଫେରିବା ବାଟକୁ । ହେଲେ ସତରେ କ'ଣ ପୂଜା ଫେରିବ ? ନିଖିଲ କ'ଣ ପୂଜାକୁ ଛାଡ଼ି ରହିପାରିବ ? ଯଦି ସେମାନଙ୍କର ପ୍ରେମରେ ଶକ୍ତି ଓ ବିଶ୍ୱାସ ଥିବ, ତେବେ ସେମାନେ ପୁଣି ଏକ ହେବେ ।

ପ୍ରେମ ହେଉଛି ଈଶ୍ୱରଙ୍କ ସୃଷ୍ଟି । ପ୍ରେମ ବିନା ଏ ଜୀବନର ମାନେ କିଛି ନାହିଁ । ପ୍ରେମର ଅର୍ଥ ହେଉଛି ବିଶ୍ୱାସ । ଯେଉଁଥିରେ ବିଶ୍ୱାସ ଅଛି, ସେଠାରେ ପ୍ରେମ ଅଛି । ତେଣୁ ମୋର ସମସ୍ତଙ୍କ ପାଖରେ ଅନୁରୋଧ ଯେ ଦୁଇଜଣଙ୍କ ମଧ୍ୟରେ କେବେ ବି ଅବିଶ୍ୱାସର ପାଚେରୀ ନଉଠୁ । ସମସ୍ତଙ୍କ ଜୀବନ-ଶାନ୍ତିମୟ ଓ ସୁନ୍ଦର ହେଉ । ଏତିକି ମୋର ଭଗବାନ ବିଷ୍ଣୁଙ୍କ ପାଖରେ ପ୍ରାର୍ଥନା ।

## ପ୍ରେମ ହିଁ ସବୁକିଛି

ସୁବ୍ରକାଶ ଧାଡ଼ା
+୩ ଦ୍ୱିତୀୟ ବର୍ଷ କଳା

ଏହି ବ୍ୟସ୍ତତାମୟ ସଂସାରରେ ସର୍ବଦା କାର୍ଯ୍ୟରତ ଜୀବନଯାପନ କରିବା ଛଡ଼ା ଆଉ କିଛି ବାଟ ନାହିଁ । ସେହିପରି ଏକ ଅଭୁଲା ସ୍ମୃତି ବର୍ଣ୍ଣନା କରାଯାଇଛି ।

ଏହି କଥା ବସ୍ତୁତି ଏକ ସତ୍ୟକାହାଣୀ ରୂପେ ଆଲୋଚିତ ହୋଇଛି । ଏହି କାହାଣୀଟି ପଢିଲେ ଜାଣିପାରିବେ ଆପଣମାନେ ଜୀବନଟା ଏକ ନାଟକ । ଏହି ଜଗତରେ

ସମସ୍ତେ ଜନ୍ମଗ୍ରହଣ କରୁଛନ୍ତି । ପଶୁପକ୍ଷୀଠାରୁ ଆରମ୍ଭ କରି କୀଟପତଙ୍ଗ ମଣିଷ ପର୍ଯ୍ୟନ୍ତ ପ୍ରେମ କରି ଆସୁଛନ୍ତି । ପ୍ରେମ ସମସ୍ତଙ୍କୁ ଭରି ଦେଇଥାଏ ଅଭୁଲା ସ୍ମୃତି । ପ୍ରେମ ଏକ ଏପରି ସ୍ମୃତି ଯାହାକି ସବୁ ଖଟା-ମିଠା, ଦୁଃଖ-ସୁଖ ଏବଂ ଆଶା-ନିରାଶା ଭରିଥାଏ । ଯେପରି ପ୍ରେମକରି ଅମର ହୋଇ ରହିଥିବ । ସ୍ମୃତି ମିଳୁଛି ଦେଖିବାକୁ ଲୈଲା-ମଜନୁ, ଗୌରୀ-ଶଙ୍କର ଆଦି । ଏହି ଜଗତରେ ଏପରି ଏକ ଜିନିଷ ଅଛି ଯାହାକୁ ସମସ୍ତେ ପାଇବାକୁ ଇଚ୍ଛୁକ, କିନ୍ତୁ ସମସ୍ତଙ୍କ ଭାଗ୍ୟରେ ସମସ୍ତେ ପାଇବାକୁ ଇଚ୍ଛୁକ, କିଛି କିଛି ପ୍ରେମ । ହେଲେ ସାଧାରଣତଃ ଅନେକ ପ୍ରକାର ପ୍ରେମକୁ ବୁଝାଇ ଥାଏ । ଯେପରି ପିତା-ମାତା, ଭାଇ-ଭଉଣୀ, ଗୁରୁଜନ, ପ୍ରଭୁଙ୍କୁ ଆଦି ପ୍ରେମ କରିବା । ଏହି ପ୍ରେମ ଏକ ପ୍ରକାର ଯାହାକି ମୁଁ ଏହି କାହାଣୀରେ ଜଣେଇବାକୁ ଯାଉଛି ଏକ ପ୍ରେମୀ ଓ ଗୋଟିଏ ପ୍ରେମିକାର 'କାହାଣୀ ବିଷୟରେ ।

ଏହି କାହାଣୀଟି ଆରମ୍ଭ ହୁଏ ଗ୍ରାମାଞ୍ଚଳର ଏକ ଛୋଟ ଗାଁରେ । ଗ୍ରାମରେ ଅନେକ ପିଲା ଅଛନ୍ତି । ସେଥି ମଧ୍ୟରୁ ଜଣେ ପିଲା । ଯାହାକି ତାର ନାମ ମାଧବ ଏହି ପିଲାଟି ଏକ ମଧ୍ୟମ ପରିବାରରେ ଜନ୍ମଗ୍ରହଣ କରିଛି । ସେ ପିଲାଦିନରୁ ପ୍ରେମକୁ ଭଗବାନଙ୍କ କୃପା ବୋଲି ଭାବି ଆସିଛି । ସେ ପିଲା ଦିନରୁ ଜିଦ୍ କରିଛି ଯେ ସେ ବଡ଼ ହେଲେ ଗୋଟିଏ ବଡ଼ ପରିବାରର ଝିଅକୁ ପ୍ରେମ କରିବ । ସେ ଏମିତି ଝିଅ ଟିଏ ଖୋଜୁଥିଲା ଯିଏ ସୁଖ ଦୁଃଖରେ ଉଭୟ ଭାଗିଦାର ହେବେ । ବର୍ତ୍ତମାନ ମାଧବର ୧୮ବର୍ଷ ହୋଇଯାଇଛି । ଏହି ବୟସରେ ପଦାର୍ପଣ କଲେ ପୁଅ-ଝିଅମାନେ ପ୍ରେମ କରିବାକୁ ଚାହାଁନ୍ତି । ମାଧବ ଆସ୍ତେ ଆସ୍ତେ ତାର ଜୀବନ ସାଥିଟିଏ ଖୋଜିବାକୁ ଆରମ୍ଭ କଲା । ହେଲେ ତାକୁ କେହି ଜଣେ ପ୍ରେମିକାଟିଏ ମିଳିଲେ ନାହିଁ । ଶେଷରେ ସେ ନିଷ୍ପତ୍ତି ନେଲା ଜୀବନଟିକୁ ହାରି ଦେବି ନହେଲେ ଘର ଛାଡ଼ି ବିଦେଶକୁ ଚାଲିଯିବି । କିଛିଦିନ ଏମିତି କଟିଯାଆନ୍ତେ ସେ ଏକ ଗ୍ରାମ ଠାକୁରାଣୀ ପାଖକୁ ଯାଇ ନିରକାରେ ତାର ମନର ଗୁହାରୀ କଥା ସବୁ କହିଲା । ଠାକୁରାଣୀ ପାଖରୁ ଫେରୁଥିବା ରାସ୍ତାରେ ଗୋଟିଏ ଝିଅକୁ ଦେଖିଲା ଝିଅଟି ମାଧବ, ମାଧବ କହିଲା, ଏହି ବୁଲା ବୁଲି କରିବାକୁ ଏପଟେ ଆସିଥିଲା । ସେଇଦିନ ଠାରୁ କେଇପଦ ଖଟାମିଠା କଥା ଦେଖା ଚାହାଁରେ ମାଧବର ମନ ରହିଗଲା, ସେଇ ଝିଅ ପାଖରେ, ଯାହାକି ତାର ନାମ ମମତା । ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥାଏ ତାର ସେହି ପ୍ରେମିକାଟି ମମତା । ଏମିତି କିଛିଦିନ ଦେଖା ଦେଖି ହେଲା ଦେଖା ହେଲେ ହସି ଦିଏ । ଏମିତି କିଛି ଦିନ ଯାଆନ୍ତେ ମାଧବ ଭାବିଲା ତାକୁ ସବୁ କଥା କହିଦେବ । ମୁଁ ତୁମକୁ ଭଲ ପାଉଛି ବୋଲି । ମାଧବ ବଡ଼ ପରିବାରର ଝିଅକୁ ଜୀବନସାଥି ଟିଏ କରିବ ବୋଲି ହେଲେ ତାର ମନ ଭାବନା ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇଲା ପରି କଥାଟି ହୋଇଗଲା । ଯାହାକିଛି ମିଳୁଛି ଭଗବାନଙ୍କ କୃପା ବୋଲି ଧରିନେଇଛି । ବହୁତ ଚେଷ୍ଟା ସତ୍ତ୍ୱେ ସେତା ସାଙ୍ଗରେ କଥାଟିଏ ହୋଇ ପାରୁନଥାଏ । କାରଣ ସେ କେମିତି କହିବ ମୁଁ ତୁମକୁ ଭଲ ପାଉଛି ବୋଲି । ରାଗିଯିବ ବୋଲି କାଳେ ମୋତେ ଭଲ ପାଇବନି ଏମିତି ମନରେ ଭୃଙ୍କିମାରୁଥାଏ । ଯାହାବି ହେଉ ସବୁକଥା କହିଦେବ ବୋଲି କହିଲା ମାଧବ । ବହୁତ ଚେଷ୍ଟା ମଧ୍ୟ କଲା । ହେଲେ ବିଫଳ ହୋଇ ଫେରିଲା । ପ୍ରେମ କରିଲେ ଏମିତି ଭାବନା ଆସେ ମନକୁ ଯାହାକି ଭାବି ପାରିହୁଏନା ।

ଏମିତି ଦେଖା ଚାହାଁରେ କିଛି ଦିନ କଟିଗଲା । ସେ ଦିନଥାଏ ସୋମବାର । ସୋମବାରରେ ଶିବଙ୍କ ମନ୍ଦିରରେ ପୂଜା ହୁଏ । ପୂଜା କରିବାକୁ ମାଧବ ଆସିଥିଲା ମମତା ମଧ୍ୟ ପରେ ତା ସାଥିରେ ପୂଜା କରିବାକୁ ଆସିଥିଲା । ମାଧବ ପୂଜା ସାରି ମନ୍ଦିରରୁ ବାହାରକୁ ଆସି ଦେଖିଲା ହଠାତ୍ ମମତା ଦେଖା ଦେଖି ହେଲା ମମତା କହିଲା ଏକା ସାଙ୍ଗରେ ଘରକୁ ଯିବା ମାଧବ ଅପେକ୍ଷା କଲା, ପୂଜା ସାରି ଘରକୁ ଆସୁଥାନ୍ତି । ମମତା ପଚାରିଲା ସବୁ ଘର ହାଲଚାଲ ହେଲେ ପ୍ରେମ ବିଷୟରେ କିଛି କହୁନଥାଏ । ମାଧବ ଭାବିଲା ଏହି ହେଉଛି ସୁବର୍ଣ୍ଣ ସୁଯୋଗ ମହାଦେବ ଆଜି ଯେତେବେଳେ ସାହା ହୋଇଛନ୍ତି ଏବଂ ସାଥିଟିଏ ସହିତ ଯିବା ପାଇଁ ସୁଯୋଗ ପାଇଛି ସବୁ କଥା କହି

ଦେବି । କେଉଁଠୁ ଆରମ୍ଭ କରିବ ଭାବିଲା ମାଧବ । ମାଧବ ଏବେ କଥା କହିବା ସତ୍ତ୍ୱେ ବି ତାର ସାହସ ପାଉନଥାଏ. କହିବାକୁ କଥାଟିଏ. ମମତା ମଧ୍ୟ ଭଲ ପାଉଛି କିଛି କହିପାରୁ ନାହିଁ ପ୍ରେମ ବିଷୟରେ । ମାଧବ ଏମିତି କଥା ହେଉ ହେଉ କହିଲା ମମତା ତୁମେ କାହାକୁ ଭଲ ପାଉଛ । ମମତା ହସି କହିଲା ନା ମୋ ତୁମେ କାହାକୁ ଭଲ ପାଉଛ ପଚାରିଲା ମମତା ମାଧବ କହିଲା ତୁମେ ମୋତେ ରାଗିବନି ତ ମୁଁ ଗୋଟିଏ କଥା ତୁମକୁ କହିବି । ମମତା କହିଲା କ'ଣ ପାଇଁ ରାଗିବି କହୁନ ? ସେଇଠୁ ମାଧବ କହିଲା ମୁଁ ତୁମକୁ ଭଲ ପାଉଛି । ମମତା ମଧ୍ୟ ମୁଁ ତୁମକୁ ଭଲ ପାଉଛି ବୋଲି କହିଦେଲା । ଉଭୟଙ୍କ ପ୍ରେମ ଘନିଷ୍ଠ ହେବାରେ ଲାଗିଲା । ଫୁଲ ଫୁଟିଲେ ବାସ୍ନା ହୁଏ ଠିକ୍ ସେହିପରି ପ୍ରେମ କରିଲେ କଥା ଚାରିଆଡ଼େ ଖେଳେଇ ହୋଇଯାଏ । କଥା ସରେ ନାହିଁ କିନ୍ତୁ ରାସ୍ତା ସରିଯାଏ । ଆଉ ଦିନେ ଦେଖାହେବ ବୋଲି କହିଲା ସେଇ ଦିନଠାରୁ ଦେବା ନେବା ଆରମ୍ଭ ହୋଇଗଲା ।ଏମିତି କିଛିଦିନ ବିତି ଯାଆନ୍ତେ ମାଧବ ଏକା ମମତାକୁ ଡାକି କହିଲା ନିରଳା ଜାଗାରେ ମୁଁ ତୁମବିନା ବଞ୍ଚିପାରିବିନି । ମମତା ମଧ୍ୟ କହିଲା ମୁଁ ବି କହୁଛି ମୁଁ ତୁମବିନା ବଞ୍ଚିପାରିବିନି । ଏମିତି ବିତି ଚାଲୁଥାଏ । ଦିନସବୁ । ଦୁହେଁ ଦୁହିଁଙ୍କୁ କହୁଥାନ୍ତି ଆମକୁ କେହି ଅଲଗା କରିପାରିବେନି । ଆମେ ସବୁବେଳେ ଏକାଠି ରହିବା ଏମିତି ପରିସ୍ଥିତି ଆସିଲେ ବିଜୁଳି ମାରିଲା ଭଳି ଦେଖାଗଲା । ମମତା ଘର ଲୋକ ଜାଣି ପାରିଲେ ମାଧବ ସହିତ ମମତାର ସମ୍ପର୍କ ଅଛି । ସେଇଦିନଠାରୁ ମମତାକୁ ଦେଖାଚାହାଁ କରିବାକୁ ମନାକରିଦେଲେ ମାଧବକୁ ବାଟ ଦେଖାଗଲା ନାହିଁ । ହଠାତ୍ ମାଧବ ଭାଙ୍ଗି ପଡ଼ିଲା ତାର ଆଶା ବାଡ଼ିଟି ହରେଇ ବସିଲା ପରି ଲାଗିଲା ଯାହା ସାହାଯ୍ୟରେ ସେ ଚାହିଁ ରହୁଥିଲା । ରାତି ତମାମ ନିଦ ନାହିଁ ତାହାରି କଥା ଭାବି ଭାବି ସବୁବେଳେ ଦୁଃଖରେ ରହୁଥାଏ । ଶେଷ ଦେଖାରେ ମମତା କହିଲା ମୋତେ ଭୁଲିଯାଅ ଆଉ କାହାକୁ ଜୀବନସାଥି ଟିଏ କରିବ । କାରଣ ମୁଁ ତୁମପାଇଁ ଜୀବନ ସାଥି ହୋଇ ପାରିଲି ନାହିଁ । ମମତା କହିଲା ଆମ ଘର ଲୋକେ ତୁମ ସାଥିରେ ମିଳାମିଶା କରୁଥିବା ଜାଣି ମତେ ବହୁତ ଅପମାନ ସହିତ ସବୁ ଛାଡ଼ି ଚାଲିଯିବା ପାଇଁ କହିଲେ ନଚେତ୍ ମର୍ଯ୍ୟାଦାକୁ ମାଟିରେ ମିଶେଇ ଦେବା ଭଳିଆ କାର୍ଯ୍ୟ କରିବାକୁ ଘର ଲୋକ ମତେ ମନା କରିଲେ । ମୋତେ କ୍ଷମା କରିଦେବ ମୁଁ ତୁମର ଜୀବନସାଥିଟିଏ ହୋଇ ପାରିଲି ନାହିଁ. କିନ୍ତୁ ଆର ଜନମରେ ଆମେ ନିଶ୍ଚିତ ମିଶି ପାରିବା । ମମତା ମୁଁ ଚାଲିଯାଉଛି ଘରକୁ ଆଉ ଦେଖା ହେବା ଅସମ୍ଭବ । ଏହି କଥାବସ୍ତୁରୁ ଜଣା ପଡ଼ିଲା ଯେ ପ୍ରେମ ହିଁ ସତ୍ୟ ପ୍ରେମ ହିଁ ଭଗବାନ ପ୍ରେମ ହିଁ ସବୁକିଛି । ସମସ୍ତ ଝିଅ କିମ୍ବା ସବୁ ପୁଅ ଏହି ପ୍ରେମର ସ୍ୱାଦ ଚାଖି ପାରନ୍ତି ନାହିଁ । ପ୍ରେମରେ ଅନେକ ଝଡ଼ବତାସ ଆସେ ତଥାପି ଅନେକ ଲୋକ ସଫଳତା ହାସଲ କରିଥାନ୍ତି । ସେହିଁମାନେ ହିଁ ପ୍ରକୃତରେ ସୁଖି ଅଟନ୍ତି । ଜାଣିବାକୁ ପାଉ ଯେ ଯେଉଁମାନେ ସତ୍ୟ ପ୍ରେମ କରନ୍ତି ତାଙ୍କୁ ଭଗବାନ ସାହାଯ୍ୟ କରନ୍ତି । ସେହିପରି ମାଧବର ପ୍ରେମ ଥିଲା ସତ୍ୟ ହେଲେ ତାକୁ ଭଗବାନ ମଧ୍ୟ ସାହାଯ୍ୟ କଲେ ନାହିଁ । ଏବେ ବି ଭୁଲି ପାରିନାହିଁ । ଅପେକ୍ଷାରେ...... ମାଧବ ।

## ଯାଦୁ ଦିଆସିଲର କାହାଣୀ

ଉତ୍ତମ କୁମାର ଦାସ
+୨ ଦ୍ୱିତୀୟ ବର୍ଷ ବିଜ୍ଞାନ

ଅନେକ ଦିନର ତଳର କଥା । ସେତେବେଳେ ଭାରତର ମଗଧ ବୋଲି ଗୋଟିଏ ରାଜ୍ୟ ଥିଲା । ତାର ରାଜା ଥିଲେ ମେଘନାଦ । ସେ ସର୍ବଦା ନିଜକୁ ଧନ୍ୟ ମନେ କରୁଥିଲେ । କାରଣ ଗୀତାଞ୍ଜଳି ବୋଲି ତାଙ୍କର ଏକ କନ୍ୟା ଥିଲା ।

ସେ ନିଭୃତ କୋଠରୀରେ ତପସ୍ୟା କରୁଥିଲା । ଯେପରିକି ସେଠି ଏକ ବର୍ଷ ପର୍ଯ୍ୟନ୍ତ କୌଣସି ପିମ୍ପୁଡ଼ି ମଧ୍ୟ ପ୍ରବେଶ କରିପାରିବ ନାହିଁ । ସେହି କୋଠରୀ ମଧ୍ୟରେ ଏକବର୍ଷ ପର୍ଯ୍ୟନ୍ତ ଖାଦ୍ୟ ପାନୀୟ ସବୁ ମହଜୁଦ୍ ଥାଏ ।

ଠିକ୍ ସେତେବେଳେ କଳିଙ୍ଗ ରାଜ୍ୟ ସହିତ ଗୌଡ଼ ରାଜ୍ୟ ଯୁଦ୍ଧ ଶେଷହେଲା । କଳିଙ୍ଗ ରାଜ୍ୟ ବିଜୟ ଲାଭ କଲା । ସମସ୍ତ ସୈନ୍ୟ ନିଜ ନିଜ ବାଟରେ ଗଲେ । ମାତ୍ର ଭାଗ୍ୟର ଥିଲା ବିଡ଼ମ୍ବନା । ନିତ୍ୟାନନ୍ଦ ବୋଲି କଳିଙ୍ଗର ଜଣେ ସୈନ୍ୟ ବାଟବଣା ହେଲା । ଫଳରେ ସେ ମଗଧ ରାଜ୍ୟରେ ପ୍ରବେଶ କଲା । ସାହସର ସହିତ ଆଗକୁ ଆଗକୁ ମାଡ଼ି ଚାଲିଲା । ଏକ ବିଶାଳ ଜଙ୍ଗଲ ତା ପଥ ମଧ୍ୟରେ ପଡ଼ିଲା । ସେ ଜଙ୍ଗଲ ମଧ୍ୟରେ ଏକ ଯାଦୁ ମାତାକୁ ଭେଟିଲା । ଯାଦୁମାତାଙ୍କ ନାମ ରୁକ୍ମଣୀ ଥିଲା । ସମସ୍ତ ଦୁଃଖଦ କାହାଣୀ ଶୁଣି ଯାଦୁ ମାତା ତାକୁ ଏକ ଉପାୟ କହିଲେ । ସେ କହିଲେ ବାପ ! ଏହି ଗୁମ୍ଫା ଭିତରକୁ ଯାଆ, ଗୁମ୍ଫା ଭିତରେ ତିନୋଟି ସିନ୍ଦୁକ ଦେଖିବୁ ଓ ତିନୋଟି କୁକୁର ଦେଖିବୁ । ପ୍ରଥମ ସିନ୍ଦୁକଟି ତମ୍ବା ଅଟେ, ତା ଉପରେ ତମ୍ବା କୁକୁର ବସିଥିବ, ତୁ ତାକୁ ପ୍ରଣାମ କରି ଯେତେ ପାରୁ ତମ୍ବା ଆଣିବୁ । ଦ୍ୱିତୀୟ ସିନ୍ଦୁକଟି ରୁପାର, ତା ଉପରେ ରୁପା କୁକୁର ବସିଥିବ, ତୁ ତାକୁ ପ୍ରଣାମ କରି ପ୍ରଚୁର ରୁପା ଆଣିପାରିବୁ । ଶେଷ ସିନ୍ଦୁକଟି ସୁନାର, ତା ଉପରେ ସୁନା କୁକୁର ବସିଥିବ, ତୁ ତାକୁ ପ୍ରଣାମ କରି ପ୍ରଚୁର ସୁନା ଆଣି ପାରିବୁ । ଆଉ ଶେଷରେ ମୋ ଦିଆସିଲିଟି ଆଣିବୁ । ନିତ୍ୟାନନ୍ଦ ଜଣେ ଲୋଭୀ ଥିଲା, ସେ ଯାଦୁମାତା କଥା ମାନି ଭିତରକୁ ଗଲା । ଯଥାରିତି ଅନୁସାରେ ସେଠୁ ମୁଦ୍ରାସହ ଦିଆସିଲି ଆଣିଲା । ବାହାରକୁ ଆସିବା ମାତ୍ରେ ରୁକ୍ମଣୀ ତାକୁ ଦିଆସିଲି ମାଗିଲେ, ସେ ଦେଲାନାହିଁ, ତା ସହ ନିଜ ଖଣ୍ଡାରେ ରୁକ୍ମଣୀକୁ ମାରିଦେଲା ।

ସେହି ମୁଦ୍ରାକୁ ବିକ୍ରିକରି ଏକ ଉଡ଼ାସରେ ରହିଲା, ଦିଆସିଲିର ମହତ୍ତ୍ୱ ତାକୁ ଆଦୌ ଜଣାନଥିଲା । ଶେଷରେ ଦିଆସିଲି ଭିତରେ ତିନୋଟି କାଠି ଦେଖିଲା । ୧ମଟି ତମ୍ବା, ୨ୟଟି ରୁପା, ୩ୟଟି ସୁନା ଥିଲା । ସେ ୧ମ କାଠି ଠକ୍ ଠକ୍ କଲା, ସଙ୍ଗେ ସଙ୍ଗେ ତମ୍ବା କୁକୁର ଆସି ପହଞ୍ଚିଲା । ନିତ୍ୟାନନ୍ଦ ତାକୁ ରାଜକୁମାରୀକୁ ପାଇବା ପାଇଁ ଉପାୟ କହିଲା । ସେ ଗାତ ଖୋଳିଦେଲା, ତାପରେ ସେ ରାଜକୁମାରୀ ସହ ପ୍ରେମ କଲା ।

କ୍ରମେ ରାଜା ଏହି କଥା ଜାଣିଲେ ସେ ମନ୍ତ୍ରୀକୁ ତାକୁ ଧରିବା ପାଇଁ କହିଲେ । ସେ ସବୁଦିନ ଭଳି ରାଜକୁମାରୀ ପାଖକୁ ଆସିଲା, ଫଳରେ ରାଜା ତାକୁ ବନ୍ଦୀ କଲେ, ବିଚାର ହେଲା ଶେଷରେ ତାକୁ ଫାଶୀ ମିଳିଲା ।

ଫାଶୀ ଦେବାର ଅଧଘଣ୍ଟା ପୂର୍ବରୁ ତାକୁ ତାର ଶେଷ ଇଚ୍ଛା ପଚାରା ଗଲା । ସେ କହିଲା-ମୋର ଗୋଟିଏ ସିଗାରେଟ୍ ଦରକାର, ତାକୁ ସିଗାରେଟ୍ ଦିଆଗଲା ।

ସେ ସୁନା କାଠିଟି ଠକ୍ କଲା, ଫଳରେ ସୁନା କୁକୁର ଆସି ସମସ୍ତ ସୈନ୍ୟକୁ ପରାସ୍ତ କରି ନିତ୍ୟାନନ୍ଦକୁ ଉଦ୍ଧାର କଲା । ରାଜା ମେଘନାଦ ଶେଷରେ ନିତ୍ୟାନନ୍ଦ ସହ ଗୀତାଞ୍ଜଳିର ବିବାହ କରିଦେଲେ ।

# ସେଇ ମୁହୂର୍ତ୍ତ

**ସନ୍ତୁ କୁମାର ମାଣ୍ଡି**
+୨ ଦ୍ୱିତୀୟ ବର୍ଷ କଳା

ଅତୀତର କିଛି ସତକୁ ବର୍ତ୍ତମାନର ରୂପ ଦେଇ ତୁମ ସହିତ ସମୟ କାଟିବାକୁ ଇଚ୍ଛା କରିଛି । ମୁଁ ମଧ୍ୟ ତୁମକୁ ସାଥୀ ତଥା ସଙ୍ଗିନୀ କରି ଚାଲିବା ପାଇଁ ନିଷ୍ପତ୍ତି ନେଇଛି । ଯାହା ପାଇଁ ଆଜି ଆମ ବଦଳରେ ମୁଁ ଏକା ହୋଇ ଆଗେଇ ଚାଲିଛି । ଏ ଦୁନିଆରେ କେବଳ ଭଲ ପାଇବା ଆଶା ନେଇ ବଞ୍ଚି ରହିଛି କେବଳ ତୁମରି ପାଇଁ ।

ପ୍ରଥମେ ଯେଉଁଦିନ ଆମ ଦୀପୁ ଭାଇ ଘରକୁ ଆସିଲ ସେଦିନ ତୁମକୁ ଦେଖି ମୋ ମନରେ ତୁମ ପ୍ରତି ପ୍ରେମ ଭାବ ଜାଗ୍ରତ କରିଥିଲି । ପୂର୍ବରୁ  ଛବି ଭାଉଜ ତମ ବିଷୟରେ ଭାଇଙ୍କ ସହିତ ଅଳାପ କରିବା ମୁଁ ବହୁବାର ଶୁଣିଛି । ତମକୁ ଦେଖିବା ପରଠାରୁ ମେସରୁ ଦୁଇଥର ପରିବର୍ତ୍ତେ ଚାରିଥର ଭାଉଜ ଘରକୁ ଯା ଆସ କରୁଥିଲି । ନିମିଷକ ଭାବେ ତୁମ ସହିତ କିଛି ଆଳାପ କରିବା ପାଇଁ କିନ୍ତୁ ମୁଁ ତୁମ ଆଗକୁ ଯିବା ପାଇଁ ଲଜ୍ଜାବୋଧ କରୁଥିଲି । ଏମିତି କିଛିଦିନ ବିତିଯିବା ପରେ ବହୁଚିନ୍ତା କରି ବହୁ ଭାବନାର ପୃଷ୍ଠାକୁ ଲେଉଟାଇ ସେ ଦିନ ସାହସ ସଞ୍ଚାର କରି ତୁମ ଆଗକୁ ଗଲି ।

ସେଇ ପ୍ରଥମ ସାକ୍ଷାତ୍ ବେଳେ ସେଥିପାଇଁ ମୁଁ ଡମକି ରହିଲି । ସେଦିନ ମୁଁ ତୁମକୁ କିଛି କହିବାକୁ ଚାହୁଁଥିଲି, କିନ୍ତୁ ତାଳ ପାଉନଥିଲି । କିନ୍ତୁ ତୁମେ ହିଁ ମୋ ଆଡ଼କୁ ଦୃଷ୍ଟି ନିକ୍ଷେପ କରି ଅତି ଗଭୀର ଆବେଗରେ ମୋ ସହିତ କଥା ପଦେ କହିବା ଆରମ୍ଭ କରିଥିଲ ।

ସେ ଦିନ ତୁମ ସହିତ ମୋର ପ୍ରଥମ ସାକ୍ଷାତ ପ୍ରଥମ କଥା ଆଉ ତୁମର ସେହି ପ୍ରଥମ ଚୋରା ଚାହାଣୀ ଦେଖି ମୁଁ ଅଧିର ହୋଇ ଯାଇଥିଲି । ସେହି ଦିନଠାରୁ ତୁମେ ମୋ ଚଳଚଞ୍ଚଳ ମନଟା ଭିତରେ ସ୍ମରଣ ଭରିଦେଲ, ରାତିରେ ନିଦ ନାହିଁ । ପଢିଲା ବେଳକୁ ତୁମ କଥା ମନେପଡ଼େ ସବୁବେଳେ । ଗୁମସୁମ ରହିବା ଯେମିତି ମୋ ପାଇଁ ଏକ ନିତ୍ୟନିୟମିତ ଅଭ୍ୟାସରେ ପରିଣତ ହେଲା ।

ତୁମେ ଦୁଇ ମାସ ଭିତରେ ମୋର ଏମିତି କଣ ହୋଇଗଲ ଯେ, ତମ ସହିତ ମୋର ଏତେ ଘନିଷ୍ଠ ଅନ୍ତରଙ୍ଗ ବନ୍ଧୁତ୍ୱ ସ୍ଥାପନ ହେଲା ଯେଉଁ ବନ୍ଧୁତ୍ୱର କି ତୁଳନା ନାହିଁ । ତୁମେ ତୁମର ମନକଥା ସବୁ ମୋ ଆଗରେ ଖୋଲି କହୁଥିଲ ଏବଂ ମୁଁ ମଧ୍ୟ । ସେଥିପାଇଁ ମୋ ମନରେ ତୁମପ୍ରତି ଦୁର୍ବଳତା ଘନୀଭୁତ ହେଲା । ତୁମର ମୋ ପ୍ରତିଥିଲା ସ୍ନେହ, ମମତା ଆଉ ଭାବନା ଯାହାକି ମୁଁ ତୁମ ପାଇଁ ମୋ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲି । ତୁମକୁ ମୋ ମନର ମାନସୀ କରିବା ପାଇଁ ବାଧ୍ୟ ହେଲି । ତୁମ ସହିତ ମୋର ସ୍ୱପ୍ନରେ ଦେଖାହୁଏ, ଗପ ହୁଏ ସେଇ ସ୍ୱପ୍ନରେ ତୁମେ ତୁମ କଅଁଳ ହାତରେ ମୋ ମୁଣ୍ଡକୁ ଆଉଁସି ଅନେକ ମିଠା ମିଠା କଥା କୁହ ।

ଏହାକୁ ବାସ୍ତବିକ ରୂପ ଦେବା ପାଇଁ ମୁଁ ଯେତେବେଳେ ସକାଳେ ମେସ୍‌ରୁ ତୁମ ଆଗକୁ ଯାଏ ସେତେବେଳେ ତୁମକୁ ଦେଖି ମୁଁ ମୁକ ପାଲଟିଯାଏ ପାଟିରୁ ଛେପ ଶୁଖିଯାଏ ଓ ହୃଦୟର ସ୍ପନ୍ଦନ ବଢିବାକୁ ଲାଗେ ଏବଂ ମୁଁ ସେତେବେଳେ ମରୁଭୂମିର ପଥିକ ପରି ଚାରିଦିଗକୁ ଅନାଇ ହତାଶ ହୋଇ ଚୁପ୍ ରହେ ।

ତୁମକୁ ଦିନେ ନ ଦେଖିଲେ କିମ୍ବା କଥା ନ କହିଲେ ମୁଁ ରହିପାରେ ନାହିଁ । ଲାଗେ ଯେମିତି ପାଣି ବିନା ମାଛ, ସ୍ୱପ୍ନ ବିନା ଜୀବନ ଆଉ ତୁମ ବିନା ମୁଁ....... । ସବୁ ଦିନ

ଭାବେ ଆଜି ମୁଁ ତୁମକୁ ମୋ ମନର କଥା ଖୋଲି କହିଦେବି । କିନ୍ତୁ ଚେଷ୍ଟା କରି ମଧ୍ୟ ବନ୍ଧୁତ୍ୱ ସଂସ୍କାର ଚହୁଦିଗକୁ ଆଗକୁ ଯାଇପାରେ ନାହିଁ କିମ୍ବା ତୁମକୁ କିଛି ମଧ୍ୟ କହିପାରେ ନାହିଁ ।

ମୋର ଅନେକ ହୃଦୟ ଛୁଆଁ କଥାରେ ତୁମେ ହଁ ଭରିଦିଅ । ଏହା ମାଧ୍ୟମରେ ମୁଁ ମୋ ହୃଦୟରେ ଥିବା ଦୁର୍ବଳତାକୁ ତୁମ ଆଗରେ ପ୍ରକାଶ କରେ, ହେଲେ ତୁମେ ଜାଣି, ନ ଜାଣିଲା ଭଳି ଅଭିନୟ କର ।

କିନ୍ତୁ ମୋର ପ୍ରତି କଥାରେ ତୁମର ସେଇ ନିଃସର୍ତ୍ତ ହଁ ଭରା ଶବ୍ଦ ମୋ ମନରେ ନୂତନ ଆଶାର ରଙ୍ଗ ବୋଳିଛି ।

ମୁଁ ସର୍ବଦା ତୁମକୁ ସେଇ ଗୋଟିଏ ଶବ୍ଦ କହିବା ପାଇଁ ଚେଷ୍ଟିତ ରହିଲି । ଅନେକ ଚେଷ୍ଟା ଓ ସାଧନା ଫଳରେ ଅତ୍ୟନ୍ତ ସାହସ ସଞ୍ଚାର କରି ସେ ଦିନର ଗାଡିରେ ତୁମକୁ ମୁଁ ସେଇ ଗୋଟିଏ କଥା କହିଦେଲି ମୁଁ ତୁମକୁ ଭଲପାଏ ବେବୀ । ଆଇ ଲଭ୍ ୟୁ । ସେତେବେଳେ ଅପଲକ ନୟନରେ ତୁମେ ଚାହିଁ ରହିଥାଅ ମୋତେ । ନୀଳ ଆଖି ଦୁଇଟି ତମର ଏକ ବିଶୁଦ୍ଧ ଆଲୋକରେ ଚକମକ କରି ଉଠୁଥାଏ । କିନ୍ତୁ ତୁମେ ଥାଅ- ଆତ୍ମା ସମାହିତ ଆତ୍ମ ବିସ୍ମୃତ । ତମେ ମୋତେ ଦେଖୁଥିଲ ତୁମର ଘନ ନୀଳ ଆଖି ଯୋଡ଼ିକରେ । ତୁମେ ଦେଖୁଥିଲ ତୁମରି କଳ୍ପନାର ମୂର୍ତ୍ତିକୁ । ମୋ ମାଧ୍ୟମରେ ପ୍ରତିବିମ୍ବ ତମର ପୂର୍ବ କଳ୍ପିତ ପ୍ରେମ ମୂର୍ତ୍ତିକୁ । ତୁମେ ଅନୁଭବ କରୁଥିଲ ମୋ ଭିତରେ ଥିବା ଭଲପାଇବାକୁ । ଅନୁଭବ କରୁଥିଲ ମୋ ଭିତରର ରହସ୍ୟମୟ ପୁରୁଷତ୍ୱକୁ । ମୁଁ ଥିଲି କେବଳ ଏକ ନିମିତ୍ତ । ସେଥିପାଇଁ ତ ଆତୁରି ମଧ୍ୟ ମୋର ବିଦୂଷକର ବେଶ ତମ ମନରେ ଏକ ବ୍ୟଙ୍ଗ ଓ ବିଦ୍ରୁପର ଉପାହାସ ଜନ୍ମେଇବା ପରିବର୍ତ୍ତେ ଜନ୍ମ ଦେଇଥିଲା ଏକ ସ୍ୱତଃ ନିଃସାରି କୂପର ପ୍ରଥମ ଉଚ୍ଛ୍ୱସିତ ଜଳରାଶି ପରି ଏକ ବିଶୁଦ୍ଧ ପ୍ରେମାବେଗର ଦୁର୍ବାର ଆକାଂକ୍ଷାକୁ- । କିଛି ସମୟପରେ ମୁରୁକି, ମୁରୁକି, ହସି ହସି ନିକଟତର ହୋଇ ମୋ ଉପରେ ଅଜାଡ଼ି ହୋଇପଡ଼ି ଥିଲ.... ।

ବସନ୍ତ ଲିଭିଯିବ ଋତୁର ତାଲିକାରୁ ରଙ୍ଗ ଉଡ଼ିଯିବ ଫୁଲ ପାଖୁଡ଼ାରୁ...... । ତୁମେ ଆସିଥିଲ ମୋ ଜୀବନରେ ପରଦେଶୀ ଚଢେଇର ରଙ୍ଗ ନେଇ । କିନ୍ତୁ ସେଇ ରଙ୍ଗ ବସନ୍ତର ଶେଷରେ ବିଦାୟ ନେଉଥିବା ଫୁଲର ରଙ୍ଗ ସହିତ ହିଁ ବିଦାୟ ନେଇ ଉଡିଚାଲିଯାଇଛି । ସେଦିନ ତୁମେ ହଠାତ୍ ପରିସ୍ଥିତିରେ ପଡ଼ି ସ୍ଥିର କରିଥିଲ କଲିକତା ଫେରିଯିବାକୁ । କିନ୍ତୁ ସେ ଦିନ ଦୀପୁଭାଇ ମଧ୍ୟ ଘରେ ନଥାନ୍ତି । କୌଣସି ଏକ କାର୍ଯ୍ୟରେ ଗାଁ ପଳେଇ ଆସିଥାନ୍ତି ।

ମନେଅଛି ତମର ବେବୀ, ସେଇ ବିଦାୟ ମୁହୂର୍ତ୍ତର କଥା । ଭାଉଜଙ୍କ ଠାରୁ ବିଦାୟ ନେଲ ଏବଂ ତୁମକୁ ନେଇ ମୁଁ ଛାଡ଼ିବାକୁ ଯାଇଥିଲି ବସ୍ତା ଷ୍ଟେସନକୁ । ବାରମାଇଲ ଦୀର୍ଘ ଯାତ୍ରା ଭିତରେ ତମେ ପଦୁଟିଏ କଥା ବି କହିନଥିଲ । କେବଳ ମୋରି ହାତଟିକୁ ନେଇ ତମର ହାତ ଭିତରେ ଚାପିଧରି ଏକ ଅଚଳନ୍ତି ବିଷାଦ ପ୍ରତିମା ପରି ତମେ ସ୍ଥାଣୁ ହୋଇ ବସିରହିଥାଅ । ମୁଁ ମଧ୍ୟ କିଛି କହିପାରି ନଥିଲି । କାରଣ ତମର ଅନ୍ତହୀନ ବେଦନାର ନୀରବ ପ୍ରତିଧ୍ୱନୀ ଥିଲା ମୋରି ଭିତରେ । ଭାଷା କଣ କେବେ ଅନୁଭୂତିକୁ ଠିକ୍ ଭାବେ ପ୍ରକାଶ କରିପାରେ ? ଆମେ ଥିଲୁ ନିର୍ବାକ-ମୂକ । ଅଥଚ ଆମ ଭିତରେ ଅନବରତ ଅବିଶ୍ରାନ୍ତ ଭାବରେ ବହୁଥିଲା କଥାର ଝରଣା, ନିରବରେ, ଅଦୃଶ୍ୟରେ ।

ଡି.ଏମ୍.ୟୁ. ଏକ୍ସପ୍ରେସରେ ତମର କଲିକତା ଫେରିବାର କଥା । ରାତି ବାରଟାରେ ଟ୍ରେନ । ହାତରେ ପ୍ରଚୁର ସମୟ । କିନ୍ତୁ ତଥାପି କିଛି କହୁନଥିଲ ।

ନଭେମ୍ବର ମାସରେ ଶୀତ ପଡ଼ିଆସିଥାଏ । ପ୍ଲାଟଫର୍ମ ଥାଏ ନିର୍ଜନ । ପ୍ଲାଟଫର୍ମର ଗୋଟିଏ କୋଣକୁ ସିମେଣ୍ଟ ବେଞ୍ଚ ଉପରେ ଦୁଇଜଣ ହାତ ଧରା ଧରି ହୋଇ ବସିଥିଲା

ବେଳେ ହଠାତ୍ ବିସ୍ଫୋରିତ ହୋଇ ଉଠିଲ ତମେ । ସତେ ଯେମିତି ଏତେ ଦିନରେ ରୁଦ୍ଧ ବେଦନା ବିଗଳିତ ହୋଇ ଲୁହର ରୂପରେ ଝରିଆସିଲା ଅବିଶ୍ରାନ୍ତ ଭାବରେ ତମର ସେଇ ଲୁହର ବନ୍ୟା ମୋର ଛାତିକୁ ସଂପୂର୍ଣ୍ଣ ଭାବେ ଓଦା କରିଦେଉଥାଏ । ପ୍ଲାଟଫର୍ମର ନୀଳାଭ ଆଲୋକରେ ତମର ଘନକୃଷ୍ଣ କେଶ ଉପରେ ମୋର ଲୋତକ ବିନ୍ଦୁ ଗୁଡ଼ାକ ଶିଶିର ବିନ୍ଦୁପରି ଝଟକି ଉଠୁଥାଏ । ମଣିଷ କେତେ କାନ୍ଦିପାରେ-କେତେ ଲୁହ ଝରେଇ ପାରେ । ଅନେକ ସମୟ ପରେ ମୁଁ ହିଁ ପ୍ରଥମ କଥା ଆରମ୍ଭ କରିଥିଲି । ମୋ ଭାଷାରେ ନୁହେଁ- ପାଞ୍ଚ ହଜାର ବର୍ଷ ତଳର ଋଷି ଯାଜ୍ଞବଲ୍କଙ୍କ ଭାଷାରେ-

ଦେବୀ । ଦୈହିକ ବିଚ୍ଛେଦ ମଣିଷ ଜୀବନରେ ଅନ୍ତିମ ବିଚ୍ଛେଦ ନୁହେଁ ।

ତୁମେ ଜାଣିଛ ଦେବୀ । କେବଳ ସ୍ୱାମୀ ପାଇଁ ସ୍ୱାମୀ ପ୍ରିୟ ନୁହେଁ, ଆତ୍ମା ପାଇଁ ହିଁ ସ୍ୱାମୀ ପ୍ରିୟ । ସେହି ପରି ସ୍ତ୍ରୀ ପାଇଁ ସ୍ତ୍ରୀ ପ୍ରିୟ ନୁହେଁ ଆତ୍ମା ପାଇଁ ହିଁ ସ୍ତ୍ରୀ ପ୍ରିୟ ।

ଦେବୀ, ଏଇ ମହାମନ୍ତ୍ର ହିଁ ହିନ୍ଦୁ ପ୍ରେମର ସର୍ବଶେଷ କଥା । ପ୍ରେମିକ ପାଇଁ ପ୍ରେମିକ ପ୍ରିୟ ନୁହେଁ । ଦେବି ଆତ୍ମା ପାଇଁ ହିଁ ସେ ପ୍ରିୟ । କାରଣ ପ୍ରେମ ଆତ୍ମାର ଆହ୍ୱାନ । ତମ ଓ ମୋର ଏଇ ପ୍ରେମ ସେଇ ଘଟଣାର ପୁନରାବୃତ୍ତି ମାତ୍ର । ତା ନ ହୋଇଥିଲେ ଶହ ଶହ ମାଇଲରୁ ଆସି ମୋ ପାଖରେ ପହଞ୍ଚି ଯାଇଥାନ୍ତ କେମିତି ? ଆଉ ଦୁଃଖ କର ନାହିଁ ଦେବୀ- ଆମେ ଆଉ ଦୁଃଖ କରିବା ନାହିଁ । ଦୁଃଖ, ବେଦନା ଓ ଯନ୍ତ୍ରଣାର ଯାତ୍ରାତ ଅମୃତର ସନ୍ଧାନ ପାଇବା ପର୍ଯ୍ୟନ୍ତ । ତାପରେ ଦୁଃଖ କିଛିନାହିଁ । ସେଦୁଃଖ କେବଳ ଏକ- ଚିରନ୍ତନ ଆନନ୍ଦର ପ୍ରତିଛବି ।

ସେତେବେଳେ ଟ୍ରେନ ଆସିବାର ଦ୍ୱିତୀୟ ଘଣ୍ଟି ବାଜିସାରିଥାଏ । ପ୍ଲାଟଫର୍ମରେ ଲୋକ ଗହଳି ବଢ଼ିଯାଇଥାଏ ଦୂରରୁ ଦେଖାଯାଉଥାଏ ଏକ୍ସପ୍ରେସ୍ ଟ୍ରେନ୍‌ର ଆଲୋକ ।

ତୁମେ ମୋ କଥା ବୁଝିଥିଲ କି ନାହିଁ ଜାଣେନା କିନ୍ତୁ ତମେ ନୀରବ ହୋଇଯାଇଥିଲ । ତମ ଆଖିରେ ଆଉ ଅଶ୍ରୁ ନଥିଲା । କିନ୍ତୁ ଟ୍ରେନ ଆସିବାର ତୃତୀୟ ଘଣ୍ଟି ବାଜିଲାପରେ ତମେ ହଠାତ୍ ଚମକି ପଡ଼ି ମୋତେ ଖୁବ୍ ଜୋରରେ ଭିଡି ଧରି ମୋର ଛାତି ଉପରେ ମୁହଁ ରଖି ଉଦଗତ କୋହକୁ ଚାପି ଚାପି କହୁଥିଲ-

ମୁଁ ଯାଉଛି, କିନ୍ତୁ ଯିବା ମୁହୂର୍ତ୍ତରେ ଗୋଟିଏ ଅନୁରୋଧ ରଖିବ । କେବେ ବି ତମ ହୃଦୟରୁ ମୋତେ ବାହାର କରିଦେବ ନାହିଁ । ମୁଁ କିନ୍ତୁ କିଛି ମଧ୍ୟ କହିପାରୁ ନଥାଏ । କେବଳ ମୋର ଆଖିରେ ଆଖିଏ ଅଶ୍ରୁଧାର ବୋହିବାରେ ବ୍ୟସ୍ତ ଥିଲା । କିଛି କ୍ଷଣ ପରେ ଟ୍ରେନ ଭିତରକୁ ପଶିଗଲ । ତାପରେ ଟ୍ରେନଟି ସେ ସ୍ଥାନରୁ ତାର ଲକ୍ଷ୍ୟସ୍ଥଳକୁ ଯାତ୍ରା କଲା ।

ଶେଷରେ କେବଳ ତୁମରି ସେହି ଧିରସ୍ଥିର ହସ୍ତ ଟା ଟା କରୁଥିବା ହାତ ପାପୁଲିକୁ ହିଁ ଦେଖିବାକୁ ପାଇଥିଲି ଏବଂ କିଛି କ୍ଷଣ ପରେ ମୋ ଚକ୍ଷୁ ଦୃଷ୍ଟିରୁ ଅଦୃଶ୍ୟ ହୋଇଗଲ ।

ଏହାର ଦୁଇ ଦିନ ପରେ ମୁଁ ମଧ୍ୟ ବାଲିଆପାଳରୁ ଗାଁ କୁ ଫେରିଆସିଲି ।

ସେଇ ଘଟଣା ଆଜି ସୁଦ୍ଧା ମୁଁ ଭୁଲିପାରୁ ନାହିଁ । କେମିତି ଭୁଲିବି ? ପ୍ରଥମ ପ୍ରେମର ପ୍ରଥମ ସ୍ପର୍ଶକୁ ।

# ଏଇ ବୋଧେ ପ୍ରେମ

ଜନାର୍ଦ୍ଦନ ମହାନ୍ତ
+୨ ଦ୍ୱିତୀୟ ବର୍ଷ କଳା

ପ୍ରେମର ପରିଭାଷା ଭିନ୍ନ । ସ୍ଥାନ, କାଳ, ପାତ୍ର ଭେଦରେ ପ୍ରେମକୁ ଜନ୍ମ ନିଏ, ଜୀବନର ରୂପ, ରସ ଓ ରଂଗ । ପ୍ରେମର ଅଭାବରେ ଜୀବନରେ ଝଡ଼ ସୃଷ୍ଟି ହୁଏ, ମାତ୍ର ପ୍ରେମର ସାନ୍ନିଧ୍ୟରେ ମଣିଷ ହୋଇଉଠେ ଉଦାର, କୋମଳ.ସେଠାରେ ଚିହ୍ନା-ଅଚିହ୍ନା, ପର-ଆପଣାର ପ୍ରଶ୍ନ ଉଙ୍କିମାରେନାହିଁ । ପ୍ରକୃତ ପ୍ରେମ ବା ସ୍ୱର୍ଗୀୟ ପ୍ରେମରେ ନଥାଏ ଉଚ୍ଚ-ନୀଚର ଭେଦଭାବ । ନଥାଏ ସେଠି ଧନୀ-ଗରିବର ପାର୍ଥକ୍ୟ କି ନଥାଏ ସ୍ୱାର୍ଥର ଟିକିଏ ଚିହ୍ନ ବର୍ଣ୍ଣ, ନଥାଏ ସେଠି ବୟସର ସୀମା, ସେଠି କେବଳ ଥାଏ, ଦୁଇଟି ପବିତ୍ର ହୃଦୟର ମିଳନ ।

ଏ ଆଧୁନିକ ଯୁଗରେ ପ୍ରକୃତ ପ୍ରେମ ବା ସ୍ୱର୍ଗୀୟ ପ୍ରେମ ଦେଖିବାଟା ଅସମ୍ଭବ ପରି ମନେହୁଏ । ଆଧୁନିକ ଯୁଗର ପ୍ରେମରେ ଉଚ୍ଚ-ନୀଚର ଭେଦଭାବ, ଧନୀ-ଗରିବର ପାର୍ଥକ୍ୟ ଏବଂ ସ୍ୱାର୍ଥ ରହିବା ନିତାନ୍ତ ଆବଶ୍ୟକ, ଏସବୁ ବିନା ଯେମିତି ପ୍ରେମ ପ୍ରେମ ପରି ଲାଗେନି, ଆଉ ମନ ଓ ଆତ୍ମା ମଧ୍ୟ ସନ୍ତୋଷ ପାଇପାରେନି ଏବଂ ଦେହର ଭୋକ ମେଣ୍ଟି ପାରେନି । ଆଜିର ଏ ଆଧୁନିକ ଯୁଗର ଏହା ହିଁ ହେଉଛି ପ୍ରକୃତ ପ୍ରେମ । ଯୁଗ ବଦଳିବା ସଂଗେ ସଂଗେ ପ୍ରେମ କରିବାର ଶୈଳୀରେ ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହୁଏ । ଏ ସମାଜ ଦୃଷ୍ଟିରେ ଆଜିର ଏ ପ୍ରେମ ହୋଇପାରେ ପ୍ରକୃତ ପ୍ରେମ କାରଣ ପ୍ରେମ ସବୁବେଳେ ପବିତ୍ର ଓ ସ୍ୱର୍ଗୀୟ, ମୁଁ ଏହାକୁ ଅସ୍ୱୀକାର କରୁନି ପ୍ରେମ ପବିତ୍ର ଓ ସ୍ୱର୍ଗୀୟ ବୋଲି, କିନ୍ତୁ ଏତିକି ନିଶ୍ଚୟ ଲେଖିବି ଆଜିକାର ଅଧିକାଂଶ ପ୍ରେମ ହେଉଛି ସ୍ୱାର୍ଥର ପ୍ରେମ, ଏପରି ପ୍ରେମକୁ ପ୍ରକୃତ ପ୍ରେମ ବା ସ୍ୱର୍ଗୀୟ ପ୍ରେମର ଅର୍ନ୍ତଭୁକ୍ତ କରି ହୁଏନା । ମୁଁ ଏବେ ଆପଣମାନଙ୍କ ନିକଟରେ ଏପରି ଏକ ପ୍ରେମ କାହାଣୀ ଉପସ୍ଥାପନା କରିବି, ତାହା ଆପଣମାନଙ୍କ ହୃଦୟରେ କେମିତି ଭାବରେ ସ୍ଥାନ ପାଇବ ତାହା ମୁଁ ଜାଣିନି, ତଥାପି ଆଶା କରୁଛି ମୋର ଏହି କାହାଣୀ ଯଦି ସଂପୂର୍ଣ୍ଣ ଭାବରେ ପଢିବେ, ତାହାହେଲେ ମୋର ଏହି ପ୍ରେମ କାହାଣୀ ପାପ ନା ପବିତ୍ର ଆପଣମାନେ ନିଜେ ଜାଣିପାରିବେ । ମୋର ପ୍ରେମ କାହାଣୀ ଅନ୍ୟସବୁ ପ୍ରେମ କାହାଣୀ ଠାରୁ ନିଆରା ବା ସଂପୂର୍ଣ୍ଣ ଅଲଗା, ମୋର ପ୍ରେମରେ ଅନ୍ୟ ପ୍ରେମ ଭଳି ବନ୍ଧନର ମଧୁର ସଂପର୍କ ରହିଛି, ତଥାପି ମୋର ପ୍ରେମ ଟିକେ ଅନ୍ୟ ପ୍ରେମ ଠାରୁ ଭିନ୍ନ ଧରଣର । ଯେଉଁ ପ୍ରେମ କାହାଣୀ ଆଜି ମୁଁ ଆପଣମାନଙ୍କ ନିକଟରେ ଉପସ୍ଥାପନା କରିବାକୁ ଯାଉଛି, ତାକୁ ନିମ୍ନରେ ଲେଖିବାକୁ ଚେଷ୍ଟା କରୁଛି ।

ପ୍ରେମ କହିଲେ ମୁଁ ବା କଣ ବୁଝେ ବା ପ୍ରେମର ସଂଜ୍ଞା ମୁଁ ସଠିକ ଭାବରେ ନ ଜାଣିଲେ ମଧ୍ୟ ଏତିକି ନିଶ୍ଚୟ ଜାଣିଛି ଯେ, ପ୍ରେମ ପାଇଁ ଦୁଇଟି ମନ, ଦୁଇଟି ହୃଦୟର ଆବଶ୍ୟକ ପଡ଼ିଥାଏ । ମୋ ପ୍ରେମରେ ଅବଶ୍ୟ ଦୁଇଟି ହୃଦୟ ରହିଛି ସତ, ମାତ୍ର ମୋ ପ୍ରେମ ଅନ୍ୟାନ୍ୟ ପ୍ରେମଠାରୁ ଅଲଗା, କାରଣ ମୋ ପ୍ରେମରେ କୌଣସି ନାରୀ ବା କୌଣସି ନାୟିକାର ଅବିର୍ଭାବ ହୋଇନି । ମୋ ପ୍ରେମ ଏକ ସମଲିଙ୍ଗୀ ପ୍ରେମ । ଏ ସଂପର୍କକୁ ଏ ଦୁନିଆ ଖରାପ ଦୃଷ୍ଟିରେ ଦେଖିପାରେ ବା କାହାକୁ ଏକଥା ହଜମ ହୋଇନପାରେ, ତଥାପି ମୋତେ ଏ ପ୍ରେମ ବହୁ ମାତ୍ରାରେ ଶାନ୍ତି, ସୁଖ.... ଇତ୍ୟାଦି ଦେଇଛି । ମୋ ପ୍ରେମରେ ସ୍ୱାର୍ଥର ସ୍ଥାନ ନାହିଁ କି ବିଶ୍ୱାସଘାତକତାର ପ୍ରଶ୍ନ ଉଙ୍କିମାରେ ନାହିଁ । ମୋ ପ୍ରେମ ମୋ ପାଇଁ ଅମର, ସ୍ୱର୍ଗୀୟ ପବିତ୍ର ।

ମୁଁ ଯେତେବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲି, ସେତେବେଳେ ମୋର କେତେ ଜଣ ଘନିଷ୍ଠ ସାଙ୍ଗଙ୍କୁ କେତେ ଯେ ପ୍ରେମ ପତ୍ର ଲେଖି କରି ସାହାଯ୍ୟ କରିଛି, ତାର ହିସାବ ମୁଁ ଆଜି ପର୍ଯ୍ୟନ୍ତ ରଖିନି, ଏବେ ମଧ୍ୟ ମୋର କେହି ସଂର୍ପକୀୟ ଯଦି ମୋତେ ପ୍ରେମ ପତ୍ର ବିଷୟରେ ଲେଖିବାକୁ କହନ୍ତି, ତେବେ ମୁଁ ଅତି ଆନନ୍ଦର ସହିତ ଲେଖିବାକୁ ଅଗ୍ରସର ହୁଏ । ଏମିତି କେତେ ଯେ ସାଙ୍ଗଙ୍କୁ ଚିଠି ପତ୍ର ଲେଖିକରି ସାହାଯ୍ୟ କରିଛି, ସେଇ କଥା ମନେ ପଡ଼ିଲେ ଆଜି ମୁଁ ନିଜକୁ ବହୁତ ଗର୍ବିତ ମନେକରେ, କାରଣ ମୁଁ ଯେଉଁ ପ୍ରେମ ପତ୍ର ମୋ ସାଙ୍ଗମାନଙ୍କୁ ଲେଖିଦିଏ, ତାଙ୍କର ପ୍ରେମ ପ୍ରାୟତଃ କିଛିଦିନ, କିଛି ସମୟ ପାଇଁ ହେଲେ ମଧ୍ୟ ସଫଳ ହୋଇଥାଏ । ମୁଁ ଯେତେବେଳେ କ୍ଲାସ ଦଶମରେ ପଢୁଥାଏ ମୋ ପାଖକୁ ଗୋଟେ କ୍ଲାସ ନବମର ପିଲାଟି ଯାଇ ପହଞ୍ଚିଲା ଏବଂ ମୋତେ କହିଲା ଭାଇ ମୋ ପାଇଁ ଗୋଟେ ମୋ ପ୍ରେମିକା ଉଦ୍ଦେଶ୍ୟରେ ପ୍ରେମ ପତ୍ର ଲେଖିଦିଅ । ପ୍ରଥମେ ମୁଁ ସେଇ ନବମ ଶ୍ରେଣୀ ପିଲାଟିର ପ୍ରେମପତ୍ର ଲେଖିବିନି ବୋଲି ମନା କରି ଦେଇଥିଲି, କାରଣ ସେ ପିଲାଟି ମୋଠାରୁ ବୟସରେ ସାନ ଥିଲା ଏବଂ ସେଇ ପିଲାଟିକୁ ମୁଁ ମୋ ସାଇଭାଇ ପରି ଦେଖୁଥିଲି । ସେ ପିଲାଟି ବହୁତ ଅନୁରୋଧ କଲାପରେ, ତାର ପ୍ରେମ ପତ୍ର ଲେଖୁଥାଏ ଠିକ୍ ସେହି ସମୟରେ ସେ ପିଲାଟି ମୋତେ ପ୍ରଶ୍ନ କଲା ଭାଇ ମୁଁ ଶୁଣିଛି ତୁମେ ବହୁତ ଜଣଙ୍କୁ ପ୍ରେମ ପତ୍ର ଲେଖି ସାହାଯ୍ୟ କରିଛ, ମୋତେ ଦୟାକରି କହିବ କି ? ତୁମେ ନିଶ୍ଚୟ କାହାକୁ ନା କାହାକୁ ପ୍ରେମ କରିଥିବ ନହେଲେ ଏପରି ଭାଷା ବା ଏପରି ଲେଖା ବା କିପରି ଲେଖୁଛ? ପିଲାଟି ଏହି ପ୍ରଶ୍ନ କଲାକ୍ଷଣି, ମୋ ହାତରେ କଲମଟି ସେହି ପ୍ରେମପତ୍ର ଉପରେ ପଡ଼ିଗଲା, ଆଉ ମୁଁ ତାର ପ୍ରେମପତ୍ର ଲେଖି ପାରିଲିନି । ତାକୁ ମୁଁ ମୋ ସାମ୍ନାରୁ ଚାଲିଯିବାକୁ କହିଲି । ସେଦିନ ସେଇ ପିଲାଟିର ପ୍ରଶ୍ନ ମୋତେ ବ୍ୟସ୍ତ କରିଦେଇଥିଲା । ସତରେ ମୁଁ କାହାକୁ କଣ ଭଲ ପାଏନି ? ଏପରି ପ୍ରଶ୍ନ ନିଜେ ମୁଁ ନିଜକୁ କରିବାକୁ ଲାଗିଲି । ତାପରେ ଅନ୍ୱେଷଣ କରିବାକୁ ଲାଗିଲି, ମୁଁ ମୋର ପ୍ରେମକୁ । ସେଦିନ ସେ ପିଲାଟିର ପ୍ରଶ୍ନ ମୋ ପାଇଁ ଆନନ୍ଦରେ ବଞ୍ଚିବାର ନୂଆ ଏକ କିରଣ ଦେଇଥିଲା । ସେଦିନର ସେଇ ନବମ ଶ୍ରେଣୀର ପିଲାଟି ମୋତେ ପ୍ରେମ କରିବାର ପ୍ରେରଣା ଯୋଗେଇ ଦେଇଥିଲା । ସେଇ ପିଲାଟି ପାଇଁ ଆଜି ମୁଁ ପ୍ରେମର ପୂଜାରୀ ।

ବର୍ତ୍ତମାନ ଏ ବିଜ୍ଞାନ ଯୁଗରେ ପ୍ରେମ କରିବାକୁ ହେଲେ କେତେ ଗୁଡାଏ ଜିନିଷ ନିତାନ୍ତ ଆବଶ୍ୟକ ପଡ଼ିଥାଏ । ପ୍ରଥମରେ ସାଙ୍ଗରେ ଗାଡ଼ି ଥିବ ତା ସହିତ ଦାମିକା Mobile ଏବଂ Purse ରେ ଟଙ୍କା ହଜାରେ କି ଦୁଇ ହଜାର ଥିବ ଏବଂ ଦ୍ୱିତୀୟତଃ ମଝିରେ ମଝିରେ ଉପହାରର ଆବଶ୍ୟକ ମଧ୍ୟ ପଡ଼ିଥାଏ । ଏତିକି ଜିନିଷ ଥିଲେ ପ୍ରେମ କିଛିଦିନ ପାଇଁ ହେଲେ ଆଗକୁ ଯିବ । ଯଦି ଟଙ୍କା ଅଛି, ଆଜିକା ସମାଜରେ ପ୍ରେମ ମଧ୍ୟ ଅଛି ଯଦି ଟଙ୍କା ନାହିଁ ତେବେ ପ୍ରେମ ମଧ୍ୟ ନାହିଁ । ଆଜିକା ଦୁନିଆରେ ଟଙ୍କା ପଇସାରେ ମାପି ହୁଏ ପ୍ରେମର ଗଭୀରତା । ଆପଣମାନେ ନିହାତି ଶୁଣୁଥିବେ ଜାଣୁଥିବେ ବା ଖବରକାଗଜରେ ପଢୁଥିବେ, ପ୍ରତ୍ୟେକ ଦିନ ଖବର କାଗଜର ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ଯୌତୁକ ନିର୍ଯ୍ୟାତନା, ବଧୂ ହତ୍ୟା ଇତ୍ୟାଦି ଦେଖିବାକୁ ମିଳେ, କଣ ପାଇଁ ଏ ସମାଜରେ ଏପରି ପରିସ୍ଥିତି ସୃଷ୍ଟି ହୁଏ, ତାହା ସବୁ କେବଳ ଟଙ୍କା ପାଇଁ ସୃଷ୍ଟି ହୁଏ । ଟଙ୍କାର ଅଭାବରେ ହସଖୁସିର ସଂସାର ଉଜୁଡ଼ିଯାଏ ଏବଂ ଏ ସମାଜ ନର୍କଠାରୁ ବି ହୀନ ପରି ଲାଗେ, ଏପରି ପରିସ୍ଥିତି ସୃଷ୍ଟି ହୁଏ ସାଂସାରିକାହେଲା ପରେ

ମାତ୍ର ସାଂସାରିକ ହେବା ପୂର୍ବରୁ ଗୋଟିଏ ଗରିବ ଘରର ଝିଅ ଧନୀ ଘରର ପୁଅକୁ ପ୍ରେମ କରିବାକୁ ଇଚ୍ଛା କରିଥାଏ ଏବଂ ଗୋଟିଏ ଧନୀ ଘରର ଝିଅକୁ ଗରିବ ଘରର ପୁଅ ପ୍ରେମ ଦ୍ୱାରା ପାଇବାକୁ ଆଶା କରିଥାଏ । ସେ ଗରିବ ଘରର ପୁଅ ପାଖରେ ଧନ ଥାଉ କି ନଥାଉ, ତଥାପି ସେ ଆଶା କରେ ଧନୀ ଘରର ସେଇ ଝିଅଟିକୁ, ସେଇ ଗରିବ ଘରର ପୁଅଟିକୁ ସେ ଧନୀ ଘରର ଝିଅଟିକୁ ପାଇବାକୁ ପାଇ କାହା ପାଖରୁ ଗାଡ଼ି ମାଗି ନେଇ ଯାଏ ତ କାହା ପାଖରୁ ମୋବାଇଲ ନେଇଯାଏ, ତାପରେ ଯଦି ତା ପାଖରେ ପଇସାର ଅଭାବ ହୁଏ, ତେବେ ସେ ଚୋରି କରିବାକୁ ମଧ୍ୟ କୁଣ୍ଠାବୋଧ କରେ ନାହିଁ । ଏପରି ସେ କରିଥାଏ, କେବଳ ସ୍ୱାର୍ଥକୁ ଆଖିରେ ରଖି, ମାତ୍ର ଏସବୁ ମିଛ ଅଭିନୟ ଯଦି ସାମ୍ନାକୁ ଚାଲି ଆସେ ବା ସତକଥା ଜଣାପଡ଼ିଲେ ତେବେ ସେ ପ୍ରେମ ଭାଙ୍ଗିଯାଏ । ପ୍ରେମ ବଦଳରେ ସେମାନଙ୍କ ମଧ୍ୟରେ ଶତ୍ରୁତା ଆସ୍ତେ ଆସ୍ତେ ଜନ୍ମ ନିଏ । ଶେଷରେ ବହୁତ ଭୟଙ୍କର ପରିସ୍ଥିତି ସୃଷ୍ଟି ହୁଏ । ଏମିତିକି ଜୀବନ ନେବା ଓ ଦେବା ଉପରକୁ ମଧ୍ୟ କଥା ଚାଲିଯାଏ ।

ଏ ଜୀବନର ରଙ୍ଗିନ ରଙ୍ଗମଞ୍ଚରେ ମୋର ଦ୍ୱାରା ମିଛ ଅଭିନୟ ହେବନି ବୋଲି ମୁଁ ଆଜିଯାଏ କୌଣସି ଝିଅର ପ୍ରେମରେ ପଡ଼ିନି । ଏମିତିକି ବେଶି ନ ହେଲେ ଜଣେ କି ଦୁଇ ଜଣ ଝିଅ ହେଲେ ମୋତେ ଭଲ ପାଇବାର ପ୍ରସ୍ତାବ ଦେଇଛନ୍ତି କିନ୍ତୁ ମୁଁ ତାଙ୍କ ପ୍ରସ୍ତାବରେ ରାଜି ନୁହେଁ କି ଅରାଜି ନୁହେଁ । କାରଣ ଯଦି ତାଙ୍କ ପ୍ରସ୍ତାବରେ ରାଜି ହେବି, ତେବେ ସେମାନେ ଜନମ ଜନମ ସାତ ଜନମ ପାଇଁ ସାଥି ହୋଇ ଚାଲିବାର ପ୍ରତିଶ୍ରୁତି ଦେଇ ଅଧା ବାଟରେ ଆଉ କାହା ହାତକୁ ଧରିଯିବାର ଯଥେଷ୍ଟ ସମ୍ଭାବନା ଅଛି, କାରଣ ମୁଁ ବର୍ତ୍ତମାନ ସୁଦ୍ଧା ନିଜକୁ ଆତ୍ମନିର୍ଭରଶୀଳ କରିପାରିନି । ଆଉ ଜଣଙ୍କ ବୋଝ ବା ମୁଁ କିପରି ମୁଣ୍ଡେଇବି । ଯଦି ତାଙ୍କ ପ୍ରସ୍ତାବରେ ଅରାଜି ହେବି, ତେବେ ସେ ଝିଅର ଆତ୍ମାକୁ ବହୁତ ଶକ୍ତ ଧୋକା ଲାଗିବ, ତେଣୁ ମୁଁ କିଛି କରିନପାରି ନିରୁପାୟ ହୋଇଯାଏ । ମୁଁ ସେ ଝିଅର ପ୍ରସ୍ତାବରେ ରାଜି ହେଲେ ବି କିଛି କହେନାହିଁ ଓ ଅରାଜି ହେଲେ ମଧ୍ୟ କିଛି କହେ ନାହିଁ ।

ଏମିତିବି ମୋ ପାଖରେ ପ୍ରେମ କରିବା ପାଇଁ ଗାଡ଼ି ନଥିଲା । କି ମୋବାଇଲ ଏବଂ ଟଙ୍କା ମଧ୍ୟ ଯଥେଷ୍ଟ ମାତ୍ରାରେ ନଥିବାରୁ ମୁଁ ପ୍ରେମରୁ ଦୂରେଇ ରହିବାକୁ ପସନ୍ଦ କରୁଥିଲି । କିନ୍ତୁ ଶେଷରେ ମୋ ଜୀବନରେ ଏକ ନୂଆ ଆଲୋକ ଦେଖାଦେଲା ଓ ମୋ ଜୀବନର ଗତିପଥ ବଦଳିଗଲା । ମୁଁ କେତେବେଳେ ଯେ ପ୍ରେମରେ ପଡ଼ିଗଲି ବର୍ତ୍ତମାନ ସୁଦ୍ଧା ଜାଣିପାରୁନି ସେବି ମୋଠାରୁ ବୟସରେ ବଡ଼ ଏକ ଭଦ୍ରବ୍ୟକ୍ତିଙ୍କ ସହିତ, ସେ ମୋତେ ଆଗରୁ ଅବଶ୍ୟ ସ୍ନେହ କରୁଥିଲେ ମାତ୍ର ଯେତେବେଳେ ମୁଁ ତାଙ୍କ ସହିତ ବେଶୀ ସମୟ ବେଶୀଦିନ କଟେଇଲି ସେତେବେଳେ ମୋତେ ତାଙ୍କର ସ୍ନେହ ମୋ ହୃଦୟରେ ଏମିତି ଭାବରେ ଜାଗା କରିଦେଲା, ତାକୁ ପାସୋରି ଦେବାଟା ଅସମ୍ଭବ ପରି ମନେହୁଏ । ଅତ୍ୟଧିକ ମିଳାମିଶା, ଅତ୍ୟଧିକ କଥାବାର୍ତ୍ତାରୁ ଜନ୍ମ ନେଲା ମୋର ପ୍ରେମ, ସେଇ ଭଦ୍ରବ୍ୟକ୍ତିଙ୍କ ଅତ୍ୟଧିକ ସ୍ନେହ ମୋ ପାଇଁ ପ୍ରେମ । ଏଭଳି ଏକ ପ୍ରେମକୁ ଏସମାଜ ଗ୍ରହଣକରୁ କି ନକରୁ ହେଲେ ମୁଁ ମୋ ପ୍ରେମକୁ ମୋ ହୃଦୟର ଏକ ସ୍ୱତନ୍ତ୍ର ଆସନରେ ପ୍ରତିଷ୍ଠିତ କରି ପୂଜା କରୁଛି । ମୋ ପ୍ରେମରେ ଛଳନା ନାହିଁ କି ସ୍ୱାର୍ଥ ମଧ୍ୟ ନାହିଁ । ମୋ ପ୍ରେମରେ ଉପହାର ମଧ୍ୟ ଆବଶ୍ୟକ ପଡେନି ଯଦି କେବେ କିଛି ଆବଶ୍ୟକ ହୁଏ, ତେବେ ତାହା ଖୋଲା ମନର ଦୁଇ ପଦ କଥା, ଏହା ହିଁ ମୋର ପ୍ରେମ କିନ୍ତୁ ଆଜିର ଏ ଆଧୁନିକ ସମାଜରେ ପ୍ରେମମାନେ ପାପ, କାରଣ ଆଜିର ଏ ପ୍ରେମରେ ପାପ ମାତ୍ରା ଅଧିକ ଥିବାରୁ

ସେ ପ୍ରେମ ପବିତ୍ର ବା ସ୍ୱର୍ଗୀୟ ହୋଇପାରେନି । ଯଦି ସବୁ ପ୍ରେମ ପବିତ୍ର ବା ସ୍ୱର୍ଗୀୟ ହୋଇପାନ୍ତା, ତେବେ କେବେ ଯେ କେଦାର-ଗୌରୀର ଅର୍ବିଭାବ ହୋଇଥାନ୍ତା, ତାର ହିସାବ ରଖିହୁଅନ୍ତା ନାହିଁ । ଆଜିର ସମାଜରେ କେବେ କେମିତି ପାରୋ-ଦେବଦାସ ଭଳି ପ୍ରେମ ଦେଖିବାକୁ ମିଳେ ।

ଏ ଦୁନିଆରେ ପ୍ରେମ ଦ୍ୱାରା ସବୁ ସମ୍ଭବ । ପ୍ରେମରେ ଏ ଦୁନିଆ ବନ୍ଧା, ସେଥିପାଇଁ କଥାରେ ଅଛି, LOVE CAN MOVE MOUNTAIN ପ୍ରେମ ବିଷୟରେ କହିଲେ ବା ଲେଖିଲେ ବହୁତ କିଛି ଲେଖି ହେବ କିନ୍ତୁ ବେଶୀ ଲେଖିଲେ ଆପଣମାନଙ୍କୁ ପଢିବାକୁ Bore ଲାଗିପାରେ ତେଣୁ ମୋର ଛୋଟ ଭାଇ, ଭଉଣୀଙ୍କୁ ଉପଦେଶ ଏବଂ ବଡ଼ ବଡ଼ ଭାଇ, ଭଉଣୀଙ୍କୁ ଅନୁରୋଧ, ପ୍ରେମ କରନ୍ତୁ, ପ୍ରେମ କରିବାକୁ ମନା ନାହିଁ ବା ପ୍ରେମ କରିବା ପାଇଁ କାହାର ଅନୁମତି ନେବାକୁ ପଡ଼େନାହିଁ । କିନ୍ତୁ ପ୍ରେମରେ ଯେମିତି ପାପ ନରହୁ, ନରହୁ ସେଠି ସ୍ୱାର୍ଥ ସେଠି ଥାଉ କେବଳ ଦୁଇଟି ପବିତ୍ର ହୃଦୟର ମିଳନ । ମୋ ପ୍ରେମ ପାପ ନା ପବିତ୍ର, ତାହା ଆପଣମାନେ ହିଁ କହିପାରିବେ । ଏହା କାହାଣୀ ନୁହେଁ, ଏ ମୋର ହୃଦୟର କଥା ହୃଦୟରେ ସାଇତି ରଖିଥିବା କଥା ଆଜି ମୁଁ ଶ୍ରଦ୍ଧାଞ୍ଜଳି ମାଧ୍ୟମରେ କହିଦେଲି, ହେଲେ ଜାଣେନି ଏ ସମାଜ ଏହାକୁ ଗ୍ରହଣ କରିବ ନା କରିବ ନାହିଁ । ତଥାପି ମୋ ପାଇଁ ମୋ ପ୍ରେମ ପବିତ୍ର । ଜଣାନାହିଁ ମୋତେ କାହାଣୀ ବା ଗଳ୍ପ ଲେଖିବାର ଶୈଳୀ, ସେଥିପାଇଁ କ୍ଷମା ଆଶାକରେ.... ଯଦି ଆଜି ସେଇ ନବମ ଶ୍ରେଣୀର ପିଲାଟିକୁ ପାଇଥାନ୍ତି, ତେବେ ମୁଁ ମୋର ପ୍ରେମ ତାକୁ କହିପାରିଥାନ୍ତି । Feel my Love & Write.

LOVE NOT TO ME, HATE NOT TO ME, IF POSSIBLE FORGET ME NOT.

-000-



## ମୋ ପ୍ରିୟ Computer.

*ସ୍ୱାତୀ ସୁଚରୀତା ଦାସ*
+ ୩ତୃତୀୟ ବର୍ଷ କଳା
ରାଜନୀତି ବିଜ୍ଞାନ ସମ୍ମାନ

ତୁମବିନା ଏ ଜୀବନ
ସତରେ ଯେମିତି Incomplete
ତୁମେ ମୋ ଜୀବନର ପ୍ରଥମ ପ୍ରେମ
ତୁମେ ସୁନ୍ଦର, ତୁମେ Sweet
ସତରେ ସବୁକିଛି ସଜେଇ ରଖିଛ
ତୁମେ ତୁମ Heart ମଧ୍ୟରେ
ତୁମେ ହିଁ ଦେଖୁଛ ମୋତେ
ମୋ ଜୀବନର ନୂଆ Scope.
ତୁମେ ହିଁ ଏବଂ କେବଳ ତୁମେ ହିଁ
ମୋ ବଞ୍ଚିବାର Hope
ତୁମ ଦ୍ୱାରା ହିଁ ମୋ ଜ୍ଞାନ
ହେଉଛି More and More
ତୁମେ ଆଉ କେହି ନୁହେଁ
ତୁମେ ମୋ ପ୍ରିୟ Computer

-000-

## ଶେଷ ଚିଠି

: ସମ୍ଭୁ କାର୍ଜୀ
(+୨ ଦ୍ୱିତୀୟ ବର୍ଷ କଳା)

ଟିକିଏ ସମୟ
ଦେଇ ଚିହ୍ନି ଚିହ୍ନି ଚିଠିଟା ପଢ଼ିବ
ଅନୁରୋଧ ମୋର ।
ବ୍ୟବଧାନ ବଢ଼ିଗଲେ
ଅଚିହ୍ନା ଅଚିହ୍ନା ଲାଗେ
ପରିଚିତ ହାତର ଅକ୍ଷର ।

-000-

## ସଂଜ୍ଞା

ଦେବଜାନୀ ଆଚାର୍ଯ୍ୟ
+୩ ପ୍ରଥମ ବର୍ଷ ବିଜ୍ଞାନ(ସମ୍ମାନ)

ପ୍ରେମ ଏକ ପରୀକ୍ଷା
ଯୁଗ ଯୁଗର ଅପେକ୍ଷା
ପ୍ରେମ ଏକ ମଧୁର ବାସ
ଦିଏ ନାହିଁ ଦେଖା
ପ୍ରେମ ଏକ ବିଶ୍ୱାସ
ମୂଳ ଦୁଆ ସ୍ନେହତାର
ପ୍ରେମ ଏକ ରାସ୍ତା
ହୁଏ ନାହିଁ ଶେଷ ଯାହାର
ପ୍ରେମ ଏକ ମୁହୂର୍ତ୍ତ
ଅବୁଝା ଅନୁଭବ
ପ୍ରେମର ନାହିଁ ଶେଷ
ଅଛି କେବଳ ଆରମ୍ଭ
ପ୍ରେମ ଏକ ପ୍ରତିଜ୍ଞା
ହୁଏ ନାହିଁ ମିଛ
ପ୍ରେମ ଏକ ଭକ୍ତି
ହୁଏ ନାହିଁ ତୁଛ
ପ୍ରେମ ଏକ କଳ୍ପନା
ବାସ୍ତବର ସେତୁ
ପ୍ରେମ ଏକ ଫଗୁଣ
ବିଶ୍ୱାସର ଋତୁ ।

-000-

## ହୋଇଥାନ୍ତି କି ମୁଁ....

*ଦେବଶ୍ରୀ ଛାଟିଆ*
+ ୨ ପ୍ରଥମ ବର୍ଷ କଳା

ହୋଇଥାନ୍ତି କି ମୁଁ ଗଛଟିଏ
ମୋ ଡାଳରେ କେତେ ଜାତି ଜାତି ପକ୍ଷୀ
ଗଢୁଥାନ୍ତେ ଛୋଟ ନୀଡଟିଏ ।
ହୋଇଥାନ୍ତି ଜହ୍ନ ମାମୁଁ ଟିଏ,
ଢାଳିଥାନ୍ତି ଶୀତଳ ଜୋଛନା
ଖୁସି ହୋଇଥାନ୍ତା ପିଲାଟିଏ ।
ହୋଇଥାନ୍ତି କି ମୁଁ ଫୁଲଟିଏ
ବଗିଚା ଭିତରେ ଗଛର ଡାଳରେ
ସୁବାସ ରଙ୍ଗରେ ମନ ମୋହେ ।
ହୋଇଥାନ୍ତି ଯଦି ମହୁମାଛି
ଉଡି ଯାଉଥାନ୍ତି ମନ ଆନନ୍ଦରେ
ଫୁଲରୁ ଫୁଲକୁ ବାଛି ବାଛି
ହୋଇଥାନ୍ତି ଛୋଟ ପ୍ରଜାପତି
ଫୁଲ ବଗିଚାରେ ଉଡି ବୁଲୁଥାନ୍ତି
ମଧୁ ପିଇ ଗାଇ ମଧୁଗୀତ ।
ହୋଇଥାନ୍ତି ଛୋଟ ଝରଣାଟି
କୁଳୁ କୁଳୁ ଗୀତ ନିତି ଗାଉଥାନ୍ତି
ବଣ ମୂଲକ ମୋ ସାଙ୍ଗ ସାଥୀ ।



-୦୦୦-

## ଅବୁଝା ମନ

*ଶତାବ୍ଦୀ ବେହେରା*
ଶେଷ ବର୍ଷ କଳା ଛାତ୍ରୀ

ଏମିତିକା ଦିନ ନାହିଁ
ଯେ ଦିନରେ ତୁମ ପାଇଁ ଜାଗିନାହିଁ କମ୍ପନ,
ଏମିତିକା ରାତି ନାହିଁ
ଯେ ରାତିରେ ଦେଖିନାହିଁ ତୁମକୁ ମୁଁ ସପନ,
କହିବାକୁ କେତେ କଥା ଥିଲା ସିନା ବାକି ।
ତୁମକୁ ଏବେ ବି ଖୋଜେ ମୋର ଏ ଦୁଇ ଆଖି ।
କେମିତିବା ଭୁଲିଯାଇ ରହିଲ ମଉନ
ଭଲ ପାଇବା ତୁମର ଥିଲା କି ଛଳନା ।
ଜାଣି ନ ପାରି ମୁଁ ତୁମ ହାତେ ସାଜିଲି ଖେଳନା
ଭୁଲିବାକୁ ଚାହିଁଲେ ବି ଏ ମନ ଭୁଲି ପାରେନା ।

-୦୦୦-

## ବିଦାୟ ବେଳା

*ଆନନ୍ଦ ଚନ୍ଦ୍ର ଗିରି*
+୨ ଦ୍ୱିତୀୟ ବର୍ଷ, ବାଣିଜ୍ୟ

ଜାଣିଥାନ୍ତି ଯଦି
ବିଦାୟ ବେଳାରେ
ବେଦନା ମିଳଇ ଏତେ
ସମ୍ପର୍କର ସେତୁ ବାନ୍ଧି ମୁଁ ନ ଥାନ୍ତି
ନିଃ ସଙ୍ଗତା ମିଳୁ ଯେତେ ।
କେମିତି ଜାଣିବ ତୁମେ
ବିଦାୟ ବେଳାରେ ମୁଁ
କେମିତି କାଟିଛି ଦିନ ରାତି ମୋର
ଆଖିରେ ମୋ ଲୁହ ତ ନ ଥିଲା
ଝରୁଥିଲା ଲହୁ ଧାର ଧାର ।

-୦୦୦-

## କେବଳ ତୁମେ



*ଦୀପକ କୁମାର ବିଶ୍ୱାଳ*
+୩ ପ୍ରଥମ ବର୍ଷ ବିଜ୍ଞାନ
ପ୍ରାଣୀ ବିଜ୍ଞାନ(ସମ୍ମାନ)

ମୁଁ ଆଖି ଖୋଲିଦେଲେ, ସ୍ୱପ୍ନ ଟାଳିଯାଏ
ମୋର ଭାବନା ସରିଗଲେ, ବାସ୍ତବ ଉଙ୍କିମାରେ
ତୁମେ ଚାଲିଗଲେ, ମୁଁ ନିହାତି ହାରିଯାଏ ।
ବାସ୍ତବରେ" ମୁଁ ତୁମକୁ ଭଲପାଏ ।"
ମୋର ରକ୍ତ ବାହାରିଲେ, ତୁମର ଲୁହ ବୋହିଆସେ
ମୁଁ ପରାଜିତ ହେଲେ, ତୁମଠୁ ପ୍ରେରଣା ଝରିଆସେ
ମୁଁ ଉପସ୍ଥିତ ନ ଥିଲେ, ତୁମ ହୃଦ୍‌ସ୍ପନ୍ଦନ ବଢିଯାଏ ।
" ସତରେ, ମୁଁ କେବଳ ତୁମର ।"
ମୁଁ ଅଭିନୟ କଲେ, ତୁମେ ଡରିଯାଅ
ମୁଁ ବିରକ୍ତ ହେଲେ, ତୁମେ ଦୂରେଇଯାଅ
ଆଉ ମମତାର ଗଙ୍ଗା ଢାଳିଲେ, ତୁମେ ଲାଜେଇ ଯାଅ
" ଉହୁଁ, ତୁମେ ମୋର ଲାଜେଇ ପ୍ରିୟା",
ମୁଁ ଦୁନିଆକୁ ଦେଖୁଛି ତୁମରି ଆଖିରେ
ମୋର ଆବେଗକୁ ମାପୁଛି, ତୁମ ହୃଦୟରେ
ଭବିଷ୍ୟତକୁ ପାଦ ବଢାଉଛି ତୁମ ଭରସାରେ ।
" ଜାଣିଛି, ଆମେ ଦୁହେଁ କେବଳ ପରସ୍ପରର !"

-୦୦୦-

## ତୁମେ ପଚାରିଲ

ବରୁଣ କୁମାର ଆଚାର୍ଯ୍ୟ
+୩ ଦ୍ୱିତୀୟ ବର୍ଷ ବାଣିଜ୍ୟ(ସମ୍ମାନ)



ତୁମେ ପଚାରିଲ,
କହିପାରିବ
କାହିଁକି ଏତେ କାମ୍ୟ
ଏହି ପୃଥିବୀ?
ମୁଁ କହିଲି,
ଏଠି ମୁହୂର୍ତ୍ତକରେ
ପାର୍ଥିବ ହୋଇଯାଏ ଅପାର୍ଥିବ
ମୃଣ୍ମୟ ହୋଇଯାଏ ଚିନ୍ମୟ
ସମୟ ହୋଇଯାଏ ସମୟହୀନ
ଏବଂ—ତୁମେ ସୂର୍ଯ୍ୟୋଦୟର
ମୃଦୁ ଚୁମ୍ବନଟିଏ
ସୂର୍ଯ୍ୟାସ୍ତର
ନିରାଟ ସତ୍ୟଟିଏ ।
ସୂର୍ଯ୍ୟୋଦୟ ପୂର୍ବରୁ ଓ ସୂର୍ଯ୍ୟାସ୍ତ ପରେ
ତମେ ସତରେ ନିରବଛିନ୍ନ
ଶୀତ ରାତିଟିଏ ।





## ପ୍ରେମ

ରାଜ କୁମାର ପ୍ରଧାନ
+୩ ଦ୍ୱିତୀୟ ବର୍ଷ କଳା(ସମ୍ମାନ)

ପ୍ରେମ ନୁହେଁ ଏକ କାଚର କଣ୍ଢେଇ
ପଡିଗଲେ ଭାଙ୍ଗିଯିବ ।
ପ୍ରେମ ନୁହେଁ ଏକ ଉଡନ୍ତା ଚଢେଇ
ଆକାଶରେ ଉଡିଯିବ ।
ପ୍ରେମ ନୁହେଁ ଏକ ପ୍ରସ୍ତାବନା
ଯାହା ମନର ସମ୍ବିଧାନକୁ ଜାଣିଥିବ ।
ସବୁତ ସରିବ ଦୁନିଆ ମରିବ
ପ୍ରେମ ତ ସରିବ ନାହିଁ ।
ସେହି ପ୍ରେମ ଦିନେ ପାଗଳ କରିବ
ତୁମକୁ ଦେଖିବ ବୋଲି ।

0----0

## ଆଉ ନୁହେଁ

ସୁରେଖା ନାଥ
+୩ ଶେଷବର୍ଷ କଳା

ଏଥର ତୁମେ ଯାଅ-
ତୁମର ଆଙ୍ଗୁଳାରେ ଭରିସାରିଛି ମୁଠାଏ ପ୍ରେମର ଶସ୍ୟ
ପୂରିଯାଇଛି ପ୍ରେମର ପରମାୟୁ ।
ଗୋଟିଏ ପ୍ରେମର ଦାନାପାଇଁ
ମୋତେ ଫସଲ କରିବାକୁ ପଡେ
ଅନେକ ଋତୁ ସମ୍ମୋହନର
ସେଇ ବର୍ଷାରେ ଚିରି ହୋଇଯାଏ
ଆଷାଢରେ ମୋର ହୃଦୟ-
ଅପେକ୍ଷା କରିବାକୁ ହୁଏ
ସ୍ୱପ୍ନ ମାନଙ୍କୁ ଆଲିଙ୍ଗନର ହଜାରେ ମୁଦ୍ରାରେ



ରାତି ରାତି ଭିଜିବାକୁ ହୁଏ
ଆବେଗର କାତର ବର୍ଷାରେ
ଥରିବାକୁ ହୁଏ ଏକା ଏକା
ଜହ୍ନର ମାତାଲ ଆଚରଣ
ଏତେ ବେଶି ପକ୍ଷପାତି ଭାବ୍ୟ ।

## ସ୍ମୃତି

ରଶ୍ମି ରେଖା ଫଡୁକାର
+୩ ଶେଷ ବର୍ଷ କଳା



ହଜିଲା ମଣିଷ ହାଏ ଛାଡିଯାଏ
ଗୋଟି ଗୋଟି ସ୍ମୃତି
ଭଅଁସ ଅନ୍ଧାରେ ଯେଣୁ
ମନେ ପଡେ ମିଠା ଜହ୍ନରାତି,
ଝରଣାର ମନକଥା ବୁଝେନାହିଁ
କୂଳର ପଥର । ମଥାପିଟି ଫେରିଯାଏ ସମୁଦ୍ରର ଢେଉ
ତୁମରି ସ୍ମୃତିର ରଙ୍ଗ ଧୋଇଯିବ
ବେଳ ଥାଉ ଥାଉ

## ପରହିତ



*ଅନିନ୍ଦିତା ମହାନ୍ତି*
+୩ ଦ୍ୱିତୀୟ ବର୍ଷ ବିଜ୍ଞାନ

ଦୀପ ଯେବେ ଜଳେ ଦୀପାଳି ହୋଇ,
ଦୁନିଆ ଅନ୍ଧାର ହଟାଏ ।
ଛୋଟ ତାର ସେଇ ଛୋଟିଆ ଜୀବନ,
ପରହିତ ପାଇଁ ଲଗାଏ ।
ନିଜତଳ ସିଏ ଅନ୍ଧାର ରଖଇ,
ପରକୁ ଯୋଗାଇ ଆଲୁଅ ।
ପରହିତ ହେଲା ପରମ ସୌଭାଗ୍ୟ,
ତା ଠାରୁ ଅଧିକ କିଏ ଜାଣିବ ।
ସେଥିପାଇଁ ସେ ଦେବା ଦେବିଙ୍କର,
ପରମ ପ୍ରିୟ ହୋଇ ରହିଛି ଚିରନ୍ତର ।
ଏଥିପାଇଁ ସେ ଶିକ୍ଷାଦିଏ ସଭିଙ୍କୁ,
ପରହିତ ନିତି କର ।
ତା ଠାରୁ ଅଧିକ ଦାନୀ ଦରିଦ୍ର,
ଅଛି କେ ଦୁନିଆରେ ।
ତଥାପି ତାହାର ଦୁଃଖ ନାହିଁ,
ହସି ହସି ଜଳି ଝରିଯାଏ ।
ତିଳ ତିଳ କରି ଲୋକହିତ କରି,
ଆଜି ସେ ହୋଇଛି ଅମର ।
ତେଣୁ ସେ କହୁଛି ଅମର ହେବାକୁ,
ମନକର ଯେବେ ପରହିତ ନିତିକର ।

ଇତି



## ଖରାଛୁଟି

*ଶ୍ରୀ ଦିପକ କୁମାର ମହ*
+୨ ପ୍ରଥମ ବର୍ଷ କ

ପରୀକ୍ଷା ସରିଲା ଖରାଛୁଟି ହେଲା
ପଙ୍ଖାରେ ଆଉ କି ମନ
ଖରାବେଳଟାରେ ବୁଲିବା ପାଇଁ ମନ ହୁଏ ଛନ, ଛନ
ଖରାଦିନ ଛୁଟି ମାମୁଁ ଘର ବୁଲା
ଅଜା, ଆଈ ଗାଁ ମଜା
ଆଈ ବାଢି ଦିଏ ଦହି ଓ ପଖାଳ
ସୋଜନା ସାଗ ଭଜା ।
ଖରା ଲେଉଟିଲେ ଗାଁ ପଡିଆରେ
ଜମି ଉଠେ ପିଲା ମେଳ,
ଡୁ ଡୁ ଖେଳରେ ଗଛ ଛାଇ ମୂଳେ
ବୋହୁ ବୋହୁକା ଖେଳ ।
ଖରାଦିନ ଛୁଟି ସାଙ୍ଗ ସାଥି ହୋଇ
ମାସକେ କରନ୍ତି ଭଜି ।
ଗାଁ ଦାଣ୍ଡେ ପୁଣି ଲୁଚକାଳି ଖେଳ
ମଜା ଲାଗେ ଡହୁରାଡି,
ଖେଳା, ବୁଲା ସାରି ସାଙ୍ଗ ସାଥି ମେଳ
ଖରାଦିନଟା ଯାଏ ବିତି
ବଡ ହୋଇଗଲେ ମନେ ରହିଯାଏ
ଛୁଟିର ମଧୁର ସ୍ମୃତି ।

ଇତି

# ବାଡି ବଗିଚାରେ ଆମ ଡାକ୍ତର

ଗୀତାଞ୍ଜଳି ସେଠ୍
+୩ ପ୍ରଥମ ବର୍ଷ ବିଜ୍ଞାନ

ବାଡି ବଗିଚାରେ ଆମର ଡାକ୍ତର ଜାଣିଥିଲେ ତାର ଗୁଣ,
ନିଜେ ଉପକାର ପାଇବା ସହିତ ଆସିବ ଅନ୍ୟର କାମ ।
ଛୋଟ ଘାସଟିଏ ଦୁବ ସିନା ତାର ଗୁଣ ଅଟଇ ଅଶେଷ,
ନାକରକ୍ତ ଝାଡା ପାଇଁ ଦୁବରସ ସାଙ୍ଗରେ ଗୋଲ ମରିଚ ।
କିଛି ଦହି ଆଠ ଚାମଚ ରସକୁ ତିନି ଥର ଏକ ଦିନେ,
ବଡ ମଣିଷଙ୍କୁ ଦେବ ସାନପିଲା କରିଦେବ ଅଧାପାନେ ।
ନାକରୁ ପଡିବ ରକତ ଯେବେରେ ପାଞ୍ଚଟୋପା ପାଞ୍ଚଦିନ,
ଦିନକରେ ଦୁଇଥର ପକାଇଲେ ପାଇବ ନିଶ୍ଚେ ଆରାମ ।
ଗୋଡ ହାତ ଯେବେ ଫୁଲିଯାଉଥିବ ଦୁବରସ ଓ ମରିଚ,
ଦୁଇଥର ଦେବ ଅନୁମାନ ଅବେ ପାଞ୍ଚରୁ ଆଠ ଚାମଚ ।
ତୁଳସୀ ପତର ବଡ ଉପକାରୀ ଖାଲି ପେଟେ ନିତି ଖାଅ,
ଥଣ୍ଡା, କାଶ, ଜ୍ୱର, ଟନ୍‌ସିଲ ପାଇଁ ନଥିବ କେବେ ହେଁ ଭୟ ।
ଅଦାରସ, ମହୁ, ତୁଳସୀର ରସ ଛଅ ଚାମଚଟି ନେବ,
ଚାଟି ଚାଟି ଆଙ୍ଗୁଳିରେ ଖାଇଦେବ କଫରୁ ଆରାମ ହେବ ।
ଧଡଧଡ ହେଉଥିବ ଯେବେ ଛାତି ଅଦା ମିଶାଇବ ନାହିଁ,
ସ୍ମରଣ ଶକତି ବଢାଏ ତୁଳସୀ ତା ଗୁଣ ସରିବ ନାହିଁ ।
ମ୍ୟାଲେରିଆ ଜ୍ୱର ପାଇଁ ଉପକାରୀ ଗଙ୍ଗ ଶିଉଳିର ପତ୍ର,
ଖାଲିପେଟେ ମହୁ ମିଶାଇ ଖାଇବ ଦୁଇଥର ଦିନେ ମାତ୍ର ।
ଅମର ପୋଇଟି ବଡ ଉପକାରୀ ଡାଇରିଆ ଝାଡା ପାଇଁ,
ବଡ ପତ୍ର ଏକ ପଡିଶି ମରିଚ ବାଟିଣ ଦେବ ପିଆଇ ।
ଛୋଟ ପିଲା ହେଲେ ଅଧା ଅନୁପାନ ସାଲାଇନ କାମ କରେ,
ପରିସ୍ରା ଅଟକ, ପରିସ୍ରା ପୋଡାକୁ ବାଟିଦେବ ନାହିଁ ଡରେ ।
ବାଡି ବଗିଚାରେ ଆମର ଡାକ୍ତର ରୋଗକୁ ଡରିବା ନାହିଁ,
ନିଜେ ଉପକାର ପାଇବା ସହିତ ଅନ୍ୟକୁ ଦେବା ବତାଇ ।

# ନୂତନ ବର୍ଷର ଅଭିନନ୍ଦନ

ସୁଶାନ୍ତି ମୁର୍ମୁ
+୨ ପ୍ରଥମ ବର୍ଷ

ନବ ବର୍ଷ ଆଣି ଦେଉ
ତୁମ ପାଇଁ ନୂତନ ପ୍ରେରଣା ।
ଭୁଲିଯାଅ ପୁରୁଣାର ସ୍ମୃତି
ଅତୀତର ଦୁଃଖ ଓ ଯନ୍ତ୍ରଣା ।
ନୂଆ ନୂଆ ଆଶାରେ ଭରିଉଠୁ
ଇଚ୍ଛା ତୁମ ମନେ ଯେତେ ଅଛି ।
ଆଗେଇ ଯାଅ ନୂତନତାର ସନ୍ଧାନେ
ସାଥେ ନେଇ ପୁରୁଣା ସାଥୀ ।
ନୂତନ ସୂର୍ଯ୍ୟର କିରଣ ଆଭାରେ
ଦୂର ହେଉ ରାଗ ଅହଂକାର ।
ସଂକୀର୍ଣ୍ଣତା ମଧ୍ୟେ ଗଢିଉଠୁ
ସ୍ନେହ ମମତାର ପ୍ରାଚୀର ।
ସଦା ତୁମ ଚଲାପଥେ
ବୃଷ୍ଟି ହେଉ ପୁଷ୍ପର ବିଛଣା ।
କରୁଣାମୟ ଭଗବାନଙ୍କ ଠାରେ
ତୁମ ପାଇଁ ମୋର ଏତିକି ପ୍ରାର୍ଥନା ।

-୦୦୦-

## ଏକ ନଦୀ-ଦୁଇ ଧାର

ଗଣେଶ ବେହେରା

ରକ୍ତ ପାଣି କରି,
ଶୁଖିଲା ସ୍ତନର କ୍ଷୀର ଦେଇ
ମଥା ଆଉଁସି
ମୋ ଗାଲରେ ଚୋକ ଦେଇ
ଯେ କହେ- ଧନରେ ଯା ସ୍କୁଲ୍ ବେଳ
ହେଲାଣି
ସେ ମୋର ମାଆ ।
ଫୁଟନ୍ତା ରକ୍ତକୁ ହୃଦରେ ସାଇତି
ଉଦାମ ଯୌବନକୁ ଲୁଚାଇବା
ଅପଚେଷ୍ଟା କରି
ଗାଲରେ ଚୁମା ଦେଇ
ଛାତିରେ ହାତ ଥୋଇ
ଯେ କହେ ମୋ ରାଣ ନିଶ୍ଚୟ ଆସିବ,
ସେ ମୋର ପ୍ରିୟତମା ।



## ମା' ପରି କିଏ ହେବ

ଦେବାଶିଷ ଦାସ
+2 2nd Year Sc,



ମା' ପରି କିଏ ହେବ
ହଜି ଯାଇଥିଲେ କନ୍ଦେଇ ମୋର
ଖୋଜି ଆଣି କିଏ ଦେବରେ
ମା' ପରି କିଏ ହେବରେ ।
ଖାଇ ନ ଥିଲେ ସେ ଖୁଆଇ ଦେବ
କେତେ ଖୁସି ଗପ କହିରେ
ଗୀତ ଗାଇ ମୋତେ ଶୁଆଇଦିଏ
